

ୟାମି-ଇମ୍ରାନ୍
'ଫାଷ୍ଟ ଟାଇମ୍'
▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-86 •FRIDAY •19 SEPTEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୮୬ •ଶୁକ୍ରବାର •୧୯ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ଗାଁ ଧୋଇନେଲା ବାଦଲଫଟା ବର୍ଷା

### ୧୦ ନିଖୋଜ, ମସୌରୀରେ ଫସିଛନ୍ତି ୨୫୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ

**ଉତ୍ତରାଖଣ୍ଡରେ ପ୍ରକୃତିର ତାଣ୍ଡବ**



■ **ନୂଆଦିଲ୍ଲୀ, ୧୮।୯ (ଏଜେନ୍ସି):** ଦେଶରୁ ମୌସୁମୀରେ ଲେଉଟାଣି ଆରମ୍ଭ ହୋଇଥିବା ବେଳେ ଉତ୍ତରାଖଣ୍ଡରେ ଦ୍ୱିତୀୟ ଦିନ ପାଇଁ ବାଦଲଫଟା ବର୍ଷା ହୋଇଛି। ଗତକାଲି ରାତିରେ ଚାମୋଲୀ ଜିଲ୍ଲାର ନନ୍ଦାନଗର ଘାଟିରେ ବାଦଲଫଟା ବର୍ଷା ହୋଇଥିଲା। ଏଥିରେ ଗୋଟିଏ ଗାଁ ଭାସିଯାଇଥିବା ବେଳେ ନିକଟବର୍ତ୍ତୀ କୁନ୍ତ୍ରି ଲଙ୍ଗାଫଲି ୱାର୍ଡରେ ୬ଟି କୋଠାଘର ଭୁଶୁଡ଼ି ପଡ଼ିଛି। ୧୦ ଜଣ ଲୋକ ନିଖୋଜ ଅଛନ୍ତି। ଏପର୍ଯ୍ୟନ୍ତ ୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍ ଓ ଜିଲ୍ଲାର ଅନ୍ୟ ଟିମ୍ ଗୁଡିକ ଘଟଣାସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ତରଫରୁ ଆମ୍ବୁଲାନ୍ସ ପଠାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ଡେରାଡୁନ ଓ ମସୁରୀକୁ ସଂଯୋଗ କରୁଥିବା ୩୫ କିମି ରାସ୍ତାରେ ଏକାଧିକ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି। ଫଳରେ ମସୌରୀରେ ୨୫୦୦ ପର୍ଯ୍ୟଟକ କ୍ରମାଗତ ତୃତୀୟ ଦିନ ପାଇଁ ଫସି ରହିଛନ୍ତି। ସେପଟେ ହିମାଚଳ ପ୍ରଦେଶରେ ମୌସୁମୀ ଜନିତ ବର୍ଷା, ବନ୍ୟା ଓ ଭୂସ୍ଖଳନ ଯୋଗୁଁ ମୃତ୍ୟୁ ସଂଖ୍ୟା ୪୧୯ରେ ପହଞ୍ଚିଛି। ଉତ୍ତରାଖଣ୍ଡ ଓ ହିମାଚଳରେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ସେହିପରି ଗୁରୁବାର ସକାଳୁ ପୁଣିଥରେ ବୈଷ୍ଣୋଦେବୀ ଯାତ୍ରା ଆରମ୍ଭ ହୋଇଛି। ବର୍ଷା ଓ ଖରାପ ପାଗ ଯୋଗୁଁ ଏହି ଯାତ୍ରା ୨୨ ଦିନଧରି ସ୍ଥଗିତ ଥିଲା। ଉତ୍ତରପ୍ରଦେଶରେ ୪୧ଟି ଜିଲ୍ଲାରେ ପୁଣି ବର୍ଷା ହେବ ବୋଲି ▶ପୃଷ୍ଠା-୭

## ପ୍ରଥମ ଦିନରୁ ବିଧାନସଭା ଗରମ

### ଅନାସ୍ଥା ଆଣିଲା କଂଗ୍ରେସ; ସମର୍ଥନ ଦେଲା ସିପିଏମ୍

■ **ଭୁବନେଶ୍ୱର, ୧୮।୯ (ସମିସ):** ଗୁରୁବାର ଆରମ୍ଭ ହୋଇଛି ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ। ପ୍ରଥମ ଦିନରୁ ହିଁ ବିଧାନସଭା ସରଗରମ ହୋଇଛି ଓ ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ଆଣିଛି ଅନାସ୍ଥା ପ୍ରସ୍ତାବ। ୧୫ ଜଣ ବିଧାୟକଙ୍କ ଦସ୍ତଖତ ଥିବା ଅନାସ୍ଥା ପ୍ରସ୍ତାବ ନୋଟିସକୁ

**ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ ସମସ୍ତଙ୍କର ନଜର**

କଂଗ୍ରେସ ବିଧାନସଭା ସଚିବଙ୍କ ଜରିଆରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ପ୍ରଦାନ କରିଛି। ଏହି ଅନାସ୍ଥା ପ୍ରସ୍ତାବକୁ ସିପିଆଇ(ଏମ) ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ମଧ୍ୟ ସମର୍ଥନ କରିଛନ୍ତି। ଏହା ସହିତ ସମର୍ଥନ ଦେବାକୁ କଂଗ୍ରେସ ମଧ୍ୟ ବିଜେଡିକୁ ଅନୁରୋଧ କରିଛି। ତେବେ ଅନାସ୍ଥା ସମ୍ପର୍କରେ ବାଚସ୍ପତି କିମ୍ବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇନାହିଁ। ଅନାସ୍ଥାର ବୈଧତା ନେଇ ବାଚସ୍ପତି ନିଷ୍ପତ୍ତି ଉପରେ ସମସ୍ତଙ୍କର ନଜର ରହିଛି। କଂଗ୍ରେସର ଏହି ନିଷ୍ପତ୍ତି ରାଜ୍ୟ ରାଜନୀତିକୁ ଉଷ୍ମ କରିଥିବା ବେଳେ ବଳକା ୬ ଦିନର ଗୃହକାର୍ଯ୍ୟ ବେଶ୍ ସରଗରମ ରହିବ ବୋଲି ଆକଳନ କରିଛନ୍ତି ରାଜନୈତିକ ସମୀକ୍ଷକ।

ଗୁରୁବାର ଗୃହ ମୁଲତବୀ ହେବା ପରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ କଂଗ୍ରେସ ବିଧାୟକମାନେ ଅନାସ୍ଥା ପ୍ରସ୍ତାବ ନୋଟିସ ବିଧାନସଭା ସଚିବଙ୍କ ଜରିଆରେ ବାଚସ୍ପତିଙ୍କୁ ପ୍ରଦାନ କରିଥିଲେ। ପରେ କଂଗ୍ରେସ ବିଧାୟକ ଦଳ ନେତାଙ୍କ ନେତୃତ୍ୱରେ ବରିଷ୍ଠ ବିଧାୟକ ତାରା ▶ପୃଷ୍ଠା-୭

### ଠିକ୍ ସମୟରେ ନିଆଯିବ ଠିକ୍ ନିଷ୍ପତ୍ତି: ବିଜେଡି

■ **ଭୁବନେଶ୍ୱର, ୧୮।୯ (ସମିସ):** ସରକାରଙ୍କ ବିରୋଧରେ କଂଗ୍ରେସର ଅନାସ୍ଥା ପ୍ରସଙ୍ଗରେ ବିଜେଡି ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବ ବୋଲି କହିଛନ୍ତି ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ସେ କହିଛନ୍ତି ଯେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଥିବା ଶୁଣୁଛୁ। ଆଜି ଏ ସଂକ୍ରାନ୍ତରେ ସେମାନେ ନୋଟିସ ଦେଇଛନ୍ତି। ବାଚସ୍ପତି ତାହାକୁ ଗ୍ରହଣ କରିବେ କି ନାହିଁ ଏବଂ କେବେ ଏହା ଉପରେ ଆଲୋଚନା ହେବ ସେ ବିଷୟରେ ଆମେ ଅବଗତ ନାହୁଁ। ବାଚସ୍ପତି ଆଗ ଅନାସ୍ଥାକୁ ଗ୍ରହଣ କରନ୍ତୁ; ତା'ପରେ ଦଳ ଠିକ୍ ସମୟରେ ନିଷ୍ପତ୍ତି ନେବ। ଅନାସ୍ଥା ବିଷୟରେ ଏଯାଏ କୌଣସି ଆଲୋଚନା ହୋଇନାହିଁ ବୋଲି ପ୍ରସନ୍ନ କହିଛନ୍ତି।



### କ'ଣ ରହିଛି ନିୟମ

■ **ଭୁବନେଶ୍ୱର, ୧୮।୯ (ସମିସ):** କଂଗ୍ରେସ ବିଧାନସଭାରେ ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପରେ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଛି। ତେବେ ସଂସଦୀୟ କାର୍ଯ୍ୟପ୍ରଣାଳୀରେ ଅନୁଭବ ରଖୁଥିବା ବିଶେଷଜ୍ଞଙ୍କ ଅନୁଯାୟୀ ଗୃହର ଅଧ୍ୟକ୍ଷ ତଥା ବାଚସ୍ପତି ଅନାସ୍ଥା ଗୃହରେ ଆଗତ ହେବ ନା ଅଗ୍ରାହ୍ୟ ହେବ, ସେ ସଂକ୍ରାନ୍ତରେ ନିଷ୍ପତ୍ତି ନେବେ। ଯଦି ବାଚସ୍ପତି କୌଣସି କାରଣରୁ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦିଅନ୍ତି, ତାହେଲେ ପ୍ରକ୍ରିୟା ଆଗକୁ ବଢ଼ିବ ନାହିଁ। ନଚେତ୍ ଆସନ୍ତାକାଲି ବାଚସ୍ପତି ଅନାସ୍ଥା ପ୍ରସ୍ତାବ ସପକ୍ଷରେ କେତେଜଣଙ୍କର ସମର୍ଥନ ରହିଛି, ସେନେଇ ଗୃହରେ ▶ପୃଷ୍ଠା-୭

## ଭାରତ ଉପରୁ ଉଠିପାରେ ଟ୍ରମ୍ପ ଟାରିଫ୍

### ୨୫% ଜୋରିମାନା ବାବଦ ଅତିରିକ୍ତ ଶୁଳ୍କ ହଟିବ

■ **ନୂଆଦିଲ୍ଲୀ, ୧୮।୯ (ଏଜେନ୍ସି):** ଆମେରିକା ପକ୍ଷରୁ ଭାରତ ଉପରେ ଲାଗୁ କରାଯାଇଥିବା ୨୫ ପ୍ରତିଶତ ବାଣିଜ୍ୟ ଶୁଳ୍କ ବା ଟାରିଫ୍ ଖୁବ୍ ଶୀଘ୍ର ହଟିବ। ଏହାଛଡା ପାରସ୍ପରିକ ଶୁଳ୍କ ୧୦ରୁ ୧୫% ପର୍ଯ୍ୟନ୍ତ ହ୍ରାସ ହେବ। ସମ୍ଭବତଃ ନଭେମ୍ବର ଶେଷ ବା ଡ଼ିସେମ୍ବର ପ୍ରଥମ ସପ୍ତାହରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇପାରେ ବୋଲି କହିଛନ୍ତି ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ। ଏହା ସହ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ଅଗ୍ରଗତି ନେଇ ମଧ୍ୟ ସଙ୍କେତ ପ୍ରଦାନ କରିବା ସହ ରୁଷରୁ ତେଲ କିଣାକୁ ନେଇ ଟ୍ରମ୍ପ ପ୍ରଶାସନ ଭାରତ ଉପରେ ଲାଗୁ କରିଥିବା ୨୫% ଅତିରିକ୍ତ ଟାରିଫ୍ ହଟାଇବା ସଂକ୍ରାନ୍ତ ଘୋଷଣା ଶୀଘ୍ର କରିବ। କଲକାତାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସେ ଏହି ସୂଚନା ପ୍ରଦାନ କରିଛନ୍ତି।

ସେ କହିଛନ୍ତି ଆଗାମୀ ୮ରୁ ୧୦ ସପ୍ତାହ ମଧ୍ୟରେ ଆମେରିକା ଶୁଳ୍କ ସମସ୍ୟାର ସମାଧାନ ହୋଇଯିବ। ଏକ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଦୁଇ ଦେଶ ମଧ୍ୟରେ ଆଲୋଚନାରେ ପ୍ରଗତିର ସଙ୍କେତ ମିଳିଛି। ଯାହା ପ୍ରାୟ ୫୦ ବିଲିୟନ ଡଲାର ମୂଲ୍ୟର ଭାରତୀୟ ରପ୍ତାନି ଉପରେ ଚାପ ହ୍ରାସ କରିବାକୁ ସକ୍ଷମ ହେବ। ଆମେରିକା ପ୍ରଥମେ ଭାରତ ଉପରେ ୨୫% ପାରସ୍ପରିକ ଶୁଳ୍କ ଲାଗୁ କରିଥିଲା; କିନ୍ତୁ ରୁଷୀୟ ତେଲ କ୍ରୟ ପ୍ରସଙ୍ଗରେ ଦଣ୍ଡ ସ୍ୱରୂପ ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ କରିଛି। ଫଳରେ ଏହା ଭାରତ ଉପରେ ମୋଟ ଶୁଳ୍କ ୫୦%କୁ ବୃଦ୍ଧି ପାଇଛି। ବିଭିନ୍ନ ଅନ୍ତର୍ନିହିତ ସମସ୍ୟାର ସମାଧାନ ପାଇଁ ଆମେରିକା ଏବଂ ଭାରତ ସରକାରଙ୍କ ମଧ୍ୟରେ ବ୍ୟାପକ ଆଲୋଚନା ଚାଲିଛି।

ଭାରତ ଉପରେ ଆମେରିକାର ୨୫% ପ୍ରତିଶୋଧମୂଳକ ଶୁଳ୍କ ଏବଂ ରୁଷରୁ ତେଲ କିଣିବା ପାଇଁ ଦଣ୍ଡ ସ୍ୱରୂପ ୨୫% ଶୁଳ୍କ ଯୋଗୁଁ ମୋଟ ଶୁଳ୍କ ୫୦%ରେ ପହଞ୍ଚିଛି ଏବଂ ଏହା ୮୫,୦୦୦ କୋଟି ଟଙ୍କା ମୂଲ୍ୟର ଭାରତର ରପ୍ତାନିକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ମଙ୍ଗଳବାର ଭାରତର ମୁଖ୍ୟ ବାଣିଜ୍ୟ ଆଲୋଚନାକାରୀ ତଥା ବାଣିଜ୍ୟ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲ ଆମେରିକାର ବାଣିଜ୍ୟ ପ୍ରତିନିଧି ବ୍ରେଣ୍ଡନ ଲିଞ୍ଚଙ୍କୁ ଭେଟିଥିଲେ। ଆମେରିକାର ପ୍ରତିନିଧିମଣ୍ଡଳ ଚଳିତମାସ ୧୬ରେ ▶ପୃଷ୍ଠା-୭

## ଜଙ୍ଗଲରେ ଗୋରୁ ଚରାଇବାରୁ ମାଡ଼

### ଅସ୍ତ୍ରଶସ୍ତ୍ର ଧରି ବନ ବିଭାଗ ଅଫିସ୍ ଘେରିଲେ ଆଦିବାସୀ

■ **ଶରତ/କପ୍ତିପଦା, ୧୮।୯ (ସମିସ):** ଜଙ୍ଗଲରେ ଗୋରୁ ଚରାଇବାରୁ ନିସ୍ତୁକ ମାଡ଼ ମାରିଲେ ବନ କର୍ମଚାରୀ। ସେତିକିରେ ନିର୍ଯାତନା ସରିଲାନି ଯେ ବିଳମ୍ବିତ ରାତିରେ ପୁଣି ଗାଁରେ ପଶି ସେମାନଙ୍କୁ ମାଡ଼ ମାରି ଲହୁଲୁହାଣ କରିବା ସହ ଜୋରଜବରଦସ୍ତ ସେମାନଙ୍କ ଛେଳି, କୁକୁଡ଼ା ଓ ବତକ ନେଇ ପଳାଇଲେ। ଏ ସଂପର୍କରେ ଅଭିଯୋଗ କଲେ ବି ପୁଲିସ ଶୁଣିଲାନି। ତେଣୁ, ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ବନ ବିଭାଗ ଅଫିସ୍ ଘେରିଲେ। କପ୍ତିପଦା ବ୍ଲକ୍ ଲାବଣ୍ୟଦେଇପୁର ପଞ୍ଚାୟତରେ ଆଜି ଏଭଳି ଏକ ଘଟଣା ଘଟିଛି। ପାଖାପାଖି ୨ ଜହାରରୁ ଊର୍ଦ୍ଧ୍ୱ ଆଦିବାସୀ ନିଜର ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଆଜି କଟୁରିଆ ବନବିଭାଗ କାର୍ଯ୍ୟାଳୟ ଘେରାଉ କରିଛନ୍ତି।



ଏହାସହ ସେମାନେ କପ୍ତିପଦା-ଶରତ-ଠାକୁରମୁଣ୍ଡା ରାସ୍ତା ଅବରୋଧ କରିବାରୁ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷୀକେଶ ନାୟକ ଘଟଣାସ୍ଥଳରେ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ କରିଥିଲେ। ପୁଲିସ୍ ଆନ୍ଦୋଳନକାରୀମାନଙ୍କୁ ହଟାଇବାକୁ ଚେଷ୍ଟା କରିବାରୁ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ଭଳି ପରିସ୍ଥିତି ଉପୁଜିଥିଲା। ତେବେ କପ୍ତିପଦା ରେଞ୍ଜର୍ ଅଚ୍ୟୁତାନନ୍ଦ ଦାଶଙ୍କ ପ୍ରତିଶ୍ରୁତି ପରେ ପରସ୍ଥିତି ଶାନ୍ତ ପଡ଼ିଥିଲା। ▶ପୃଷ୍ଠା-୭

## ନିଶ୍ଚେତକ ଦେବା ପରେ ଅସ୍ତ୍ରୋପଚାର ମେସିନ ଅଚଳ

### ଅଚେତ ଅବସ୍ଥାରେ ୭ ଘଣ୍ଟା ଶୋଇ ରହିଲେ ୨୭ ମହିଳା

■ **ବରଗଡ଼, ୧୮।୯ (ସମିସ):** ନିଶ୍ଚେତକ ଦେବା ପରେ ଅଚଳ ହୋଇଗଲା ଅସ୍ତ୍ରୋପଚାର ମେସିନ୍। ଜଣେ କି ଦୁଇଜଣ ନୁହେଁ, ସମୁଦାୟ ୨୭ଜଣ ମହିଳା ସେମିତି ୭ ଘଣ୍ଟା ଧରି ବେଡ୍ ଉପରେ ଅଚେତ ଅବସ୍ଥାରେ ପଡ଼ି ରହିଲେ। ଏପଟେ, ଭୟ, ଆଶଙ୍କା ମଧ୍ୟରେ ସେମାନଙ୍କ ପରିବାରଲୋକ ଘାଣ୍ଟି ଚକଟି ହେଲେ। ବିଭିନ୍ନ ସମୟରେ ବିବାଦରେ ରହିଆସୁଥିବା ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆଜି ପୁଣି ଏମିତି ଏକ ସାଂଘାତିକ ଅଭିଯୋଗ ଆସିଛି। ଏହାକୁ ନେଇ ବୁଦ୍ଧିଜୀବୀମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଜିଲ୍ଲାର ସ୍ୱାସ୍ଥ୍ୟସେବା ଉପରେ ସେମାନେ ପ୍ରଶ୍ନ ଉଠାଇଛନ୍ତି।



ସୂଚନାନୁଯାୟୀ, ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ପାଇଁ ଇଚ୍ଛୁକ ଥିବା ପ୍ରାୟ ୩୦ ମହିଳା ଆଶାଦିଦିମାନଙ୍କ ମାଧ୍ୟମରେ ଆଜି ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ, ସବୁ କିଛି ଠିକଠାକ୍ ଚାଲିଥିଲା। ଡାକ୍ତର ମଧ୍ୟ ଠିକ୍ ସମୟରେ ପହଞ୍ଚି ଅସ୍ତ୍ରୋପଚାର ପ୍ରକ୍ରିୟା ଆରମ୍ଭ କରିଦେଇଥିଲେ। ସମସ୍ତଙ୍କୁ ପ୍ରଥମେ ଆନେସ୍ଥିସିଆ ଦିଆଯିବା ପରେ ଜଣଜଣ କରି ଅସ୍ତ୍ରୋପଚାର ଆରମ୍ଭ କରାଯାଇଥିଲା। ମାତ୍ର, ୩ଜଣଙ୍କ ଅସ୍ତ୍ରୋପଚାର ସାରି ଚତୁର୍ଥ ବେଳକୁ ମେସିନ୍ ଅଚଳ ହୋଇଗଲା। ଏହା ଦେଖି ଅସ୍ତ୍ରୋପଚାର କରୁଥିବା ଡାକ୍ତରଜଣଙ୍କ ଘାବରେଇ ଯାଇଥିଲେ। ତରବରିଆ ଭାବେ ସେ ଅସ୍ତ୍ରୋପଚାର କକ୍ଷରୁ ବାହାରି ଚାଲିଯାଇଥିଲେ। ବାହାରେ ଅପେକ୍ଷା କରିଥିବା ମହିଳାଙ୍କ ସମ୍ପର୍କୀୟ କିଛି କହିବା ପୂର୍ବରୁ ଡାକ୍ତର ନିଜଆଡୁ କହିଥିଲେ ଯେ ମେସିନ ଅଚଳ ହୋଇଯାଇଛି ଏବଂ ଏବେ ଆଉ ଅସ୍ତ୍ରୋପଚାର ହୋଇପାରିବ ନାହିଁ। ଆପଣମାନେ ଆପଣଙ୍କ ସଂପର୍କୀୟଙ୍କୁ ଅନ୍ୟତ୍ର ନେଇଯାଆନ୍ତୁ, ନ ହେଲେ ଅନ୍ୟ ଦିନ ଆଣିବେ। ସେମାନେ ଭିତରକୁ ଯାଇ ଦେଖିବା ବେଳକୁ ୱାର୍ଡ ଭିତରେ ଗୋଟେଗୋଟେ ବେଡ୍‌ରେ ଦୁଇରୁ ତିନିଜଣ ମହିଳା ଅଚେତ ଅବସ୍ଥାରେ ଶୋଇ ରହିଥିଲେ। ମୋଟ ୨୭ଜଣ ମହିଳା ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ଏହା ଦେଖି ଅଭିଭାବକମାନଙ୍କ ▶ପୃଷ୍ଠା-୭

## ସିପି ଅଫିସରେ ଥିଲା ଶୁଭମିତ୍ରାଙ୍କ ମୃତଦେହ

■ **ଭୁବନେଶ୍ୱର, ୧୮।୯ (ସମିସ):** ମହିଳା କନେଷ୍ଟବଳ ଶୁଭମିତ୍ରା ହତ୍ୟା ଘଟଣାର ପର୍ଦ୍ଦାଫାସ ହେବା ପରେ ଗୋଟିଏ ପରେ ଗୋଟିଏ ଘଟଣା ପଦାକୁ ଆସିଛି। ଏହାରି ଭିତରେ ଦୀପକର ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ପରିବାର ସାମ୍ନାକୁ ଆସିଛନ୍ତି। ପ୍ରଥମ ପତ୍ନୀଙ୍କୁ ମଧ୍ୟ ଦୀପକ ହତ୍ୟା କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ କମିସନରେଟ ପୁଲିସ ଓ କଟକ ଗ୍ରାମାଞ୍ଚଳ ପୁଲିସ ମିଳିତ ଭାବେ ତଦନ୍ତ ଆରମ୍ଭ କରିଛନ୍ତି। ୩ବର୍ଷ ତଳୁ ଚପି ଯାଇଥିବା ଅପର୍ଣ୍ଣାଙ୍କ ମୃତ୍ୟୁର ଫାଇଲ୍ ପୁଣିଥରେ ଖୋଲିଛି। ସେପଟେ ଶୁଭମମିତ୍ରାଙ୍କୁ ହତ୍ୟା କରିବା ପରେ କାରରେ ମୃତଦେହ ନେଇ କମିସନରେଟ୍ ଅଫିସରେ ପହଞ୍ଚିଥିଲା ଦୀପକ। ପ୍ରାୟ ଦୁଇଘଣ୍ଟା ଧରି ସିପି ଅଫିସ ପାର୍କିଂରେ



▶▶ ହତ୍ୟା ଅଭିଯୋଗ ଆଣିଲେ ପ୍ରଥମ ପତ୍ନୀଙ୍କ ପରିବାର

▶▶ ଖୋଲିଲା ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କ ମୃତ୍ୟୁ ଫାଇଲ୍

▶▶ କନେଷ୍ଟବଳ ଦୀପକ ନିଲମ୍ବିତ, ଜେଲ୍ ଗଲେ ୩

ମୃତଦେହ ଭର୍ତ୍ତି କାର୍ ରଖିଥିଲା। ସଞ୍ଜ ନଇଁବା ପରେ ସେଠାରୁ ଘଟଗାଁ ଅଭିମୁଖେ ଯାଇଥିଲା ବୋଲି ଜଣାପଡ଼ିଛି।

୨୦୧୮ ମସିହାରେ ଢେଙ୍କାନାଳ ଜିଲ୍ଲା ତିଳପଦା ଗାଁର ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ଦୀପକ ବିବାହ କରିଥିଲା। ୨୦୨୧ ଜୁଲାଇରେ ଅପର୍ଣ୍ଣା ଓଡ଼ାପଡ଼ା ତହସିଲ ଅଧିନରେ ରାଜସ୍ୱ ନିରୀକ୍ଷକ ଭାବେ ଚାକିରି ଆରମ୍ଭ କରିଥିଲେ। ୨୦୨୨ ମାର୍ଚ୍ଚ ୧୭ ତାରିଖ ଦିନ ଦୀପକ ତା'ର ଗର୍ଭବତୀ ପତ୍ନୀ ଅପର୍ଣ୍ଣାଙ୍କୁ ସାଙ୍ଗରେ ଧରି କାର୍ ଯୋଗେ ଭୁବନେଶ୍ୱର ଆସୁଥିଲା। ଖୁଣ୍ଟୁଣୀ ଥାନା ରାଧାଦାମୋଦରପୁରଠାରେ ପରିସ୍ରା କରିବା ପାଇଁ ଗାଡ଼ି ରଖିଥିଲା। ଅପର୍ଣ୍ଣା ଚାଲିଚାଲି ଯାଉଥିବା ବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା ବୋଲି ଦୀପକ ଅଭିଯୋଗରେ ଦର୍ଶାଇଥିଲା। ସେଠାରୁ ନିଜ କାରରେ କଟକର ଏକ ବେସରକାରୀ ଡାକ୍ତରଖାନାରେ ଅପର୍ଣ୍ଣାଙ୍କୁ ଭର୍ତ୍ତି କରିଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୀପକର ଅଭିଯୋଗ ଆଧାରରେ ଖୁଣ୍ଟୁଣି ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। ହେଲେ, ପରବର୍ତ୍ତୀ ସମୟରେ ପ୍ରମାଣ ଅଭାବ ଦର୍ଶାଇ ମାମଲାଟିକୁ ବନ୍ଦ କରି ଦେଇଥିଲା।

ଏବେ ଅପର୍ଣ୍ଣାଙ୍କ ପରିବାରଲୋକେ ହତ୍ୟା ଅଭିଯୋଗ ଆଣିବା ପରେ ପୁଣି ପୁରୁଣା ଘଟଣାକୁ ଫେରିଛି ପୁଲିସ। କଟକ ଗ୍ରାମାଞ୍ଚଳ ଏସପି ତତ୍କାଳୀନ ଖୁଣ୍ଟୁଣି ଥାନା ଅଧିକାରୀ ଓ ଦୁର୍ଘଟଣା ମାମଲାର ତଦନ୍ତକାରୀ ▶ପୃଷ୍ଠା-୭

## ହୀରାକୁଦ ତଳମୁଣ୍ଡରେ ନିର୍ମାଣ ହେବ ୧୭ ବନ୍ଧ, ୪୪ ବ୍ୟାରେଜ

**ନିର୍ମାଣ କରାଯିବ ୧୫ ଅନ୍ତଃନଦୀ ଜଳାଶୟ**

**ମହାନଦୀ ବିବାଦର ସମାଧାନ ପାଇଁ ଜାରି ରହିଛି ଆଲୋଚନା: ମୁଖ୍ୟମନ୍ତ୍ରୀ**

■ **ଭୁବନେଶ୍ୱର, ୧୮।୯ (ସମିସ):** ହୀରାକୁଦ ତଳ ମୁଣ୍ଡରେ ସୃଷ୍ଟି ହେଉଥିବା ପାନୀୟଜଳ ଓ ଜଳସେଚନର ବାଧାକୁ ଦୂର କରିବା ପାଇଁ ରାଜ୍ୟ ସରକାର ବଡ଼ ପଦକ୍ଷେପ ନେବାକୁ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ବିଧାୟକ ପ୍ରଶାନ୍ତ ବେହେରାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ହୀରାକୁଦ ତଳମୁଣ୍ଡରେ ୧୭ଟି ବନ୍ଧ, ୧୫ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ଓ ୪୪ଟି ବ୍ୟାରେଜ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ହୀରାକୁଦ ଉପରେ ମୁଣ୍ଡରେ ଛତିଶଗଡ଼ ଦ୍ୱାରା ନିର୍ମିତ ଜଳସେଚନ ପ୍ରକଳ୍ପ, ବିଭିନ୍ନ ଶିଳ୍ପ ଭିତ୍ତିକ ବ୍ୟାରେଜ, ଆନିକଟ ଇତ୍ୟାଦି ନିର୍ମାଣ ହେବା ପରେ ଜଳସଙ୍କଟର ମୁକାବିଲା ପାଇଁ ଓଡ଼ିଶା ▶ପୃଷ୍ଠା-୭

# ବିବାହ କରିବାକୁ ଭାରତ ଆସିଥିବା ୭୧ ବର୍ଷୀୟା ମହିଳାଙ୍କୁ ହତ୍ୟା

ନୂଆଦିଲ୍ଲୀ, ୧୮ ।୯ (ଏଜେନ୍ସି): ବିବାହ କରିବାକୁ ଭାରତ ଆସିଥିବା ଜଣେ ୭୧ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହିଳା ରପିନ୍ଦର କୌର ପନ୍ଧେରଙ୍କୁ ପଞ୍ଜାବର ଲୁଧିଆନାରେ ନିର୍ମମ ଭାବେ ହତ୍ୟା କରାଯାଇଛି । ସେ ବ୍ରିଟେନରେ ରହୁଥିବା ଜଣେ ୭୫ ବର୍ଷୀୟ ପ୍ରବାସୀ ଭାରତୀୟ ବ୍ୟବସାୟୀ ଚରଣଜିତ ସିଂ ଗ୍ରେୱାଲଙ୍କୁ ବିବାହ କରିବାକୁ ଆସିଥିଲେ । କିନ୍ତୁ ତାଙ୍କୁ ଏହି ବ୍ୟବସାୟୀ ଜଣକ ପୋଡି ମାରିଛନ୍ତି ବୋଲି ପୁଲିସ କହିଛି । ଏହି ଘଟଣା ଜୁଲାଇରେ ଘଟିଥିଲେ ମଧ୍ୟ ଏବେ ସାମ୍ନାକୁ ଆସିଛି । ଲୁଧିଆନା ପୁଲିସ ଜଣେ ମହିଳା ନିଖୋଜ ହେବା ନେଇ ମାମଲା ରୁଜୁ କରିବା ପରେ ଅଭିଯୁକ୍ତ ନାମ ଉଲ୍ଲେଖ କରିବା ପରେ ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଅର୍ଥ ହିଁ ଏହି ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି ପୁଲିସ ଜାଣିବାକୁ ପାଇଛି । ୨୦୧୪ରେ ଆମ ଆଦମୀ ପାର୍ଟି (ଆପ୍)ର ପ୍ରଚାର ଅବସରରେ ଦୁହେଁ ପରସ୍ପର ସହ ପରିଚିତ ହୋଇଥିଲେ । ରପିନ୍ଦର ଲୁଧିଆନା ଆସିଲେ ଚରଣଜିତଙ୍କ ଘରେ ରହୁଥିଲେ ।

ଅଭିଯୁକ୍ତ ଚରଣଜିତ ହିଁ ରପିନ୍ଦରଙ୍କୁ ଭାରତ ଆସିବାକୁ ଆମନ୍ତ୍ରଣ କରିଥିଲେ । ଚରଣଜିତ ମୂଳତଃ ଲୁଧିଆନାର ହୋଇଥିଲେ ମଧ୍ୟ ଇଂଲଣ୍ଡରେ ରହି ଜଣେ ପ୍ରବାସୀ ଭାରତୀୟ ଭାବେ ବ୍ୟବସାୟ କରୁଥିଲେ । ଚରଣଜିତ ତାଙ୍କୁ ବିବାହ କରିଥାନ୍ତେ ଓ ସେ ହିଁ ରପିନ୍ଦରଙ୍କୁ ହତ୍ୟା କରିଛନ୍ତି ବୋଲି ପୁଲିସ କହିଛି । ଜୁଲାଇ ୨୪ରୁ ରପିନ୍ଦରଙ୍କ ମୋବାଇଲ ବନ୍ଦ ରହିବା ଫଳରେ ତାଙ୍କ ଭଉଣୀ କମଲ କୌର ଖଇରାଙ୍କ ସନ୍ଦେହ ହୋଇଥିଲା । ଜୁଲାଇ ୨୮ରେ କମଲ ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତାବାସକୁ ଏନେଇ ଅବଗତ କରାଇଥିଲେ । ଏହାପରେ ଦୂତାବାସ ସ୍ଥାନୀୟ ପୁଲିସକୁ ଏ ମାମଲା ନେଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗତ ସପ୍ତାହରେ ହିଁ ରପିନ୍ଦରଙ୍କ ପରିବାର ତାଙ୍କ ମୃତ୍ୟୁ ନେଇ ଜାଣିବାକୁ ପାଇଥିଲେ । ଏହି ମାମଲାରେ ପୁଲିସ ସୁଖଜିତ ସିଂ ସୋନୁଙ୍କୁ ଗିରଫ କରିଛି । ଚରଣଜିତଙ୍କ ନିର୍ଦ୍ଦେଶରେ ସେ ଏହି ହତ୍ୟା କରିଛି ବୋଲି ସ୍ୱୀକାର କରିଛି । ରପିନ୍ଦରଙ୍କୁ ହତ୍ୟାକରିବା ପାଇଁ ସୋନୁଙ୍କୁ ୫୦ ଲକ୍ଷ ଟଙ୍କା ଦେବାକୁ ଚରଣଜିତ ପ୍ରତିଶ୍ରୁତି ଦେଇଥିଲେ । ସୋନୁ ରପିନ୍ଦରଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ଜାଳି ଦେଇଥିଲା । ଅର୍ଥ ପାଇଁ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ପୁଲସ ସ୍ୱଷ୍ଟ କରିଛି । ରପିନ୍ଦର ଭାରତ ଆସିବା ପୂର୍ବରୁ ଚରଣଜିତଙ୍କ ଏକାଉଣ୍ଟକୁ ବହୁ ପରିମାଣରେ ଅର୍ଥ ପଠାଇଥିଲେ । ତେଣୁ ଏହି ଅର୍ଥ ହିଁ ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି କୁହାଯାଇଛି । ଅଧିକ ତଦନ୍ତ ପରେ ସବୁ କିଛି ସ୍ୱଷ୍ଟ ହେବ । ଏବେ ପୀଡିତାଙ୍କ କଙ୍କାଳକୁ ଠାବ କରିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି ।



### ନିର୍ବାଚନ ପୂର୍ବରୁ ନୀତୀଶଙ୍କ ଘୋଷଣା

## ବେକାର ସ୍ନାତକଙ୍କୁ ମାସକୁ ୧ ୦୦୦ ଟଙ୍କା

ପାଟନା, ୧୮ ।୯ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏକ ବଡ଼ ଘୋଷଣା କରିବା ସହ ଯୁବକମାନଙ୍କ ବଡ଼ ଉପହାର ଦେଇଛନ୍ତି । ରାଜ୍ୟରେ ବେରୋଜଗାର ସ୍ନାତକ ବା ଗ୍ରାଜୁଏଟ୍‌ଙ୍କ ପାଇଁ ସେ ଏକ ନୂଆ ଯୋଜନା ଘୋଷଣା କରିଛନ୍ତି । ରାଜ୍ୟରେ ୨୦ରୁ ୨୫ ବର୍ଷ ବୟସ୍କ ବେରୋଜଗାର ଗ୍ରାଜୁଏଟ ଯୁବକ ଓ ଯୁବତୀଙ୍କ ପାଇଁ ସେ ପ୍ରତିମାସ ୧, ୦୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଯେଉଁମାନେ ଚାକିରି କରିନାହାନ୍ତି କିମ୍ବା ଆତ୍ମନିର୍ଭର ହୋଇନାହାନ୍ତି, ସେମାନଙ୍କୁ ଏହି ଭତ୍ତା ଅତିବେଶୀରେ ଦୁଇବର୍ଷ ପର୍ଯ୍ୟନ୍ତ ଦିଆଯିବ । ପୂର୍ବରୁ ଏହି ସୁବିଧା କେବଳ ଇଣ୍ଟର ପାସ୍ କରିଥିବା ବେରୋଜଗାର ଯୁବକଙ୍କୁ ମିଳୁଥିଲା । ଏବେ କିନ୍ତୁ ଏହାର ବିସ୍ତାର କରାଯାଇଛି । ଏବେ କଳା, ବିଜ୍ଞାନ ଓ ବାଣିଜ୍ୟରେ ସ୍ନାତକ ପାସ କରିଥିବା ବେରୋଜଗାର ଯୁବକ ଓ ଯୁବତୀଙ୍କୁ ଏହି ସୁବିଧା ମିଳିବ । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ନୀତୀଶ ଗୁରୁବାର ଏ ନେଇ ସୂଚନା ଦେଇଛନ୍ତି । ୨୦୦୫ ନଭେମ୍ବରରେ ସରକାର ଗଠନ ହେବା ପରେ ହିଁ ଯୁବକ ଓ ଯୁବତୀଙ୍କୁ ରୋଜଗାର ଓ ଚାକିରି ଦେବାକୁ ପ୍ରାଥମିକତା ଦିଆଯାଇଛି । ଆଗାମୀ ୫ ବର୍ଷ ମଧ୍ୟରେ ଯୁବକମାନଙ୍କୁ ଏକ କୋଟି ଚାକିରି ଓ ରୋଜଗାର ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏହି ଦିଗରେ ନିରନ୍ତର ପ୍ରୟାସ କରାଯିବ ବୋଲି ସେ କହିଛନ୍ତି । ଯୁବକ ଓ ଯୁବତୀଙ୍କୁ କୁଶଳୀ କରିବା ପାଇଁ ପ୍ରଶିକ୍ଷଣ ଓ ଧନ୍ଦାମୂଳକ ଶିକ୍ଷା ଦିଆଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

## ଆଜମ ଖାନ୍‌ଙ୍କୁ ଜାମିନ

ପ୍ରୟାଗରାଜ, ୧୮ ।୯ (ଏଜେନ୍ସି): ଉତ୍ତରପ୍ରଦେଶ ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ବରିଷ୍ଠ ନେତା ଆଜମ ଖାନଙ୍କୁ ଆହ୍ଲାବାଦ୍ ହାଇକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି । ରାମପୁର କ୍ୱାଲିଟି ବାର ଦଖଲ କରିବା ମାମଲାରେ ହାଇକୋର୍ଟ ତାଙ୍କୁ ଗୁରୁବାର ଜାମିନ ପ୍ରଦାନ କରିଛନ୍ତି । ଜଷ୍ଟିସ ସମୀର ଜୈନଙ୍କ ଜଣକିଆ ଖଣ୍ଡପୀଠ ଦୁଇ ପକ୍ଷର ଦଲିଲ ଶୁଣିବା ପରେ ଅଗଷ୍ଟ ୨୧ରେ ଏହି ମାମଲାରେ ହେବାକୁ ଥିବା ଅନ୍ତିମ ଶୁଣାଣି ପର୍ଯ୍ୟନ୍ତ ରାୟ ସୁରକ୍ଷିତ ରଖିଛନ୍ତି । ଫଳରେ ଆଜମ ସୀତାପୁର ଜେଲ୍‌ରୁ ମୁକୁଳିବା ନିଶ୍ଚିତ ହୋଇଛି । ଆଜମ ଜେଲ ବାହାରକୁ ଆସିବା ପରେ ଖାସ୍ କରି ରାମପୁର ଓ ପଶ୍ଚିମ ଉତ୍ତରପ୍ରଦେଶରେ ରାଜନୈତିକ ଗତିବିଧି ଚଞ୍ଚଳ ହେବ ବୋଲି ଆଶା କରାଯାଉଛି । ଏହାପୂର୍ବରୁ ସେ ରାମପୁରର ଏମ୍‌ପିଏମ୍‌ଏଲ୍‌ଏ କୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ । କିନ୍ତୁ କୋର୍ଟ ମେ ୧୭ରେ ତାଙ୍କ ଆବେଦନକୁ ଖାରଜ କରିଥିଲେ । ଫଳରେ ସେ ଆହ୍ଲାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉଲ୍ଲେଖଥାଉ କି, ୨୦୧୯ ନଭେମ୍ବର ୨୧ରେ ଗଗନ ଆରୋରା ନାମକ ଜଣେ ବାର ମାଲିକ ଆଜମଙ୍କ ବିରୋଧରେ ଏତଲା ଦେଇଥିଲେ । ରାମପୁରର ସଭିଲ ଲାଇନ୍ସ ଥାନା ଅଞ୍ଚଳରେ ହାଇୱେ ସ୍ଥିତ ସଇଦ ନଗର ହରଦୋଇଠାରେ ଥିବା କ୍ୱାଲିଟି ବାର ଉପରେ ଜବରଦସ୍ତି କବଜା କରିବାକୁ ପ୍ରୟାସ କରାଯାଇଥିଲା ଓ ସେ ଏଥିପାଇଁ ଅଭିଯୋଗ କରିଥିଲେ । ଏହି ମାମଲାରେ ଆଜମ, ତାଙ୍କ ପତ୍ନୀ, ପୁଅ ଓ ଅନ୍ୟ ଜଣେ ସ୍ଥାନୀୟ ନେତାଙ୍କୁ ଅଭିଯୁକ୍ତ ଭାବେ ଉପସ୍ଥାପନ କରାଯାଇଥିଲା । ସେ ନିଜ କ୍ଷମତାର ଦୂରୁପୋଯୋଗ କରି ବାରକୁ ଅକ୍ତିଆର କରିବାକୁ ଚେଷ୍ଟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା ।

### ଅହମଦାବାଦ ବିମାନ ଦୁର୍ଘଟଣା

## ବୋଇଂ ବିରୋଧରେ ମାମଲା

ୱାସିଂଟନ୍, ୧୮ ।୯ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୪ ଜଣ ଯାତ୍ରୀଙ୍କ ପରିବାର ଏବେ ଆମେରିକାରେ ମକଦ୍ଦମା ରୁଜୁ କରିଛନ୍ତି । ଆମେରିକାରେ ବିମାନ ତିଆରି କରୁଥିବା କମ୍ପାନୀ ବୋଇଂ ଓ ତା'ର ଏୟାର କ୍ରାଫ୍ଟ ପାର୍ଟ ତିଆରି କରୁଥିବା କମ୍ପାନୀ ହନିବେଲ ବିରୋଧରେ ମୃତକଙ୍କ ପରିବାର କେସ୍ କରିଛନ୍ତି । ଏହି ଦୁଇ କମ୍ପାନୀଙ୍କର ବେପରୁଆ ମନୋଭାବ ଯୋଗୁଁ ଏହି ବିମାନ ଦୁର୍ଘଟଣା ହୋଇଥିଲା ବୋଲି ମୃତକଙ୍କ ପରିବାର ଅଭିଯୋଗ ଆଣିଛନ୍ତି । ଟେକ୍ସାସର ଲେନିଅର ଲ ଫାର୍ମ ଜରିଆରେ ଏହି ମକଦ୍ଦମା ଦାଏର କରାଯାଇଛି । ବିମାନର ଇନ୍ଧନ ସୁଇଚ୍‌ରେ ତ୍ରୁଟି ଥିଲା ଓ ଫୁଏଲ୍ ସପ୍ଲାଇ ବନ୍ଦ ହେବା କାରଣରୁ ଦୁର୍ଘଟଣା ଘଟିଥିଲା ବୋଲି ଅଭିଯୋଗ କରାଯାଇଛି । ଏହି ସମ୍ଭାବ୍ୟ ବିପଦ ନେଇ ବୋଇଂ ଓ ହନିବେଲ ବହୁପୂର୍ବରୁ ଅବଗତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ ବୋଲି ଅଭିଯୋଗ ହୋଇଛି । ଦୁର୍ଘଟଣାର ୪ ସପ୍ତାହ ପୂର୍ବରୁ ସୁଇଚ୍ ଚେକ୍ କରିବା ନେଇ ଚେତାବନୀ ଜାରି କରାଯାଇଥିଲା । କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନଥିଲା । ଅବଶ୍ୟ ଏ ନେଇ ବୋଇଂ ତରଫରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ । ଉଲ୍ଲେଖଥାଉ କି, ଗତ ଜୁନ୍ ୧୨ରେ ଅହମଦାବାଦ୍‌ରୁ ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମଲାଇନର ବିମାନ ଲଣ୍ଡନ ଯାତ୍ରା କରିବାକୁ ବାହାରିଥିଲା ଓ ଟେକ୍ ଅଫ୍ କରିବାର ମାତ୍ର କେତେ ସେକେଣ୍ଡ ମଧ୍ୟରେ ଏକ ମେଡିକାଲ କଲେଜ ହଷ୍ଟେଲକୁ ଧକ୍କା ଦେଇଥିଲା । ଏଥିରେ ୨୭୦ଜଣ ମୃତ୍ୟୁବରଣ କରିଥିଲେ ଓ ଏମାନଙ୍କ ମଧ୍ୟରେ ୬୦ ଜଣ ବିଦେଶୀ ନାଗରିକ ସାମିଲ ଥିଲେ ।

### ରାହୁଲଙ୍କ ଆଉ ଏକ 'ଭୋଟ ଚୋରି' ବିସ୍ଫୋରଣ

# ୬୦୦୦ ଭୋଟରଙ୍କ ନାମ କାଟିବାକୁ ଉଦ୍ୟମ

ନୂଆଦିଲ୍ଲୀ, ୧୮ ।୯: 'ଭୋଟ ଚୋରି'କୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଉ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି । ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ଗଡ଼ କୁହାଯାଉଥିବା ନିର୍ବାଚନମଣ୍ଡଳୀଗୁଡ଼ିକରେ ଭୋଟରମାନଙ୍କ ନାମ କାଟିବା ଲାଗି ଏକ ବଡ଼ ଧରଣର ଅଭିଯାନ ଚାଲିଛି । କୌଣସି ଏକ ସ୍ଥାନରେ ରହି ଅନଲାଇନରେ ଭୋଟରଙ୍କ ନାମ କଟାଯାଉଛି ଏବଂ ଏଥିରେ ସେଣ୍ଟ୍ରାଲାଇଜ ସଫ୍ଟୱେୟାର ବ୍ୟବହାର କରାଯାଉଛି । ଯେଉଁମାନେ ଏହି ଜାଲିଆତିରେ କାମରେ ମାତିଛନ୍ତି, ସେମାନଙ୍କୁ ନିର୍ବାଚନ କମିସନ ସୁରକ୍ଷା ଦେଉଛନ୍ତି । କର୍ଣ୍ଣାଟକର ଏକ ନିର୍ବାଚମଣ୍ଡଳୀର ଉଦାହରଣ ଦେଇ ସେ କହିଛନ୍ତି ଯେ ୨୦୨୩ରେ ଆଳନ୍ଦ ବିଧାନସଭା ନିର୍ବାଚନମଣ୍ଡଳୀରେ ଜାଲ ଆବେଦନ ଜରିଆରେ ସଫ୍ଟୱେୟାରର ଦୁରୁପଯୋଗ କରି ୬ ହଜାରରୁ ଅଧିକ ଭୋଟରଙ୍କ ନାମ କାଟିବାକୁ ଉଦ୍ୟମ ହୋଇଛି । ତେବେ ସାଧାରଣ ନାଗରିକ ଦ୍ୱାରା ଅନଲାଇନରେ ଭୋଟରଙ୍କ ନାମ କଟାଯିବା ସମ୍ଭବ ନୁହେଁ ବୋଲି କହି ନିର୍ବାଚନ କମିସନ ରାହୁଲଙ୍କ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି । କମିସନ ସ୍ୱୀକାର କରିଛନ୍ତି ଯେ ଏହି ନିର୍ବାଚନମଣ୍ଡଳୀରେ ନାମ କାଟିବା ଲାଗି ଉଦ୍ୟମ ହୋଇଥିଲା ଏବଂ ଏସଂପର୍କରେ କମିସନ ତଦନ୍ତ କରୁଛନ୍ତି । ଅନ୍ୟପକ୍ଷରେ ଏଭଳି ଭୋଟ ଚୋରି ଅଭିଯୋଗକୁ ନେଇ ବିଜେପି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ବିଜେପି ନେତା ଅନୁରାଗ ଠାକୁର କହିଛନ୍ତି ଯେ ସାମ୍ବିଧାନିକ ସଂସ୍ଥା ବିରୋଧରେ ଏଭଳି ଅଭିଯୋଗ ଆଣି ରାହୁଲ ଦେଶରେ ବାଂଲାଦେଶ ଓ ନେପାଳ ଭଳି ଅରାଜକତା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି ।

ରାହୁଲ କର୍ଣ୍ଣାଟକ ଆଳନ୍ଦ ନିର୍ବାଚନମଣ୍ଡଳୀର ଉଦାହରଣ ଦେଇ କହିଲେ ଯେ ୨୦୨୩ରେ ଏହି ନିର୍ବାଚନମଣ୍ଡଳୀରେ ୬୦୧୮ ଭୋଟରଙ୍କ ନାମ କାଟିବାକୁ ଉଦ୍ୟମ ହୋଇଥିଲା । କିନ୍ତୁ କେତେ ନାମ କଟିଛି, ତାହା ଜଣାପଡ଼ିନାହିଁ । ଏଭଳି ଜାଲିଆତିକୁ

**ନାମ କାଟିବା/ଯୋଡ଼ିବା ଲାଗି ରାକେଟ କାମ କରୁଛି: ରାହୁଲ**

**କର୍ଣ୍ଣାଟକରେ ଉଦ୍ୟମ ହୋଇଥିଲା, ଯାଞ୍ଚ -ଚାଲିଛି: କମିସନ**

**ରାହୁଲ ଅରାଜକତା ସୃଷ୍ଟି କରୁଛନ୍ତି: ବିଜେପି**

ଧରିଛନ୍ତି ଜଣେ ବୁଥ୍‌ସ୍ତରୀୟ ଅଧିକାରୀ । ସଂପୃକ୍ତ ଅଧିକାରୀଙ୍କ ଜଣେ ସଂପର୍କୀୟଙ୍କ ନାମ କେମିତି କଟିଲା, ତାହାର ଯାଞ୍ଚ କଲା ବେଳେ ସେ ଜାଣିବାକୁ ପାଇଥିଲେ ଯେ ଜଣେ ପଡ଼ୋଶୀ ଏହି ନାମ କଟାଇଛନ୍ତି । ସେ ଏହି ପଡ଼ୋଶୀଙ୍କୁ ପଚାରିବାରୁ ସେ ଏହା ଜାଣିନଥିବା କହିଥିଲେ । ତାଙ୍କ ନାମରେ ନୂଆ ଲଗ୍ ଇନ୍ କରି ଅନ୍ୟ କେହି ଭୋଟରଙ୍କ ନାମ କାଟିଥିବା ଏଥିରୁ ସ୍ୱଷ୍ଟ ହୋଇଥିଲା । ରାହୁଲ କହିଲେ ଯେ ଏହି ଜାଲିଆତି କର୍ଣ୍ଣାଟକ ଭିତରେ ରହି କେହି କରୁ ନାହାନ୍ତି । ନାମ କାଟିବା ଓ ଯୋଡ଼ିବା ଲାଗି କଲ୍‌ସେଣ୍ଟର ଭଳି ସ୍ୱତନ୍ତ୍ର ଏକ ରାକେଟ କାମ କରୁଛି । ଗୋଟିଏ ଫୋନ ନମ୍ବର ବ୍ୟବହାର କରି ବିଭିନ୍ନ ରାଜ୍ୟରେ ଜାଲିଆତି କରାଯାଉଛି । ଏଥିରେ କଂଗ୍ରେସ ଏବଂ ସଂଖ୍ୟାଲଘୁ ଭୋଟରଙ୍କୁ ଟାର୍ଗେଟ କରାଯାଉଛି । ରାହୁଲ କହିଲେ ଯେ କର୍ଣ୍ଣାଟକ ସିଆଇଡି ଏ ସମ୍ପର୍କରେ ତଦନ୍ତ ଚଳାଇଛନ୍ତି । ସିଆଇଡି ଗତ ୧୮ ମାସ ମଧ୍ୟରେ ନିର୍ବାଚନ କମିସନଙ୍କୁ ୧୮ ଥର ଚିଠି ଲେଖି କିଛି ତଥ୍ୟ ଲୋଡ଼ିଛି । କିନ୍ତୁ କମିସନ ଏହାର ଉତ୍ତର ଦେଉ ନାହାନ୍ତି । ଏଥରୁ ସ୍ୱଷ୍ଟ ହୋଇଯାଉଛି ଯେ ଭୋଟ ଚୋରଙ୍କୁ କମିସନ ସୁରକ୍ଷା ଦେଉଛନ୍ତି ।

ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ବିରୋଧୀ ଦଳ ନେତା ରାହୁଲଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଯେ ଏଥିରେ କୌଣସି ସତ୍ୟତା ନାହିଁ । ରାହୁଲଙ୍କ ଅଭିଯୋଗ ମିଥ୍ୟା ଓ କପୋଳକଳ୍ପିତ । ଅନ୍ୟପକ୍ଷରେ କର୍ଣ୍ଣାଟକ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ୱୀକାର କରିଛନ୍ତି ଯେ ୨୦୨୩ରେ ଜାଲିଆତି କରି ଭୋଟରଙ୍କ ନାମ କାଟିବାକୁ ଉଦ୍ୟମ ହୋଇଥିଲା । ବିଭିନ୍ନ ଆପ୍ ବ୍ୟବହାର କରି ଆବେଦନ ଦାଖଲ କରାଯାଇଥିଲା । କିନ୍ତୁ ସନ୍ଦେହ ହେବାରୁ ଯାଞ୍ଚ ବେଳେ ୫୯୯୪ ଆବେଦନକୁ ଖାରଜ କରି ଦିଆଯାଇଥିଲା । ଏଭଳି ଜାଲିଆତି ସଂପର୍କରେ ପୁଲିସିରେ ଏଫଆଇଆର୍ ଦାଖଲ କରଯାଇଛି ।

# ଆକ୍ରମଣ ହେଲେ ମିଳିତ ଜବାବ ଦେବେ ପାକିସ୍ତାନ-ସାଉଦି ଆରବ

ରିୟାଦ, ୧୮ ।୯ (ଏଜେନ୍ସି): ସାଉଦି ଆରବ କ୍ରାଉନ ପ୍ରିନ୍ସ ମହମ୍ମଦ ବିନ ସଲମାନ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ ଶରିଫ୍‌ଙ୍କ ମଧ୍ୟରେ ବୁଧବାର ପ୍ରତିରକ୍ଷା ସମ୍ବନ୍ଧୀୟ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣା ଅନୁସାରେ ଗୋଟିଏ ଦେଶ ଉପରେ ଆକ୍ରମଣ ହେଲେ, ତାହା ଦ୍ୱିତୀୟ ଦେଶ ଉପରେ ମଧ୍ୟ ଆକ୍ରମଣ ହୋଇଛି ବୋଲି ଧରିନିଆଯିବ । ସୁରକ୍ଷା ବ୍ୟବସ୍ଥାକୁ ଦୃଢ କରିବା ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଛି ଦୁଇ ଦେଶ ଯୁଗ୍ମ ଭାବେ ଘୋଷଣା କରିଛନ୍ତି । ଏହା ଦ୍ୱାରା ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗରେ ଅଗ୍ରଗତି ହେବ ଓ ସାମାରିକ ଭାବେ ପରସ୍ପରକୁ ସହାୟତା ପ୍ରଦାନ କରିବେ ବୋଲି କୁହାଯାଇଛି । ଯଦି ଆବଶ୍ୟକ ପଡେ ତେବେ, ପାକିସ୍ତାନର ପରମାଣୁ ଅସ୍ତ୍ରର ମଧ୍ୟ ବ୍ୟବହାର କରାଯାଇପାରିବ ବୋଲି କୁହାଯାଇଛି । ଭାରତ ମଧ୍ୟ ଏ ନେଇ ତା'ର ପ୍ରତିକ୍ରିୟା ପ୍ରକାଶ କରିଛି । ଏ ନେଇ ଭାରତକୁ ପୂର୍ବରୁ ସୂଚନା ମିଳିଥିଲା ବୋଲି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର

**ପରମାଣୁ ଅସ୍ତ୍ରର ମଧ୍ୟ ବ୍ୟବହାର କରାଯିବ**

**ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ବୁଝାମଣା ସ୍ୱାକ୍ଷରିତ**

**ପୂର୍ବରୁ ଏ ନେଇ ଜଣାଥିଲା: ଭାରତ**

ଜୟସ୍ୱାଲ କହିଛନ୍ତି । ଏହି ବୁଝାମଣା ସ୍ୱାକ୍ଷର ହେବା ବେଳେ ପାକିସ୍ତାନ ସେନା ମୁଖ୍ୟ ଆସିମ ମୁନୀର ମଧ୍ୟ ଉପସ୍ଥିତ ଥିଲେ । ପାକିସ୍ତାନ ଉପ-ପ୍ରଧାନମନ୍ତ୍ରୀ ଇଶାକ ଦାର, ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍, ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ୍ ଓ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ସାଉଦି ଗସ୍ତ କରିଥିଲେ । କୌଣସି ଦେଶ ଓ କିମ୍ବା କୌଣସି ଖାସ୍ ଘଟଣାକୁ ଲକ୍ଷ୍ୟ କରି ଏହି ବୁଝାମଣା ହୋଇନାହିଁ । ବରଂ ଏହା ଦୁଇଦେଶ ମଧ୍ୟରେ ଦୀର୍ଘବର୍ଷ ଧରି ସହଯୋଗ ବଜାୟ ରଖିବା ପାଇଁ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଛି ବୋଲି ଜଣେ ଅଧିକାରୀ କହିଛନ୍ତି । ଉଲ୍ଲେଖଥାଉ କି, ଇସ୍ରାଏଲ ସେପ୍ଟେମ୍ବର ୯ରେ କାତାର ରାଜଧାନୀ ଦୋହା ଉପରେ ଆକ୍ରମଣ କରିବା ପରେ ପାକିସ୍ତାନ ସବୁ ଇସ୍‌ଲାମିକ ଦେଶଗୁଡିକୁ ନାଟୋ ଭଳି ସାମରିଙ୍କ ସଂଗଠନ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲା । ତେବେ ଏହା ଏକ ଔପଚାରିକ ସନ୍ଧି ନୁହଁ ବୋଲି ଆମେରିକାର ପୂର୍ବତନ ରାଜଦୂତ ଜଲମେ ଖଲିଲଜାଦ କହିଛନ୍ତି । କିନ୍ତୁ ଏହା ଏକ ବଡ଼ ରଣନୈତିକ ବୁଝାମଣା ବୋଲି ସେ ସ୍ୱୀକାର କରିଛନ୍ତି ।



ଉତ୍ତରାଖଣ୍ଡର ଚାମୋଲୀରେ ବଦାଲଫଟା ବର୍ଷା ପରର ଦୃଶ୍ୟ

# ସବୁ ଧର୍ମକୁ ସମ୍ମାନ କରେ: ପ୍ରଧାନବିଚାରପତି



ନୂଆଦିଲ୍ଲୀ, ୧୮ ।୯ (ଏଜେନ୍ସି): ପ୍ରସିଦ୍ଧ ଖଜୁରାହୋର ବାମନ ମନ୍ଦିରରେ ଭଗବାନ ବିଷ୍ଣୁଙ୍କ ଖଣ୍ଡିତ ମୂର୍ତ୍ତି ବଦଳାଇବା ସଂକ୍ରାନ୍ତରେ ଦେଇଥିବା ମନ୍ତବ୍ୟ ନେଇ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ ସଫେଇ ଦେଇଛନ୍ତି । ସେ କହିଛନ୍ତି ଯେ ମୋର ମନ୍ତବ୍ୟକୁ ସାମାଜିକ ଗଣମାଧ୍ୟମରେ ଭୁଲ ଭାବେ ଉପସ୍ଥାପନ କରାଯିବା ସହ କଦର୍ଥ କରାଯାଇଛି । ସବୁ ଧର୍ମକୁ ମୁଁ ସମ୍ମାନ କରେ । ତେଣୁ କୌଣସି ଧର୍ମକୁ ଆକ୍ଷେପ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି ।

ସେପ୍ଟେମ୍ବର ୧୬ରେ ଭଗବାନ ବିଷ୍ଣୁଙ୍କ ଏହି ଖଣ୍ଡିତ ମୂର୍ତ୍ତି ପ୍ରତିଷ୍ଠା ନେଇ ରାକେଶ ଦଲାଲଙ୍କ ଆବେଦନର ଶୁଣାଣି କରି ସିଜେଆଇ କହିଥିଲେ ଯେ, ଯାଅ ଭଗବାନଙ୍କୁ ନିଜେ କରିବାକୁ କୁହ । ତୁମେ ଭଗବାନ ବିଷ୍ଣୁଙ୍କ ବଡ଼ ଭକ୍ତ ବୋଲି କହୁଛ । ତାଙ୍କୁ ପ୍ରାର୍ଥନା କର । ଏ ନେଇ ହୋଇଥିବା ଶୁଣାଣିର ଖଣ୍ଡପୀଠରେ ସାମିଲ ହୋଇଥିବା ଜଷ୍ଟିସ ବିନୋଦ ଚନ୍ଦ୍ର ମଧ୍ୟ ସୋସିଆଲ ମିଡିଆକୁ ଆଣ୍ଟି ସୋସିଆଲ ମିଡିଆ ବୋଲି କହିଛନ୍ତି । ସେହିପରି ଆବେଦନକାରୀଙ୍କ ଓକିଲ ସଞ୍ଜୟ ନୁଲି ମଧ୍ୟ ସିଜେଆଇଙ୍କ ମନ୍ତବ୍ୟକୁ ଭୁଲ ଭାବେ ସୋସିଆଲ ମିଡିଆରେ ପ୍ରଚାର କରାଯାଇଛି ଓ ଏହା ମିଥ୍ୟା ବୋଲି କହିଛନ୍ତି । ଜଷ୍ଟିସ ଗଭାଇ କହିଲେ ଯେ ଏହାପୂର୍ବରୁ ନେପାଳ ସହିତ ଜଡିତ ମୋର ମନ୍ତବ୍ୟକୁ ମଧ୍ୟ ଏଭଳି କଦର୍ଥ କରାଯାଇ ସୋସିଆଲ ମିଡିଆରେ ପ୍ରଚାର କରାଯାଇଥିଲା । ନ୍ୟାୟପାଳିକା କୌଣସି ଧର୍ମକୁ ବିରୋଧ କରେନାହିଁ ଓ ମୁଁ ସବୁଧର୍ମକୁ ସମ୍ମାନ କରେ ।

## ବାଂଲାଦେଶ ପହଞ୍ଚିଲେ ୧୨୦ ଆମେରିକୀୟ ସୈନିକ

ଢ଼ାକା, ୧୮ ।୯ (ଏଜେନ୍ସି): ଆମେରିକାର ୧୨୦ ଜଣ ସୈନିକ ବାଂଲାଦେଶରେ ପହଞ୍ଚିଛନ୍ତି । ଏକ ସାମରିକ ସମରାଭ୍ୟାସରେ ଯୋଗ ଦେବାକୁ ଏହି ସୈନିକମାନେ ବାଂଲାଦେଶ ଯାଇଛନ୍ତି ବୋଲି ଏକ ଗଣମାଧ୍ୟମ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏହି ସୈନିକମାନେ ଚିଟ୍ଟାଗଙ୍ଗର ରାଡିସନ ବ୍ଲୁ ହୋଟେଲରେ ଅବସ୍ଥାନ କରିଛନ୍ତି । ଏମାନଙ୍କ ପାଇଁ ୮୫ଟି ପ୍ରକୋଷ୍ଠ ବୁକ୍ କରାଯାଇଛି । ତେବେ ଏହି ସୈନିକମାନଙ୍କ ନାମ ରେଜିଷ୍ଟରରେ ଉଲ୍ଲେଖ କରାଯାଇନାହିଁ । ଏମାନେ ସେପ୍ଟେମ୍ବର ୨୦ରେ ବାଂଲାଦେଶ ଛାଡିବେ ବୋଲି କୁହାଯାଇଛି । ପୂର୍ବରୁ ସେପ୍ଟେମ୍ବର ୧୪ରେ ମିଶରର ଏକ ସାମିରକ ବିମାନ ଚଟଗାଁଓର ଶାହା ଅମାନତ ଏୟାର ବେସ୍‌ରେ ଅବତରଣ କରିଥିଲା । ଏହାର ଗୋଟିଏ ଦିନ ପରେ ଆମେରିକା ସୈନ୍ୟମାନେ ବାଂଲାଦେଶ ବାୟୁସେନାର ପତେଙ୍ଗା ଏୟାର ବେସ୍ ବୁଲି ଦେଖିଥିଲେ । ପୂର୍ବରୁ ମଧ୍ୟ ଆମେରିକା ଓ ବାଂଲାଦେଶ ସେନା ମିଳିତ ଭାବେ 'ଟାଇଗର ଲାଇଟିନିଂ' ଓ 'ଅପରେସନ ଲାଇଟିନିଂ' ନାମରେ ସାମରିକ ସମରାଭ୍ୟାସ କରିଥିଲେ । ଦୁଇ ଦେଶର ସୈନିକଙ୍କ ମଧ୍ୟରେ ତାଳମେଳ ବୃଦ୍ଧି କରିବା ସହ ଶାନ୍ତି ମିଶନ ପାଇଁ ପ୍ରସ୍ତୁତି କରିବାକୁ ଏହି ସମରାଭ୍ୟାସର ଲକ୍ଷ୍ୟ ଥିଲା ବୋଲି କୁହାଯାଇଥିଲା ।

## ଭାରତ, ପାକିସ୍ତାନ ସମେତ ୨୩ ରାଷ୍ଟ୍ରକୁ ଡ୍ରଗ୍ସ ଚାଲାଣକାରୀ କହିଲେ ଟ୍ରମ୍ପ

ୱାସିଂଟନ, ୧୮ ।୯ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଭାରତ, ପାକିସ୍ତାନ, ଚୀନ ସମେତ ୨୩ ରାଷ୍ଟକୁ ସେ ନିଶା ଔଷଧ ଚାଲାଣକାରୀ ବୋଲି କହିଛନ୍ତି । ଏହି ଦେଶଗୁଡିକ ମଧ୍ୟରେ ଆଫଗାନିସ୍ତାନ, କଲମ୍ବିଆ, ବଲିଭିଆ ଓ ଭେନେଜୁଏଲା ଭଳି ଦେଶ ସାମିଲ ରହିଛନ୍ତି । ଆମେରିକା ସଂସଦରେ ଉପସ୍ଥାପନ କରାଯାଇଥିବା 'ପ୍ରେସିଡେନସିଆଲ ଡିଟରମିନେସନ ରିପୋର୍ଟ'ରେ ଟ୍ରମ୍ପ ଏ ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି । ଏହି ଦେଶଗୁଡିକ ଡ୍ରଗ୍ସ ଉତ୍ପାଦନ କରିବା ସହ ଚୋରା ଚାଲାଣ କରୁଛନ୍ତି । ଏହା ଆମେରିକା ଓ ତା'ର ନାଗରିକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି । ଡ୍ରଗ୍ସ ଚୋରା ଚାଲାଣ, ଖାସ୍ କରି ଫେଣ୍ଟେନାଇଲ ଭଳି ଘାତକ ନିଶାଦ୍ରବ୍ୟ ଆମେରିକାରେ ଇମର୍ଜେନ୍ସି ଭଳି ସ୍ଥିତି ସୃଷ୍ଟି କରିଛି । ଏହା ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ ସଂକଟର ମୁଖ୍ୟ କାରଣ ଭାବେ ଉଭା ହୋଇଛି । ଏହା ଦ୍ୱାରା ୧୮ ରୁ ୪୪ ବର୍ଷ ମଧ୍ୟର ନାଗରିକଙ୍କ ମୃତ୍ୟୁର ପ୍ରଧାନ କାରଣ ବୋଲି ସେ କହିଛନ୍ତି । ଚୀନ୍‌ରେ ଫେଣ୍ଟାନାଇଲ୍ ଡ୍ରଗ୍ସ ବହୁଳ ଭାବେ ଉତ୍ପାଦନ କରାଯାଉଛି । ଆଫଗାନିସ୍ତାନରୁ ଅନ୍ତର୍ଜାତୀୟ ବଜାରକୁ ଡ୍ରଗ୍ସ ଚାଲାଣ ହେଉଛି ବୋଲି ଟ୍ରମ୍ପ କହିଛନ୍ତି ।

## ଉତ୍ତରପ୍ରଦେଶ ପୁଲିସକୁ ଗ୍ୟାଙ୍ଗଷ୍ଟର୍‌ର ଚ୍ୟାଲେଞ୍ଜ: ଏନ୍‌କାଉଣ୍ଟରର ପ୍ରତିଶୋଧ ନେବୁ

ବରେଲି, ୧୮ ।୯ (ଏଜେନ୍ସି): ଉତ୍ତରପ୍ରଦେଶର ବରେଲିରେ ବଲିଉଡ ଅଭିନେତ୍ରୀ ଦିଶା ପଟାନୀଙ୍କ ଘର ଉପରକୁ ଗୁଳିମାଡ କରିଥିବା ଦୁଇ ସୁଟରଙ୍କ ଏନକାଉଣ୍ଟର ପରେ ଗ୍ୟାଙ୍ଗଷ୍ଟର ରୋହିତ ଗୋଦାରା ପ୍ରତିଶୋଧ ନେବାକୁ ଧମକ ଦେଇଛି । ଗୁରୁବାର ସେ ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌ରେ ଲେଖା ପୋଷ୍ଟ କରି ଏହି ଘୋଷଣା କରିଛି । 'ଆମର ଯେଉଁ ଦୁଇ ସୁଟରଙ୍କୁ ଏନକାଉଣ୍ଟର କରାଯାଇଛି, ତାହର ଆମେ ପ୍ରତିଶୋଧ ନେବୁ । ଏହି ଏନ୍‌କାଉଣ୍ଟର ଆମର ବହୁତ ବଡ଼ କ୍ଷତି ଘଟାଇଛି । ଏହି ଦୁଇଜଣ ସହିଦ ହୋଇଛନ୍ତି । ଯେତେବି ପଇସାବାଲା ହୁଅନ୍ତୁ କିମ୍ବା କ୍ଷମତାଶାଳୀ ହୁଅନ୍ତୁ, ସେମାନଙ୍କୁ କ୍ଷମା ମିଳିବ ନାହିଁ' ବୋଲି ସେ ଫେସ୍‌ବୁକ୍‌ରେ ଉଲ୍ଲେଖ କରି ଧମକ ଦେଇଛି । ଉଲ୍ଲେଖଥାଉ କି, ସେପ୍ଟେମ୍ବର ୧୧ ଓ ୧୨ ତାରିଖରେ ବରେଲିସ୍ଥିତ ଦିଶାଙ୍କ ପରିବାର ରହୁଥିବା ଘର ଉପରକୁ ଦୁଇ ରାଉଣ୍ଡ ଗୁଳିମାଡ ହୋଇଥିଲା । ଏହି ମାମଲାରେ ଉତ୍ତରପ୍ରଦେଶର ଏସ୍‌ଟିଏଫ୍ ଦୁଇ ସୁଟରଙ୍କୁ ବୁଧବାର ସନ୍ଧ୍ୟାରେ ଏନକାଉଣ୍ଟର କରିଥିଲା । ଫଳରେ ଦୁଇ ସୁଟର ମୃତ୍ୟୁବରଣ କରିଥିଲେ ଓ ଏମାନେ ହରିୟାଣାର ଅରୁଣ ଓ ରବୀନ୍ଦ୍ର ବୋଲି ପୁଲିସ ଜାଣିବାକୁ ପାଇଥିଲା । ଏମାନେ ପେସାଦାର ସୁଟର ଥିଲେ ଓ ରୋହିତ ଗୋଦାରା ଓ ଗୋଲ୍ଡି ବରାଡ ଗ୍ୟାଙ୍ଗର ସଦସ୍ୟ ଥିଲେ । ଦୁଇଜଣଙ୍କ ଉପରେ ଏକ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରାଯାଇଥିଲା ।

**ପାଠ ପଢ଼ିବାକୁ ବାଜିରେ ଲାଗୁଛି ଜୀବନ**

# ଡଙ୍ଗାରେ ଭରାନଈ ପାର ହେଉଛନ୍ତି ଛାତ୍ରଛାତ୍ରୀ

ବାଲିଗୁଡ଼ା,୧୮।୯(ସମିସ): ଉଭୟ ପାଶ୍ୱର୍ରେ ଘେରି ରହିଛି ନଦୀ। ଶିକ୍ଷା ଓ ଜରୁରୀକାଳୀନ ସେବା ନିମନ୍ତେ ଭରା ନଈରେ ବିପଦସଂକୁଳ ଅବସ୍ଥାରେ ଦେଶୀ ଡଙ୍ଗା ହିଁ ଏକମାତ୍ର ସାହା ଭରସା। ବ୍ଲକ୍ କିମ୍ବା ପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ହେଲେ ନଈ ପାର ହେବାକୁ ପଡ଼ିଥାଏ। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ସେଦ୍ରିଗାଁ ପଞ୍ଚାୟତର ଗଞ୍ଜୁରିପଡ଼ି ଗାଁ ଲୋକେ ଏଭଳି ଅଭିଶପ୍ତ ଜୀବନ ଜୀଉଁଛନ୍ତି। ବାଲିଗୁଡ଼ା ଠାରୁ ମାତ୍ର ୪ କିମି ଦୂରରେ ଅବସ୍ଥିତ ଏହି ଗାଁ। ହେଲେ ବିକାଶ ଏଠିକୁ ବାଟ ଭୁଲି ଯାଇଛି। ଅଞ୍ଚଳରେ ପାଖାପାଖି ୨ ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଭୌଗଳିକ ଦୃଷ୍ଟିକୋଣରୁ ଗଞ୍ଜୁରିପଡି ଗାଁକୁ ଉଭୟ ପାଶ୍ୱର୍ରୁ ଘେରି ରହିଛି ଚିରସ୍ରୋତ ଖଡ଼ଗ ଓ ବାଘ ନଦୀ। ସ୍କୁଲ କଲେଜ ପିଲାଙ୍କ ପାଠ ଠାରୁ ଆରମ୍ଭ କରି ଜରୁରୀକାଳିନ ପରିସ୍ଥିତି କିମ୍ବା ଛୋଟ ବଡ଼ ଯେ କୌଣସି କାର୍ଯ୍ୟ ପାଇଁ ବାଲିଗୁଡ଼ା ବଜାର ଉପରେ ନିର୍ଭର କରିଥାନ୍ତି ଗ୍ରାମବାସୀ। ଏଭଳି ସ୍ଥିତିରେ ବର୍ଷା ୪ ମାସ ବହୁ କଷ୍ଟରେ ଜୀବନଯାପନ କରିଥାନ୍ତି। ନଦୀରେ ପାଣି ଆସିଲେ ଯାତାୟତ ଏକ ପ୍ରକାର ବନ୍ଦ ହୋଇଯାଉଛି। ଅଞ୍ଚଳବାସୀ ଏଥିରେ ବିଶେଷ ପ୍ରଭାବିତ ହେଉଛନ୍ତି। ପିଲାଙ୍କ ପାଠ ପଢ଼ା ସହ ଅଧିକାଂଶ ଗାଁ ଲୋକଙ୍କୁ ନିବୃତ୍ତ ରହିବାକୁ ପଡିଥାଏ। ନିଜ ଚେଷ୍ଟାରେ ଏକ ଛୋଟ ଡଙ୍ଗା ସେମାନଙ୍କୁ ସାହାଭରଷା ହୋଇଛି। ଏହି ଡଙ୍ଗାରେ ମାତ୍ର ଦୁଇରୁ ତିନି ଜଣ ଏକକାଳୀନ ଯିବା ଆସିବା କରନ୍ତି। ଆହୁରି ମଧ୍ୟ ଗାଁର କେହି ପୁରୁଷ ଲୋକ ଆସିଲେ ହିଁ ଡଙ୍ଗା ଟିକୁ ନେବା ଆଣିବା କରାଯାଇଥାଏ। ଏହି କାରଣରୁ ଛାତ୍ରଛାତ୍ରୀ ଓ ମହିଳାଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼େ। ବାରମ୍ବାର ସ୍ଥାନୀୟ ପ୍ରଶାସନ, ସରପଞ୍ଚଙ୍କୁ ଲିଖିତ ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳି ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କୁ ଦୁଇ ଥର ଅଭିଯୋଗ କରି ମଧ୍ୟ ନିରାଶ ହୋଇଛନ୍ତି ଅଞ୍ଚଳବାସୀ। ଏକ ପୋଲ ନିର୍ମାଣ ସହ ଏକ ବଡ଼ ଡଙ୍ଗା ଯଥା ଶୀଘ୍ରପ୍ରଦାନ କରିବା ପାଇଁ ଦାବି ଅଞ୍ଚଳବାସୀ ଦାବି କରିଛନ୍ତି।



■ ୨୦ ଲକ୍ଷର ଚାଉଳ ହଡ଼ପ ମାମଲା

## ପୂର୍ବତନ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସମେତ ଦୁଇଜଣଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ

ବାଲେଶ୍ୱର,୧୮।୯(ସମିସ): ୨୦୦୯ ମସିହାରେ ଜିଲ୍ଲାରେ ୨୦ ଲକ୍ଷରୁ ଅଧିକ ଟଙ୍କା ମୂଲ୍ୟର ଚାଉଳ ହଡ଼ପ ମାମଲାର ରାୟ ଆଜି ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲଳିତ କୁମାର ଦାସ ୯ଜଣ ସାକ୍ଷୀ ଏବଂ ବିଭିନ୍ନ ଦସ୍ତାବିଜକୁ ଆଧାର କରି ଉକ୍ତ ମାମଲାରେ ସମ୍ପୃକ୍ତ ବାଲେଶ୍ୱର ଜିଲ୍ଲାର ପୂର୍ବତନ ଅତିରିକ୍ତ ଯୋଗାଣ ଅଧିକାରୀ ଯଶକେତନ ପ୍ରଧାନଙ୍କ ସହ ପୂର୍ବତନ ଆରଆରସି ଗୋଦାମ ଆସିଷ୍ଟାଣ୍ଟ ବିଜୟ କୁମାର ନାୟକଙ୍କୁ ୩ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଉଭୟଙ୍କୁ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସ ଲେଖାଏଁ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

୨୦୦୮-୨୦୦୯ରେ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ଭାବେ ଯଶକେତନ କାର୍ଯ୍ୟ କରୁଥିଲେ। ସେ ଡିଲରମାନଙ୍କଠାରୁ ଚାଉଳ କିଣି ସେଗୁଡିକୁ ଆରଆରସି ଗୋଦାମରେ ମହଜୁଦ ରଖିବା ସହ ରେଜିଷ୍ଟର ତଦାରଖ କରୁଥିଲେ। ତାଙ୍କ ନିର୍ଦ୍ଦେଶ ଅନୁସାରେ ଆରଆରସି ଗୋଦାମ ଆସିଷ୍ଟାଣ୍ଟ ବିଜୟ ଗୋଦାମରେ ଚାଉଳ ରଖି ଅନ୍ୟ ଡିଲରମାନଙ୍କୁ ବିକ୍ରି କରୁଥିଲେ। ଗୋଦାମରେ ଚାଉଳ ସଠିକ ଭାବେ ରହୁନଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଭିଜିଲାନସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଷ୍ଟକ୍ ରେଜିଷ୍ଟର୍ ଓ ଗୋଦାମରେ ଗଚ୍ଛିତ ଥିବା ଚାଉଳର ମେଳ ଖାଇନଥିଲା। ଗୋଦାମରେ ୧୨୬୬.୨୬ କ୍ୱିଣ୍ଟାଲ ଚାଉଳ କମ୍ ରହିଥିଲା, ଯାହାର ମୂଲ୍ୟ ୨୦ଲକ୍ଷ ୩୮ହଜାର ୭ ଟଙ୍କା ହେବ ବୋଲି ଜଣାପଡ଼ିଥିଲା। ଉପରୋକ୍ତ ଦୁଇ ଅଭିଯୁକ୍ତ ସମସ୍ତ ଟଙ୍କା ଆତ୍ମସାତ୍ କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଏଣୁ ମାମଲାକୁ ବିଚାରପତି ଦୀର୍ଘବର୍ଷ ପରେ ବିଚାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ରାଧାକାନ୍ତ ମହାପାତ୍ର ପରିଚାଳନା କରୁଥିଲେ।

## ଟ୍ରେନ୍‌ରୁ ୧୬ଟି ଜୀବନ୍ତ କଇଁଛ ଉଦ୍ଧାର, ଦୁଇ ଅଟକ

ବାଲେଶ୍ୱର,୧୮।୯(ସମିସ): ଗୁରୁବାର ଖଡଗପୁର ଡିଭିଜନର ଆରପିଏଫ ସିଆଇବି ପକ୍ଷରୁ ଚଳନ୍ତା ଟ୍ରେନରେ ଚଢ଼ାଉ କରାଯାଇ ଚୋରା ଚାଲାଣ ହେଉଥିବା ୧୬ଟି ଜୀବନ୍ତ କଇଁଛକୁ ଉଦ୍ଧାର କରିବା ସହ ଏଥିରେ ସମ୍ପୃକ୍ତ ଦୁଇଜଣ ବେପାରୀକୁ ବାଲେଶ୍ୱର ଆରପିଏଫ କାବୁ କରିଛି।



ଆରପିଏଫ ବନ ବିଭାଗକୁ ଡାକି ଜୀବନ୍ତ କଇଁଛ ସହ ଦୁଇ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ଅଟକ ଦୁଇ ବେପାରୀ ହେଲେ ସଦର ଥାନା ଅର୍ନ୍ତଗତ ବସନ୍ତପୁର ଅଞ୍ଚଳର ଯଦୁଆ ସିଂ ଏବଂ ରେମୁଣା ବ୍ଲକ ଟିଣା ଗ୍ରାମର ଶାମ ଦଳେଇ। ବାଲେଶ୍ୱର ଜିଲ୍ଲାରୁ ଜୀବନ୍ତ କଇଁଛ ଚାଲାଣ ହେଉଥିବା ନେଇ ଖବର ପାଇ ଖଡଗପୁର ଡିଭିଜନର ସିଆଇବି ଡିଆଇ ୱାଇ. କୁମାରଙ୍କ ନିର୍ଦ୍ଦେଶ କ୍ରମେ ଏକ ତିନି ଜଣିଆ ଟିମ୍ ଭଦ୍ରକ-ଖଡଗପୁର ଲୋକାଲ ଟ୍ରେନରେ ଆଜି ଅପରାହ୍ନରେ ଚଢ଼ଉ କରିଥିଲା। ଖନ୍ତାପଡା-ନୀଳଗିରି ମଧ୍ୟରେ ଆରପିଏଫ ସିଆଇବି ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରି ବାଲେଶ୍ୱର ଆରପିଏଫ ଥାନାକୁ ଆଣିଥିଲା।

**ବନ ବିଭାଗକୁ ହସ୍ତାନ୍ତର କଲା ଆର୍‌ପିଏଫ୍**

ଯଦୁଆଠୁ ୭ଟି ଜୀବନ୍ତ କଇଁଛ ଉଦ୍ଧାର ହୋଇଥିବା ବେଳେ ଶାମଠାରୁ ୯ଟି କଇଁଛ ଉଦ୍ଧାର ହୋଇଛି। ଖବର ପାଇ ବନ ବିଭାଗ ପହଞ୍ଚି ଉଦ୍ଧାର ହୋଇଥିବା ୧୬ଟି କଇଁଛ ସମେତ ଦୁଇ ଅଭିଯୁକ୍ତଙ୍କୁ ନେଇଯାଇଛି। ଏହି ଚଢ଼ଉରେ ସିଆଇବି ଖଡଗପୁରର ଏଏସଆଇ ଏସକେ ସିଂ ଏବଂ କନେଷ୍ଟବଳ ଏସକେ ସିଂ ପ୍ରମୁଖ ସାମିଲ ଥିଲେ।

**ସଂଖ୍ୟା କମାଇଦେଲେ; ବଞ୍ଚିତ ହେବେ ବ୍ରତଧାରୀ**

## ହବିଷ୍ୟାଳି ଯୋଜନାର ତଣ୍ଟି ଚିପିଦେଲେ

ପୁରୀ,୧୮।୯ (ସମିସ): ହବିଷ୍ୟାଳି ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା। ରାଜ୍ୟର ପ୍ରାୟ ପ୍ରତ୍ୟେକ ଜିଲ୍ଲାରୁ ହବିଷ୍ୟାଳି ମା'ମାନେ ଏହାଦ୍ୱାରା ଉପକୃତ ହୋଇଥାନ୍ତି। ଶ୍ରୀକ୍ଷେତ୍ରରେ ମାସଟାଯାକ ରହି କାର୍ତ୍ତିକ ବ୍ରତ ପାଳନ କରିବା ପ୍ରାୟ ହବିଷ ବ୍ରତଧାରୀ ଇଚ୍ଛା ରଖିଥାନ୍ତି। ପ୍ରତିବର୍ଷ ଏହି ଯୋଜନା ପ୍ରତି ହବିଷ୍ୟାଳି ମା'ମାନଙ୍କ ଚାହିଦା ବଢୁଛି। ଏହାର ବାସ୍ତବତାକୁ ଉପଲବ୍ଧ କରି ପ୍ରତିବର୍ଷ କିପରି ତା' ପୂର୍ବ ବର୍ଷଠାରୁ ଅଧିକ ବ୍ରତଧାରୀ ରହିବେ ସେଥିଲାଗି ସରକାର ଏବଂ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇଥାନ୍ତି। ହେଲେ ଗତବର୍ଷ ଭଳି ଏ ବର୍ଷ ମଧ୍ୟ ଏଥିରେ ବ୍ୟତିକ୍ରମ ଘଟିଛି। ବିଗତ ବର୍ଷମାନଙ୍କଠାରୁ ଏ ବର୍ଷ ହବିଷ୍ୟାଳିଙ୍କ ସଂଖ୍ୟା କମାଇ ଦିଆଯାଇଛି। ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନର ଏହି ଆନ୍ତରିକତା ଅଭାବରୁ ଚଳିତବର୍ଷ ଆବେଦନ କରିଥିବା ଅନେକ ବ୍ରତଧାରୀ ବଞ୍ଚିତ ହେବା ଏକପ୍ରକାର ସ୍ପଷ୍ଟ ହୋଇଛି। ପ୍ରତିବର୍ଷ କାର୍ତ୍ତିକ ବ୍ରତ ପାଳନ ନିମନ୍ତେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହବିଷ୍ୟାଳି ମା'ମାନେ ପୁରୀ ଆସିଥାନ୍ତି। ପରିଣତ ବୟସରେ ହବିଷ କରିବାକୁ ଆସୁଥିବା ବ୍ରତଧାରୀମାନେ ନିଜସ୍ୱ ଖର୍ଚ୍ଚରେ ବିଭିନ୍ନ ମଠ, ମନ୍ଦିର, ଧର୍ମଶାଳା ଏବଂ କେହି କେହି ନିଜ ସମ୍ପର୍କୀୟଙ୍କ ଘରେ ରହିଥାନ୍ତି। ଏମିତି ବି ଅନେକ ବ୍ରତଧାରୀ ଅଛନ୍ତି ଯେଉଁମାନେ କେବଳ ପଞ୍ଚକ ପାଞ୍ଚଦିନ ଶ୍ରୀକ୍ଷେତ୍ର ରହି ହବିଷ କରିଥାନ୍ତି। ଏମାନେ ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିବା ସହ ରାଇଦାମୋଦରଙ୍କୁ ପୂଜା କରିଥାନ୍ତି। ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଦିନକୁ ଥରେ ହବିଷାନ୍ନ ସେବନ କରନ୍ତି। କେହି କେହି ହାତରେ ହବିଷ୍ୟାନ୍ନ ପ୍ରସ୍ତୁତ କରୁଥିବାବେଳେ ଆଉ କେହି ମାସଟା ଯାକ ମହାପ୍ରସାଦ ମଧ୍ୟ ସେବନ କରିଥାନ୍ତି। ସାଧାରଣତଃ ଅଧିକାଂଶ ପରିଣତ ବୟସରେ ପହଞ୍ଚିଥିବା ମହିଳା ବ୍ରତ କରିବାକୁ ଶ୍ରୀକ୍ଷେତ୍ର ଆସିଥାନ୍ତି। ଏମିତି ବି ଅନେକ ମହିଳା ଅଛନ୍ତି ଯେଉଁମାନେ ପୁରୀରେ ରହି ବ୍ରତ ପାଳିବାକୁ ଇଚ୍ଛା କରିଥିଲେ ହେଁ ଆର୍ଥିକ ସ୍ଥିତି ସେମାନଙ୍କୁ ପଛକୁ ଟାଣିଥାଏ। ଫଳରେ ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳନ କରିବାର ଇଚ୍ଛାକୁ ସେମାନେ ମନ ଭିତରେ ଚାପିଦିଅନ୍ତି। ଏହିଭଳି ବାସ୍ତବତାକୁ ଉପଲବ୍ଧି କରିଥିଲେ ପୂର୍ବର ନବୀନ ସରକାର। ହବିଷ୍ୟାଳି ମା'ମାନେ କିପରି ମାଗଣାରେ ରହି ବ୍ରତ ପାଳନ କରିବେ ସେଥିଲାଗି ୨୦୧୬ରେ ବିଜେଡି ସରକାର ହବିଷ୍ୟାଳି ଯୋଜନା ଆରମ୍ଭ କରିଥିଲେ।

୨୦୧୬ରୁ ଏହି ଯୋଜନା ଆରମ୍ଭ ହେବା ପରଠାରୁ ପ୍ରତିବର୍ଷ ଏହାର ଚାହିଦା ବୃଦ୍ଧି ପାଇଛି। ଅର୍ଥାତ୍ ଏହି ଯୋଜନାରେ ପ୍ରତିବର୍ଷ ହବିଷ୍ୟାଳୀଙ୍କ ସଂଖ୍ୟା ବଢିଛି। ଏହାକୁ ନଜରରେ ରଖି ରାଜ୍ୟ ସରକାର ଭିତ୍ତିଭୂମିକୁ ମଧ୍ୟ ବୃଦ୍ଧି କରୁଥିଲେ। କୋଭିଡ଼ ପାଇଁ ୨୦୨୦ ଏବଂ ୨୦୨୧ରେ ଏହି ଯୋଜନା ବନ୍ଦ ରହିଥିବା ବେଳେ ପୁନଶ୍ଚ ୨୦୨୨ରୁ ଆରମ୍ଭ ହୋଇଛି। ୨୦୨୨ରେ ୨୯ଟି ଜିଲ୍ଲାରୁ ପ୍ରାୟ ୩ ହଜାର ବ୍ରତଧାରୀ ଆସି ପୁରୀରେ ରହି କାର୍ତ୍ତିକ ବ୍ରତ କରିଥିଲେ। ସେହି ବର୍ଷ ହବିଷ୍ୟାଳି ମା'ମାନଙ୍କ ନିମନ୍ତେ ସ୍ଥାୟୀ ଶିବିର 'ବୃନ୍ଦାବତୀ ନିବାସ'କୁ ଉଦ୍‌ଘାଟନ କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଶିବିରରେ ହବିଷ୍ୟାଳିଙ୍କ ପାଇଁ ଅତ୍ୟାଧୁନିକ ସୁବିଧା କରାଯାଇଥିଲା। ସେହିପରି ଆହୁରି ୪ଟି ଶିବିର ବଗଲା ଧର୍ମଶାଳା, ଅକ୍ଷୟପାତ୍ର ଫାଉଣ୍ଡେଶନ, ବାଗେଡିଆ ଧର୍ମଶାଳା ଏବଂ ମୋଚିସାହି କଲ୍ୟାଣମଣ୍ଡପରେ ରହିଥିଲେ ବ୍ରତଧାରୀ। ୨୦୨୩ରେ ବି ୫ଟି ଶିବିର ଅର୍ଥାତ୍ ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର, ବଗଲା ଧର୍ମଶାଳା, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପରେ ପ୍ରାୟ ୩,୨୦୦ରୁ ଅଧିକ ହବିଷ୍ୟାଳୀ ମା'ମାନେ ରହି ବ୍ରତ ପାଳନ କରିଥିଲେ।

୨୦୨୪ରେ ରାଜ୍ୟରେ ଆସିଥିଲା ନୂଆ ସରକାର। ତେଣୁ ବ୍ରତଧାରୀମାନେ ଅଧିକ ସଂଖ୍ୟାରେ ଏହି ଯୋଜନାରେ ସାମିଲ ହେବେ ବୋଲି ଆଶା କରିଥିଲେ। ହେଲେ ସେମାନଙ୍କ ଆଶା ନିରାଶାରେ ପରିଣତ ହୋଇଥିଲା। ସରକାର ହବିଷ୍ୟାଳିଙ୍କ ସଂଖ୍ୟା କମାଇ ୨,୫୦୦ ଖସାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ଏହାକୁ ନେଇ ବେଶ୍ ହୋ ହଲ୍ଲା ହୋଇଥିଲା। ଏଥର ସରକାର ପୂର୍ବରୁ ଯେଉଁଭଳି ଭାବେ ୩୦୦୦ରୁ ଅଧିକ ବ୍ରତଧାରୀ ରହୁଥିଲେ ସେଭଳି ବ୍ୟବସ୍ଥା କରିବେ ବୋଲି ଆଶା କରାଯାଉଥିଲା। ହେଲେ ସେମିତି ବ୍ୟବସ୍ଥା ହେଉନି। ଚଳିତବର୍ଷ ସ୍ଥାୟୀ କେନ୍ଦ୍ର ବୃନ୍ଦାବତୀ ନିବାସ ସମେତ ୪ଟି କେନ୍ଦ୍ରରେ ୨,୫୦୦ ହବିଷ୍ୟାଳିଙ୍କ ରହଣି ବ୍ୟବସ୍ଥା କରାଯାଉଛି। ସେହିପରି ହବିଷ୍ୟାଳିଙ୍କ ପାଇଁ ଅନ୍‌ଲାଇନ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଥିବା ବେଳେ ବିନା ପଞ୍ଜିକରଣରେ କେହି ନ ଆସିବା ପାଇଁ ଆଗୁଆ ସତର୍କ କରିଛି ଜିଲ୍ଲା ପ୍ରଶାସନ। ତେଣୁ ଏଥର ବି ଅନେକ ବ୍ରତଧାରୀ ହବିଷ୍ୟାଳି ଯୋଜନାର ସୁବିଧାରୁ ବଞ୍ଚିତ ହେବେ ଏଥିରେ ସନ୍ଦେହ ନାହିଁ।

**ଆଜିଠୁ ଅନ୍‌ଲାଇନ ପଞ୍ଜୀକରଣ**

ପୁରୀ,୧୮।୯(ସମିସ): ଶ୍ରୀକ୍ଷେତ୍ରରେ କାର୍ତ୍ତିକ ମାସରେ 'ରାଇଦାମୋଦର ବ୍ରତ' ପାଳନ କରିବା ପାଇଁ ସରକାରଙ୍କ ପକ୍ଷରୁ ହବିଷ୍ୟାଳି ଯୋଜନା କାର୍ଯ୍ୟକାରୀ ହେଉଛି। ମୁଖ୍ୟତଃ ହବିଷ୍ୟାଳି ମା'ମାନଙ୍କ ରହଣି, ଶ୍ରୀଜଗନ୍ନାଥ ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ ଶ୍ରବଣ ସାଙ୍ଗକୁ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଛି। ଯେଉଁମାନେ ଏହି ଯୋଜନାରେ ଆସିବେ ସେମାନଙ୍କୁ ନାମ ପଞ୍ଜୀକରଣ କରିବାକୁ ପଡିବ। ତେଣୁ ଆଗ୍ରହୀ ହବିଷ୍ୟାଳିମାନେ ସେପ୍ଟେମ୍ବର ୧୯ ତାରିଖରୁ edistrict.odisha.gov.in ମାଧ୍ୟମରେ ପଞ୍ଜୀକରଣ କରିବେ।

## ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ସାମଗ୍ରୀ ଚୋରି

ଭୁବନେଶ୍ୱର,୧୮।୯(ସମିସ): ଗତ ବିଧାନସଭା ଚାଲିଥିଲା ବେଳେ ବିଧାନସଭା ପରିସରରୁ କଂଗ୍ରେସ ବିଧାୟକଙ୍କ ଘଣ୍ଟା, ସୁନା ଚେନ ଓ ବ୍ୟାଗରେ ଥିବା କିଛି ଗୁରୁତ୍ୱପୂର୍ଣ କାଗଜପତ୍ର ସହ ପ୍ୟାଣ୍ଟ ସାର୍ଟ ଚୋରି ହୋଇଗଲା। ଚୋରି ସମ୍ପର୍କିତ ଅଭିଯୋଗ କରି ବିଧାୟକମାନେ ବାଚସ୍ପତିଙ୍କୁ ଜଣାଇଥିଲା। ହେଲେ ଏପର୍ଯ୍ୟନ୍ତ ଚୋରି ଜିନିଷ ଠାବ ହୋଇ ପାରି ନାହିଁ। କିଏ ଚୋରି କଲା ତାକୁ ବି ଖୋଜାଗଲା ନାହିଁ। ତେଣୁ ଏହି ଜିନିଷପତ୍ର ଫେରାଇ ଦିଆଯାଉ ବୋଲି ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ।

ନାରୀ ନିର୍ଯ୍ୟାତନା ବୃଦ୍ଧିକୁ ପ୍ରସଙ୍ଗ କରି ବିଧାନସଭା ତଦନ୍ତ କମିଟି ଗଠନ କରିବା ଦାବି କରୁଥିଲା ବେଳେ କଂଗ୍ରେସ ବିଧାୟକମାନଙ୍କୁ ଗୃହରୁ ନିଲମ୍ବିତ କରାଯାଇଥିଲା। ନିଲମ୍ବିତ ହୋଇଥିବା ବିଧାୟକମାନେ ୨୬ ମାର୍ଚ୍ଚ୨ଟା ୩୦ ମିନିଟ ସମୟରେ ବିଧାନସଭା ଗୃହ ମଧ୍ୟକୁ ପ୍ରବେଶ କରିବାବେଳେ ବିଧାନସଭାର ସୁରକ୍ଷା କର୍ମୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ସେହି ସମୟରେ କିଛି ଅସାମାଜିକ ତତ୍ତ୍ୱ ବିଧାୟକମାନଙ୍କ ଘଣ୍ଟା, ସୁନା ଚେନ ଓ ବ୍ୟାଗରେ ଥିବା କିଛି ଗୁରୁତ୍ୱପୂର୍ଣ କାଗଜପତ୍ର ସହ ପ୍ୟାଣ୍ଟ ସାର୍ଟ ମଧ୍ୟ ଚୋରି କରିନେଇଥିବା ଅଭିଯୋଗ ବାଚସ୍ପତିଙ୍କ ନିକଟରେ କରାଯାଇଥିଲା। ଆଜି ମୌସୁମୀ ବିଧାନସଭା ଆରମ୍ଭ ହୋଇଛି। ଚୋରି ହୋଇଥିବା ଜିନିଷ ଏ ପର୍ଯ୍ୟନ୍ତ ମିଳି ପାରି ନାହିଁ କିମ୍ବା ସେ ସମ୍ପର୍କରେ ବିଧାନସଭା କାର୍ଯ୍ୟାଳୟ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ। ତେଣୁ ଚୋରି ହୋଇଥିବା ଜିନିଷପତ୍ରର ତୁରନ୍ତ ଉଦ୍ଧାର ପାଇଁ ଉଚିତ ପଦକ୍ଷେପ ନେବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

**ବାଚସ୍ପତିଙ୍କୁ ଚିଠି ଲେଖିଲେ କଂଗ୍ରେସ ବିଧାୟକ ଦଳ ନେତା**

## ଖୋର୍ଦ୍ଧା ଜିଲ୍ଲାରେ ମାଳମାଳ ବେଆଇନ ପାଥୋଲାବ୍

ଭୁବନେଶ୍ୱର, ୧୮।୯ (ସମିସ): ରାଜଧାନୀ ଭୁବନେଶ୍ୱର ସମେତ ସମଗ୍ର ଖୋର୍ଦ୍ଧା ଜିଲ୍ଲାରେ ବେଆଇନ ଭାବେ ମାଳାମଳ ପାଥୋଲାବ୍ ଓ ପରୀକ୍ଷାଗାର ଖୋଲିଛି। ଏହି ଲାବ୍‌ଗୁଡ଼ିକର ଭୁଲ୍ ରିପୋର୍ଟ ରୋଗୀମାନଙ୍କୁ ମୃତ୍ୟୁମୁଖରେ ପକାଉଛି। କେତେକାଂଶରେ ସୁସ୍ଥ ରୋଗୀ ଭୁଲ୍ ଚିକିତ୍ସା ଓ ଔଷଧ ସେବନ କରି ପାର୍ଶ୍ୱପ୍ରତିକ୍ରିୟାର ଶିକାର ହେଉଛନ୍ତି। ସାଧାରଣଲୋକ ଏହା ବିରୋଧରେ କେଉଁଠି ଅଭିଯୋଗ କରିବେ, ଜାଣି ନପାରି ଚୁପ୍ ବସୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ବି ସବୁ ଜାଣି ନ ଜାଣିବା ଭଳି ଅଭିନୟ କରୁଛି। ବେଆଇନ ପାଥୋଲାବ୍‌ର ଯାଞ୍ଚ ହେଉନି କି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଏମିତିକି, ଅଧିକାଂଶ ପଞ୍ଜିକୃତ ପାଥୋଲାବ୍‌ରେ ଅନଭିଜ୍ଞ ଲୋକମାନେ ପରୀକ୍ଷାନିରୀକ୍ଷା କରୁଛନ୍ତି। ଫଳସ୍ୱରୂପ ଭୁଲ୍ ରିପୋର୍ଟ ବାହାରୁଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟାନୁସାରେ, ଖୋର୍ଦ୍ଧା ଜିଲ୍ଲାରେ ମୋଟ ଉପରେ ୪୪ଟି ପାଥୋଲାବ୍ ସରକାରଙ୍କ ପାଖରେ ପଞ୍ଜୀକରଣ କରିଛନ୍ତି। ଏଥିରୁ କେବଳ ଭୁବନେଶ୍ୱରରେ ୩୯ଟି ଥିବା ବେଳେ ଖୋର୍ଦ୍ଧାରେ ୩ଟି, ଜଟଣୀରେ ଗୋଟିଏ, ବାଲିଅନ୍ତା ବ୍ଲକ୍‌ର ବାଳକାଟିରେ ଗୋଟିଏ ଲାବ୍ ରହିଛି। ବେଗୁନିଆ, ବୋଲଗଡ଼, ଟାଙ୍ଗୀ, ବାଣପୁର ବାଲୁଗାଁ, ଚିଲିକା, ବାଲିପାଟଣା ଅଞ୍ଚଳରେ ଚାଲୁଥିବା ଶତାଧିକ ଘରୋଇ ପାଥୋଲାବ୍ ବେଆଇନ ଭାବେ ଚାଲିଛି। ଏଥିସହ ଭୁବନେଶ୍ୱର, ଜଟଣୀ ଓ ଖୋର୍ଦ୍ଧାରେ ଗଳିକନ୍ଦିରେ ଖୋଲିଥିବା ଅନେକ ପାଥୋଲାବ୍ ବିନା ପଞ୍ଜୀକରଣରେ ଚାଲିଛି। ବର୍ଷତମାମ ବେଆଇନ ଭାବେ ଚାଲିଥିବା ଏହି ପାଥୋଲାବଗୁଡ଼ିକ ପ୍ରତି ସ୍ୱାସ୍ଥ୍ୟ ବିଭାଗ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ଏପରିସ୍ଥଳେ, ସରକାର ରାଜସ୍ୱ ହରାଉଥିବା ବେଳେ ରୋଗୀ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି।

**■ ୪୪କୁ ମିଳିଛି ଅନୁମତି, ଖୋଲିଛି ଶତାଧିକ**
**■ ମୃତ୍ୟୁ ମୁଖରେ ରୋଗୀ, ରାଜସ୍ୱ ହରାଉଛନ୍ତି ସରକାର**

ପୁଣି ଅଧିକାଂଶ ରୋଗୀଙ୍କର ରିପୋର୍ଟ ତ୍ରୁଟିପୂର୍ଣ୍ଣ ରହୁଥିବାରୁ ରୋଗ ଭଲ ହେବା ପରିବର୍ତ୍ତ ବଢ଼ିଚାଲିଛି।

ଅଭିଯୋଗ ଅନୁସାରେ, ୫ରୁ ୧୦ ହଜାର ଟଙ୍କା ଖର୍ଚ୍ଚ କଲେ ବିଭିନ୍ନ ଅନାମଧେୟ ସଂସ୍ଥାରୁ ଟେକ୍ନିସିଆନ ସାର୍ଟିଫିକେଟ୍ ମିଳିଯାଉଛି। ସାର୍ଟିଫିକେଟ ହାସଲ ପରେ ପାଥୋଲାବ ଫଳକଟିଏ ମାରି ରକ୍ତ, ମଳ, ମୂତ୍ର ଆଦି ପରୀକ୍ଷା କରାଯାଉଛି। ବ୍ୟାବହାରିକ ଓ ବୃତ୍ତିଗତ ଜ୍ଞାନ ଅଭାବରୁ ରୋଗୀମାନେ ଆର୍ଥିକ ଦୃଷ୍ଟିରୁ ଶୋଷିତ ହେଉଛନ୍ତି। ଅନ୍ୟପକ୍ଷେ, ତ୍ରୁଟିପୂର୍ଣ୍ଣ ପରୀକ୍ଷଣ ଯୋଗୁ ବ୍ଲଡ୍ ଗ୍ରୁପ୍ ଚିହ୍ନଟ ବେଳେ ଜଣେ ବ୍ୟକ୍ତିର ବ୍ଲଡ୍ ଗ୍ରୁପ୍ ମଧ୍ୟ ଭିନ୍ନ ହୋଇଯାଉଛି। ପୁଣି ବିଭିନ୍ନ ପରୀକ୍ଷଣ ରିପୋର୍ଟରେ ତ୍ରୁଟି ରହୁଛି। ଫଳରେ କେତେକ କ୍ଷେତ୍ରରେ ରୋଗୀ ଗୁରୁତର ଓ ପ୍ରାଣ ହରାଉଛନ୍ତି। ଏଭଳି ଘଟଣା ବିଭିନ୍ନ ସମୟରେ ଘଟି ଚାଲିଥିଲେ ମଧ୍ୟ ଅଭିଯୋଗକୁ ଚାପି ଦିଆଯାଉଥିବା ଅଭିଯୋଗ ହେଉଛି। ପାଥୋଲାବ୍ ପରୀକ୍ଷାଗାର ଖୋଲିବା ପାଇଁ ସରକାରଙ୍କ ସ୍ୱତନ୍ତ୍ର ନିୟମ ରହିଛି। ନିୟମ ଅନୁସାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ)ଙ୍କ ନିକଟରେ ନିର୍ଦ୍ଧାରିତ ଟଙ୍କା ଜମା କରି ପଞ୍ଜୀକୃତ କରାଯାଇପାରିବ। ହେଲେ ବିନା ପଞ୍ଜୀକରଣରେ ପାଥୋଲାବ୍ ଚାଲିଥିବାରୁ ସରକାରଙ୍କ ନିୟମକୁ ଅଣଦେଖା କରାଯାଉଛି।

ଏ ସମ୍ପର୍କରେ ରୋଗୀ ସମ୍ପର୍କୀୟ ବିଶିକେଶନ ବରାଳ କହିଛନ୍ତି, କେଉଁ ପାଥୋଲାବ ବେଆଇନ ଓ କିଏ ପଞ୍ଜିକୃତ ରୋଗୀମାନେ କିପରି ଜାଣିବେ। ରୋଗୀ ପରୀକ୍ଷା କରି ଶୀଘ୍ର ଡାକ୍ତର ପାଖକୁ ଯିବାକୁ ତରବର ହୋଇଥାଏ। ସବୁ ପାଥୋଲାବ ଲୋକଙ୍କୁ ପରୀକ୍ଷଣ କରୁଛନ୍ତି। କିଏ ଅସଲି କିଏ ନକଲି ରୋଗୀ ଜାଣିନପାରି ଟଙ୍କା ଖର୍ଚ୍ଚ କରି ବିପଦକୁ ଆମନ୍ତ୍ରଣ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ତଦନ୍ତ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ନଚେତ ରୋଗୀଙ୍କ ଜୀବନ ସହ ଖେଳ ଚାଲିଥିବ ବୋଲି କହିଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏନେଇ ଆମେ ତଦନ୍ତ କରିବୁ। ଯେଉଁମାନେ ପଞ୍ଜୀକୃତ ନ କରି ପାଥୋଲାବ୍ ପରୀକ୍ଷାଗାର କରିଛନ୍ତି, ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ପୁଲିସ-ମାଓବାଦୀ ଗୁଳି ବିନିମୟ; ଯବାନ ଗୁରୁତର

ଭଞ୍ଜନଗର,୧୮।୯(ସମିସ): ଗଞ୍ଜାମ-କନ୍ଧମାଳ ସୀମାରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁରୁବାର ଅପରାହ୍ନରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ଏସ୍‌ଓଜି ଯବାନଙ୍କ ଦେହରେ ଗୁଳି ବାଜିଥିବାବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଭଞ୍ଜନଗର ମେଡିକାଲ ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଯବାନ ଜଣକ ପ୍ରେମ ମାଝି ବୋଲି ସୂଚନା ମିଳିଛି। ଗୁରୁବାର ଅପରାହ୍ନ ୪ଟାରେ ଉଭୟ ଜିଲ୍ଲାର ସୀମାରେ ଥିବା ଇନ୍ଦ୍ରଗଡ଼ ଜଙ୍ଗଲରେ ଏସ୍‌ଓଜି ଯବାନଙ୍କ କମ୍ବିଂ ଅପରେସନ ଜାରି ରଖିଥିବାବେଳେ ଅତର୍କିତ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଫଳରେ ଉଭୟ ପକ୍ଷରୁ ଗୁଳିବିନିମୟ ହୋଇଥିଲା। ମାଓବାଦୀଙ୍କ ଗୁଳିରେ ପ୍ରେମ ମାଝି ଗୁରୁତର ହୋଇଥିଲେ। ଗୁଳି ତାଙ୍କର ପେଟରେ ବାଜିଥିବା ଜଣାପଡ଼ିଛି। ତୁରନ୍ତ ଯବାନଙ୍କୁ ମେଡିକାଲ ନିଆଯାଇଥିବାବେଳେ ଖବର ଲେଖାହେବା ପର୍ଯ୍ୟନ୍ତ ଉଭୟ ପକ୍ଷରୁ ଗୁଳି ବିନିମୟ ଜାରି ରହିଥିବାବେଳେ ସବିଶେଷ ସୂଚନା ମିଳିପାରିନାହିଁ।



**ପୁଣି ଲାଗିଲା ମାଓ ବ୍ୟାନର୍**

## ସ୍ଥିତି ଜାହିର କଲା କେକେବିଏନ୍ ମାଓ ସଂଗଠନ

ବାଲିଗୁଡ଼ା,୧୮।୯(ସମିସ): କିଛି ଦିନର ନିରବତା ପରେ ପୁଣି କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ସ୍ଥିତି ଜାହିର କରିଛନ୍ତି ମାଓବାଦୀ। କେକେବିଏନ୍ ସିପିଆଇ ମାଓ ସଂଗଠନ ବାଲିଗୁଡ଼ା ଥାନା ବାରଖମା ଫାଣ୍ଡି ସୁଡ୍ରା ଯିବା ରାସ୍ତାର ଡାବୁଡ଼କା ଘାଟିରେ ରାସ୍ତାକଡ଼ରେ ବ୍ୟାନର୍ ଲଗାଇଛି। ଏଥିରେ ୨୧ ତମ ପ୍ରତିଷ୍ଠା ଦିବସକୁ ୨୧ ସେପ୍ଟେମ୍ବରଠାରୁ ୨୧ ଅକ୍ଟୋବର ଯାଏ ପାଳନ କରିବା ସହ ବିପ୍ଳବୀଙ୍କୁ ଉତ୍ସାହିତ କରିବାକୁ ଉଲ୍ଲେଖ ରହିଛି। ଏହାସହ ଶତ୍ରୁ ଦ୍ୱାରା ମାଓ ଦମନ ପାଇଁ ଚଲାଯାଉଥିବା ଅପରେସନକୁ ହରାଇବା, ପାର୍ଟି ଓ ବିପ୍ଳବୀ ଆନ୍ଦୋଳନକୁ ବଞ୍ଚାଇବା ଏବଂ ମୂଳନିବାସୀ ଭାଷା, ଧର୍ମ ଓ ରୀତି ରିବାଜକୁ ବଞ୍ଚାଇବାକୁ ଏହି ବ୍ୟାନରରେ ଆହ୍ୱାନ ଦିଆଯାଇଛି। ରାସ୍ତା ପାର୍ଶ୍ୱରେ ଏପରି ବ୍ୟାନର୍, ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି।

## ପତ୍ନୀ ଦୃଷ୍ଟିଶକ୍ତି ହରାଇବାରୁ ହାତ ଛାଡ଼ିଦେଲେ ଯବାନ

ବାରିପଦା, ୧୮।୯(ସମିସ): ଏକ ଦୁର୍ଘଟଣାରେ ଦୃଷ୍ଟିଶକ୍ତି ହରାଇବା ପରେ ଅସହାୟ ପତ୍ନୀର ହାତ ଛାଡ଼ିଦେଲେ ଜଣେ ସିଆରପିଏଫ ଯବାନ। ପ୍ରେମ ବିବାହ କରି ସାତଜନମର ସାଥୀ ହେବାର ଶପଥ ନେଇ ଏବେ ପତ୍ନୀଙ୍କ ବିପଦ ସମୟରେ ଠକିଦେଇ ଦ୍ୱିତୀୟ ବିବାହ ପାଇଁ ସଜବାଜ ହେଉଛନ୍ତି ସ୍ୱାମୀ। ସେପଟେ, ନ୍ୟାୟ ପାଇଁ ଏବେ ବାରଦ୍ୱାର ହେଉଛନ୍ତି ଦୃଷ୍ଟିବାଧିତ ପତ୍ନୀ। ଏଭଳି ଏକ ଦୁଃଖଦ ଓ ଅଭାବନୀୟ ଅଭିଯୋଗ ଆସିଛି, ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ଭୋଲାଗଡ଼ିଆ ଗ୍ରାମରୁ।

୨୦୧୮ ନଭେମ୍ବର ୨୫ରେ ଭୋଲାଗଡ଼ିଆର ଲକ୍ଷ୍ମଣ ମାର୍ଣ୍ଡିଙ୍କ ବଡ଼ ଝିଅ ସୀତାମଣିଙ୍କୁ ବଡ଼ଓଲିଆ ଗ୍ରାମର ଗୁମୁଦା ହାଁସଦା ପ୍ରେମବିବାହ କରିଥିଲେ। ଗୁମୁଦା ଜଣେ ସିଆରପିଏଫ୍ ଯବାନ ହୋଇଥିବା ବେଳେ ଏବେ ସେ ବିହାର-୨୦୫ ବାଟାଲିୟନରେ କାର୍ଯ୍ୟରତ। ବିବାହର କିଛି ବର୍ଷ ହସଖୁସିରେ କଟିଥିଲା। ତେବେ ୨୦୨୪ ସେପ୍ଟେମ୍ବର ୪ରେ ସ୍ୱାମୀ-ସ୍ତ୍ରୀ ବାଇକ୍‌ରେ ଖୁଣ୍ଟା-ଉଦଳା ରାସ୍ତାରେ ଯାଉଥିବା ବେଳେ ଏକ ଦୁର୍ଘଟଣା ସେମାନଙ୍କ ହସଖୁସି ଛଡ଼ାଇନେଲା। ଦୁର୍ଘଟଣାରେ ଦୁହେଁ ଗୁରୁତର ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। କିଛି ଦିନ ପରେ ସ୍ୱାମୀ ଗୁମୁଦା ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରି ଚାକିରିରେ ଯୋଗ ଦେଇଥିବା ବେଳେ ପତ୍ନୀ ସୀତାମଣି ଦୀର୍ଘ ଦୁଇ ମାସ କାଳ ଆଇସିୟୁରେ ରହି ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଚିକିତ୍ସା ହୋଇ ବାହାରକୁ ବାହାରିଥିଲେ। ହେଲେ ସୀତାମଣି ଏହି



ଦୁର୍ଘଟଣାରେ ନିଜର ଦୃଷ୍ଟିଶକ୍ତି ହରାଇଥିଲେ। ତାଙ୍କର ଦୁଇଟି ଯାକ ଆଖି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ବର୍ତ୍ତମାନ ସେ ଦେଖିପାରୁନାହାନ୍ତି କି ଶୁଣି ପାରୁନାହାନ୍ତି। ଏପରିକି, ସ୍ପଷ୍ଟ ଭାବେ କଥା ମଧ୍ୟ କହିପାରୁନାହାନ୍ତି। ଅନ୍ୟର ସାହାରାରେ ସେ ବାଟ ଚାଲୁଛନ୍ତି। ତେବେ, ପତ୍ନୀଙ୍କ ଏଭଳି ଦୁର୍ଦ୍ଦିନ ସମୟରେ ହାତ ଛାଡ଼ିଦେଇଛନ୍ତି ଯବାନ ସ୍ୱାମୀ। ସ୍ୱାମୀ ହତାଦର କରିବା ପରେ ଏବେ ସୀତାମଣି ତାଙ୍କ ବାପଘରେ ରହୁଛନ୍ତି।

ଅନ୍ୟପକ୍ଷେ, ଯବାନ ସ୍ୱାମୀ ଗୁମୁଦା ତାଙ୍କର କୌଣସି କଥା ନ ବୁଝି ଏବେ ଦ୍ୱିତୀୟ ବିବାହ କରିବା ପାଇଁ ପ୍ରସ୍ତୁତ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ସୀତାମଣି ଖୁଣ୍ଟା ଥାନା, ସିଆରପିଏ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ ପରେ ମଧ୍ୟ ନିରାଶ ହୋଇଛନ୍ତି।

**■ ନ୍ୟାୟ ପାଇଁ ମହିଳାଙ୍କ ବାପା-ମା' ଜିଲ୍ଲାପାଳଙ୍କ ଦ୍ୱାରସ୍ଥ**
**■ ଦ୍ୱିତୀୟ ବିବାହ ପାଇଁ ସ୍ୱାମୀ ହେଉଛନ୍ତି ସଜବାଜ**

ଫଳରେ, ସୀତାମଣିଙ୍କ ସ୍ୱାସ୍ଥ୍ୟ ଦିନକୁ ଦିନ ଅଧିକ ଖରାପ ହେବାରେ ଲାଗିଛି। ଏନେଇ ସେ ଗୁରୁବାର ନିଜ ବୃଦ୍ଧ ବାପା ମା'ଙ୍କ ସହ ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଶ୍ରୀ ମଲ୍ଲିକ ଅଭିଯୋଗ ଶୁଣିବା ପରେ ଜିଲ୍ଲାପାଳଙ୍କୁ ଅବଗତ କରି ଯଥାଶୀଘ୍ର ନ୍ୟାୟ ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

# ଶିଶୁ ଉଦ୍ୟାନ ଲୋକାର୍ପିତ



ବରୀ,୧୮।୯(ସମିସ): ବରୀ ବ୍ଲକ ଅଧୀନ ଚନ୍ଦନପୁର ପଞ୍ଚାୟତ ଅଜାଣ ଛକସ୍ଥିତ ସହିଦ୍ ମାୟାଧର ଭୂୟାଁ ସ୍ମୃତିପୀଠ ପରିସରରେ ଶିଶୁ ଉଦ୍ୟାନର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଅସିତ୍ କୁମାର ମହାନ୍ତି ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଶିକ୍ଷାବିତ ନୃସିଂହ ଚରଣ ଦାସ, ଅନିରୁଦ୍ଧ ମଲ୍ଲ, ମକର ଧ୍ୱଜ ସାହୁ, ସ୍ଥାନୀୟ ସରପଞ୍ଚ ଚପଳା ମଲ୍ଲ, ଅଜୟ ମଲ୍ଲ, ମନୋଜ ମଲ୍ଲ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ଉଦ୍‌ଘାଟନ କରାଯିବ ପରେ ସ୍ଥାନୀୟ ଅଞ୍ଚଳର ଶିଶୁମାନେ ଆନନ୍ଦ ଉଲ୍ଲାସର ସହିତ ବିଭିନ୍ନ ପ୍ରକାର ଖେଳର ମଜା ଉଠାଇଥିଲେ।

# ନାରୀ ସମାଜ ପାଇଁ ପ୍ରେରଣାର ଉତ୍ସ ଥିଲେ ମନୋରମା



ଧର୍ମଶାଳା,୧୮।୯(ସମିସ): ପ୍ରଖ୍ୟାତ କବି ତଥା ପ୍ରାକ୍ତନ ସମ୍ପାଦକ ମନୋରମା ମହାପାତ୍ର ଏକାଧାରରେ ଜଣେ ବାଗ୍ମୀ ସୁସାହିତ୍ୟିକା, ସମାଜସେବୀ, ପ୍ରବୀଣ ଅଧ୍ୟାପିକା ଓ ସାମ୍ବାଦିକ ଥିଲେ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଗୋକର୍ଣିକାସାହିତ୍ୟସମାଜଆନୁକୂଲ୍ୟରେ ସମାଜର ପ୍ରାକ୍ତନ ସମ୍ପାଦକ ମନୋରମା ମହାପାତ୍ରଙ୍କ ଚତୁର୍ଥ ପୁଣ୍ୟତିଥି ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ସାରସ୍ୱତ ସାଧକ ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ମନୋରମା ମହାପାତ୍ର କବୀ, ସମ୍ପାଦିକା ଓ ସଫଳ ଅଧ୍ୟାପିକା ଭାବେ ନାରୀ ସମାଜ ପାଇଁ ପ୍ରେରଣାର ଉତ୍ସ ଥିଲେ ବୋଲି କହିଥିଲେ। ସଭାପତି ଡ. ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ସଭାରେ ମୁଖ୍ୟବକ୍ତା ଭାବେ ମଧୁପୁର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ତୁହିନାଶୁ ରଥ ଓ ସମ୍ମାନିତ ବକ୍ତା ଭାବେ ପ୍ରଜ୍ଞାନ ପବ୍ଲିକେଶନର ପ୍ରକାଶିକା କବି ଡ. ସସ୍ମିତା ଦାଶ ଯୋଗଦେଇ ମତପ୍ରକାଶ କରିଥିଲେ। ଉପସଭାପତି କବି ସଂଗ୍ରାମ କେଶରୀ ଜେନା ସ୍ୱାଗତ ଭାଷଣ ଓ ସମ୍ପାଦକ ଡ. ଇନ୍ଦୁପ୍ରଭା ସାମଲ ସମ୍ପାଦକୀୟ ସୂଚନା ପ୍ରଦାନ କରିଥିଲେ। ଗୋକର୍ଣିକା ପତ୍ରିକା ସମ୍ପାଦନା ମଣ୍ଡଳୀ ସଦସ୍ୟା ଡ. ଲୋପାମୁଦ୍ରା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀମତୀ ମହାପାତ୍ରଙ୍କ ସ୍ମରଣେ ପୂର୍ବତନ ଉପସଭାପତି ବ୍ରଜକିଶୋର ଦାଶ, ହୃଷିକେଶ ସାମଲ, ରଂଜିତା ବାରିକ ଓ ସୂର୍ଯ୍ୟାସ୍ତର ସମ୍ପାଦକ ବିବେକାନନ୍ଦ ରାୟ ସ୍ୱରଚିତ କବିତା ପାଠ କରିଥିଲେ। ସଂଗଠନର ସମ୍ପାଦକ ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାରୁ ପାଇଥିବା ପର୍ସ ଫେରାଇଲେ ସାମ୍ବାଦିକ

ପାଣିକୋଇଲି,୧୮।୯(ସମିସ): ରାସ୍ତାରେ ପାଇଥିବା ଏକ ପର୍ସକୁ ଉପଯୁକ୍ତ ବ୍ୟକ୍ତିଙ୍କୁ ହସ୍ତାନ୍ତର କରି ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ପାତ୍ର ହୋଇଛନ୍ତି ପାଣିକୋଇଲିର ଯୁବ ସାମ୍ବାଦିକ ବିକାଶ କୁମାର ମଲ୍ଲିକ। ଶ୍ରୀ ମଲ୍ଲିକ ଆଜି ଭୋରରୁ ପାଣିକୋଇଲିରୁ ସଠିପୁର ଯାଉଥିବା ବେଳେ ରାସ୍ତା ଉପରେ ଏକ ପର୍ସ ପାଇଥିଲେ। ଉକ୍ତ ପର୍ସରେ କିଛି ଟଙ୍କା ସହିତ ଡ୍ରାଇଭିଙ୍ଗ ଲାଇସେନ୍ସ, ଆଧାରକାର୍ଡ ସହିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିଲା। କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅଞ୍ଚଳର ଶଙ୍ଖୋ ଗ୍ରାମର ସନ୍ତୋଷ କୁମାର ସାହୁ ପାଣିକୋଇଲି ଦେଇ ଭଦ୍ରକ ଯାଉଥିବା ବେଳେ ତାଙ୍କର ପର୍ସଟି ରାସ୍ତାରେ ଖସି ପଡ଼ିଥିଲା। ପରେ ଶ୍ରୀ ମଲ୍ଲିକ ଉକ୍ତ ପର୍ସଟିକୁ ପାଇବା ପରେ ପର୍ସରେ ଥିବା ଆଧାର କାର୍ଡ଼ରେ ଉଲ୍ଲେଖ ଥିବା ନମ୍ବର ଅନୁସାରେ ଉକ୍ତ ବ୍ୟକ୍ତିଙ୍କୁ ଯୋଗାଯୋଗ କରି ତାଙ୍କୁ ପାଣିକୋଇଲି ଆସି ଉକ୍ତ ପର୍ସଟିକୁ ନେଇଯିବାକୁ ଅନୁରୋଧ କରିଥିଲେ। ଆଜି ସକାଳୁ ସନ୍ତୋଷ ପାଣିକୋଇଲିରେ ପହଞ୍ଚିବା ପରେ ପ୍ରେସ କ୍ଲବ ସଭାପତି ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ତାରିଣୀ କୁମାର ପଟ୍ଟନାୟକ, ପ୍ରଦୀପ ମାଝୀଙ୍କ ଉପସ୍ଥିତିରେ ଶ୍ରୀ ମଲ୍ଲିକ ସନ୍ତୋଷଙ୍କୁ ଉକ୍ତ ପର୍ସଟିକୁ ହସ୍ତାନ୍ତର କରିଥିଲେ।

### ବାଲିଚନ୍ଦ୍ରପୁର ଅଞ୍ଚଳରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୁଦ୍ଧରେ ପ୍ରତିବାଦ

# ଥାନା ଘେରଉ କଲେ ହଜାର ହଜାର ବିଜେଡି କାର୍ଯ୍ୟକର୍ତ୍ତା





ବଡ଼ଚଣା/ବାଲିଚନ୍ଦ୍ରପୁର,୧୮।୯(ସମିସ):

ବଡ଼ଚଣା ନିର୍ବାଚନମଣ୍ଡଳୀ ଅଧୀନ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ଆଜି ବିଜୁ ଜନତା ଦଳ ପକ୍ଷରୁ ଆନ୍ଦୋଳନ କରାଯାଇଛି। ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ହଜାର ହଜାର ବିଜେଡି କର୍ମୀ ବାଲିଚନ୍ଦ୍ରପୁର ଥାନା ଘେରଉ କରିଥିଲେ। ବଡ଼ଚଣା ବିଜୁ ଜନତା ଦଳ ପକ୍ଷରୁ ଜ୍ଞାନରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଗୁରୁବାର ବାଲିଚନ୍ଦ୍ରପୁର ଥାନା ଘେରଉ କରାଯାଇଥିଲା। ବିଜେଡି କର୍ମୀମାନେ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ ବାଲିଚନ୍ଦ୍ରପୁର ଥାନା ସମ୍ମୁଖରେ ପହଞ୍ଚି ପୁଲିସର ବିଭିନ୍ନ ଦୋଷ, ଦୁର୍ବଳତା ଉପରେ ନାରାଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁଲିସ ସହାୟତାରେ ପ୍ରତିଦିନ ଚଣ୍ଡିଆପାହାଡ଼ରୁ ବେଆଇନ ମୂର୍ତ୍ତୀ ପଥର ଚୋରାଚାଲାଣ, ବନ୍ଦରେଶ୍ୱର ଓ କେସରାଇପୁର ପାହାଡ଼ରୁ ଖଣ୍ଡେଲାଇଟ ପଥର ଓ ମୋରମ ଚୋରାଚାଲାଣ, ବାଲିଚନ୍ଦ୍ରପୁର ଥାନା ଅଧୀନସ୍ଥ ବିରୂପା ନଦୀର ବିଭିନ୍ନ ଅଞ୍ଚଳରୁ ବାଲି ଚୋରାଚାଲାଣ, ବେନିୟମ ଭାବେ ମାଣ୍ଡୁକା ପାହାଡ଼ରୁ ମୋରମ ଚାଲାଣ ସହିତ ବିଭିନ୍ନ ଅଞ୍ଚଳରୁ ମାଟି ଚୋରାଚାଲାଣ ହେଉଥିବା ଅଭିଯୋଗ କରିଥିଲେ। ସେହିପରି ଶାସକ ଦଳର ନେତା ଓ କର୍ମୀଙ୍କ ଇଙ୍ଗିତରେ ବାଲିଚନ୍ଦ୍ରପୁର ଥାନା ପୁଲିସ ସାଧାରଣ ଲୋକଙ୍କ ବିରୋଧରେ ମିଛ ମୋକଦ୍ଦମା ରୁଜୁ କରୁଥିବା ଭଳି ସଙ୍ଗୀନ ଅଭିଯୋଗ କରାଯାଇଥିଲା। କ୍ୟାପଟେନ ରାଜ ନାରାୟଣ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବା ନେଇ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଥିଲେ। ସେହିପରି ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ପ୍ରାକ୍ତନ ବ୍ଲକ ଅଧକ୍ଷ ପ୍ରହ୍ଲାଦ ନନ୍ଦ ଓ କୈଳାସ ଚନ୍ଦ୍ର ରାଉତ ପ୍ରମୁଖ ପୁଲିସ ବିରୋଧରେ ବର୍ଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ବେହେରା, ଗଗନ ସ୍ୱାଇଁ, ଦିଲ୍ଲୀପ ସାମଲ, ମନ୍ମଥକେଶରୀ ସାହେବରାୟ, ନିରଞ୍ଜନ ବିଶ୍ୱାଳ, ପ୍ରବୀର ସାମଲ, ଜସୋଦିପ୍ତ ସାମଲ, ଅନନ୍ତ ଚରଣ ମହାରଣା, ଲକ୍ଷ୍ମୀଧର ବାନା, ଦିବାକର ସେଠୀ, ଗୋଲାମ କିବିରିଆ ଖାଁ, ଦେବେନ୍ଦ୍ର ଜେନା, ତ୍ରୈଲୋକ୍ୟନାଥ ଜେନା, ନାରାୟଣ ମଲ୍ଲିକ, ବିଭୁପ୍ରସାଦ ଦାସ, ନିରଞ୍ଜନ ମହାନ୍ତି, କୁଳମଣି ବାରିକ, ବନ୍ଦିତା ମହାରଣା, ରଶ୍ମିରଞ୍ଜନ ବଳ, ଜାନକୀ ବଲ୍ଲଭ ପ୍ରଧାନ, ଆଶିଷ ରଞ୍ଜନ ଚୌଧୁରୀ, ଗଣେଶ୍ୱର ସାମଲ, ତପନ ଚରଣ ସିଂ, ତପନ ରାଉତରାୟ, ଅଶୋକ ବିଶ୍ୱାଳ, ପ୍ରଦୀପ୍ତ କୁମାର ମହାନ୍ତି, ହିମାଂଶୁ ଶେଖର ଦେଓ, ପ୍ରବାସ କୁମାର ଦାସ, ସୁମନ୍ତ କୁମାର ଜେନା, ଶ୍ରୀକାନ୍ତ ସାମଲ, ରଞ୍ଜିତ ସାମଲ, ଉମେଶ ଚନ୍ଦ୍ର ସାମଲ, ଶୁଭମ ରାୟ, ସେକ ଅବଦୁଲ ମୋମିନ, ବରଦା ପ୍ରସାଦ ରାୟ, ସୁଲତାନ ସଇଫୁଲ୍ଲା ଖାଁ, ମହେନ୍ଦ୍ର ସେନାପତି, ଦେବଦତ୍ତ ସାମଲ, ସେକ ଇମାମୁଦ୍ଦିନ, ସୁରଞ୍ଜି ବଳସାମନ୍ତ, ସୁବାଷ ଚନ୍ଦ୍ର ଖଣ୍ଡେଇ, ଅନିରୁଦ୍ଧ ପାଢ଼ୀ, ନିତ୍ୟାନନ୍ଦ ମଲ୍ଲିକ, ମୀର ଦୟାନଲ୍ଲି, ନିରଞ୍ଜନ ସାମଲ, ଅଶ୍ୱିନ ବଳ, ତନ୍ମୟ କୁମାର ସିଂ, ସତ୍ୟବ୍ରତ ସାମଲଙ୍କ ସମେତ ଆଠ ହଜାରରୁ ଅଧିକ କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶେଷରେ ମାନଗୋବିନ୍ଦ ସେଠୀ ଧନ୍ୟବାଦ ଅର୍ପଣ କରି ବିକ୍ଷୋଭ ଭଙ୍ଗ କରିଥିଲେ।

# ଜିନ୍ଦଲ ଷ୍ଟେନ୍‌ଲେସ ପକ୍ଷରୁ ଚାରାରୋପଣ



ଦାନଗଦୀ,୧୮।୯(ସମିସ): ଯାଜପୁର କଳିଙ୍ଗନଗରସ୍ଥିତ ଜିନ୍ଦଲ ଷ୍ଟେନଲେସ ଲିମିଟେଡ ପକ୍ଷରୁ ସୁକିନ୍ଦା ତହସିଲ ଅଧୀନ ବନ୍ଧଗାଁଠାରେ ୬,୦୦୦ ଚାରାରୋପଣ କରାଯାଇଛି। ରାଜ୍ୟ ସମବାୟ, ହସ୍ତତନ୍ତ୍ର ଓ ହସ୍ତଶିଳ୍ପ ଏବଂ ବୟନଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବିଡିଓ ପ୍ରଜ୍ଞାପରମିତା ପୃଷ୍ଟି ଓ ସ୍ଥାନୀୟ ସରପଞ୍ଚ ତଥା ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଉପସ୍ଥିତ ଥିଲେ। କମ୍ପାନୀ ପକ୍ଷରୁ ବିଭିନ୍ନ ବିଭାଗରୁ ୬୦ରୁ ଅଧିକ କର୍ମଚାରୀଙ୍କ ଅଂଶଗ୍ରହଣରେ ତଥା ନିୟୋଜିତ ଶ୍ରମିକମାନଙ୍କ ଦ୍ୱାରା ବନ୍ଧଗାଁରେ ଗୋଟିଏ ଦିନରେ ୫,୦୦୦ ଚାରାରୋପଣ କରାଯାଇଥିଲା। ଏତଦବ୍ୟତୀତ କାରଖାନା ପରିସରରେ କର୍ମଚାରୀମାନେ ୧,୦୦୦ ଚାରାରୋପଣ କରିଥିଲେ। ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ମୁଖ୍ୟ ସଷ୍ଟେନେବିଲିଟି ଅଧିକାରୀ କଲ୍ୟାଣ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଏହି ପଦକ୍ଷେପ ତୃଣମୂଳସ୍ତରରେ ସମ୍ପ୍ରଦାୟକୁ ସାମିଲ କରି ପରିବେଶଗତ ସନ୍ତୁଳନକୁ ବୃଦ୍ଧି କରିବାର ଆମର ଦୀର୍ଘକାଳୀନ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ଆମେ ସ୍ଥାନୀୟ ପ୍ରଶାସନ ଏବଂ ବନ୍ଧଗାଁର ଲୋକଙ୍କ ଉତ୍ସାହୀ ଅଂଶଗ୍ରହଣ ଏବଂ ସମର୍ଥନ ପାଇଁ କୃତଜ୍ଞ। ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ହ୍ରାସ କରିବା ଓ ସବୁଜ ଭବିଷ୍ୟତକୁ ପ୍ରୋତ୍ସାହନ ଦେବା ନିମନ୍ତେ ଆର୍ଥିକ ବର୍ଷ ୨୩-୨୪ରେ ବ୍ୟାସନଗର ଗୋଶାଳାଠାରେ, ଦାନଗଦି ବ୍ଲକ ଅଧୀନ ତେଲିବାହାଳି, କାଳିଆପାଣିରେ କୃଷିବନୀକରଣ କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ଅଞ୍ଚଳରେ ଏବଂ ଆର୍ଥିକ ବର୍ଷ ୨୪-୨୫ ରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଆମ୍ବସର ଓ ବନ୍ଧଗାଁଠାରେ ବ୍ୟାପକ ଚାରାରୋପଣ କାର୍ଯ୍ୟ ସମ୍ପନ୍ନ ହୋଇଛି।

# ଗାଡ଼ି ଧକ୍କାରେ ଟ୍ରକ୍ ଚାଳକଙ୍କ ମୃତ୍ୟୁ

ପାଣିକୋଇଲି,୧୮।୯(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ନିକଟରେ ଗାଡ଼ି ଧକ୍କାରେ ଜଣେ ଟ୍ରକ ଚାଳକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ପ୍ରକାଶଯେ ନୟାଗଡ଼ ଜିଲ୍ଲା ଜୟପୁରା ଗ୍ରାମର ମହାଜନ ପ୍ରଧାନଙ୍କ ପୁଅ ଶରତ (ଓଡ଼ି୦୪ କ୍ୟୁ ୯୭୦୧) ଟ୍ରକର ଚାଳକ ଥିଲେ। ତେବେ ସେ ଗତକାଲି ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଭୋର ସମୟରେ ପଥରପଦାସ୍ଥିତ ଏକ ସୋ'ରୁମ ସାମ୍ନାରେ ଗାଡ଼ି ରଖି ଚାହା ପିଇବାକୁ ଓହ୍ଲାଉଥିବା ବେଳେ ପଛପଟୁ ଆଉ ଏକ ଗାଡ଼ି ତାଙ୍କୁ ଚଢାଇ ଦେଇ ପଳାଇଯାଇଥିଲା। ଖବର ପାଇ ପାଣିକୋଇଲି ପୁଲିସ ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରଜୁ କରି ଶରତଙ୍କ ମୃତ ଶରୀରକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବିଶ୍ୱ ଓଜୋନ୍ ଦିବସ ପାଳିତ




ଦାନଗଦୀ,୧୮।୯(ସମିସ): ଦାନଗଦୀ ବ୍ଲକ୍ ଟୋଲକାନୀସ୍ଥିତ ଝାଡେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇଯାଇଛି। କଲେଜର ଏନଏସଏସ ୟୁନିଟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମଟିକୁ ପ୍ରୋଗ୍ରାମ ଅଧିକାରୀ ରଞ୍ଜନ କୁମାର ସାହୁ ସଂଯୋଜନା କରିଥିଲେ। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ଅଧ୍ୟକ୍ଷତା କରି ଓଜୋନ୍ ସ୍ତର ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣ ସହ ପରିବେଶ ସୁରକ୍ଷା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଆଲୋଚନାଚକ୍ରରେ ଅନୁଷ୍ଠାନର ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଡ.କ୍ଷୀରୋଦ ଚନ୍ଦ୍ର ବେହେରା, ଗଣିତ ବିଭାଗର ଅଧ୍ୟାପିକା ମୀରାମ୍ବିକା ସାହୁ ତଥା ରସାୟନ ବିଜ୍ଞାନର ବିଜ୍ଞାନାଗାର ସହାୟକ ବାଇଧର ସାହୁ ଓଜୋନ ବାଷ୍ପର ସ୍ଥିତି, କାର୍ଯ୍ୟ ଏବଂ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରଯାଇଥିଲା। ଶେଷରେ ଏନଏସଏସ ପ୍ରୋଗ୍ରାମ ଅଫିସର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ଅନୁଷ୍ଠାନର ପିଜିଟି ଶିକ୍ଷକ, ବିଜ୍ଞାନ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକା ତଥା ଅଣଶିକ୍ଷକ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

ବିଞ୍ଝାରପୁର,୧୮।୯(ସମିସ): ବିଞ୍ଝାରପୁର ପୁଲିସ ଗୁରୁବାର ମଇଁଦା ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କର ଝୁଲନ୍ତା ମୃତଦେହକୁ ଜବତ କରିଛି। ଖବରମୁତାବକ ବିଞ୍ଝାରପୁର ଥାନା ଅଧୀନ ମଇଁଦା ନିକଟସ୍ଥ ବିଲକୁ ଗୁରୁବାର ସକାଳେ କେତେକ ମହିଳା ଘାସ କାଟିବାକୁ ଯାଇଥିବା ବେଳେ ବିଲ ମଝିରେ ଥିବା ପ୍ରହରାଜ ଘେରାରେ ଜଣେ ବ୍ୟକ୍ତିର କ୍ଷତବିକ୍ଷତ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ମୃତଦେହରୁ ଦୁର୍ଗନ୍ଧ ବାହାରୁ ଥିଲା। ଘଟଣା ପ୍ରଘଟ ପରେ ଖବରପାଇ ବିଞ୍ଝାରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ମୃତଦେହକୁ ଜବତ କରିବା ସହିତ ଅପମୃତ୍ୟୁ ମାମଲା ରୁଜୁ କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାଟି ପାଖାପାଖି ୪/୫ ଦିନ ତଳର ବୋଲି ପୁଲିସ ସନ୍ଦେହ କରୁଥିଲା ବେଳେ ପରେ ମୃତବ୍ୟକ୍ତିର ପରିଚୟ ମିଳିଛି। ମୃତକ ହେଲେ ଅଳକୁଣ୍ଡ ଥାନା ଅଧୀନ ପଇରଖ ଗ୍ରାମର କୃଷ୍ଣ ସେଠୀ (୬୫) ବୋଲି ଜଣାପଡିଛି। ସେ ଗତ ୧୩ ତାରିଖ ସକାଳୁ ନିଖୋଜ ଥିବା ପରିବାର ଲୋକେ ଅଳକୁଣ୍ଡ ଥାନାରେ ଅଭିଯୋଗ କରିଥିଲେ।

# ପାଇଖାନା ଟାଙ୍କିରେ ପଡ଼ି ଗାଈ ମୃତ

କବାଟବନ୍ଧ,୧୮।୯(ସମିସ): ଧର୍ମଶାଳା ବ୍ଲକ୍ ଅଞ୍ଜିରା ପଞ୍ଚାୟତ ଅଧୀନ ବାଲିସାହି ମେଡ଼ିକାଲ ପରସରରୁ ଏକ ଗାଈର ମୃତଦେହ ଉଦ୍ଧାର କରାଯାଇଛି। ମେଡିକାଲ ପରିସରରେ ଆମ୍ବୁଲାନ୍ସ ରହୁଥିବା ସ୍ଥାନ ନିକଟରେ ଗୁରୁବାର ଦୁର୍ଗନ୍ଧ ହେଉଥିବା ଜଣାପଡିଥିଲା। ଆମ୍ବୁଲାନ୍ସ ଚାଳକ ଏବଂ ସ୍ଥାନୀୟ ଲୋକେ ଯାଇ ଦେଖିବା ପରେ ବ୍ୟବହୃତ ଲାଟିନ ଟାଙ୍କିରେ ଏକ ଗାଈର ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଘାସ ଖାଇବା ଉଦ୍ଦେଶ୍ୟରେ ଲାଟିନ ଟାଙ୍କିରେ ଚଢ଼ିଥିବା ବେଳେ ସ୍ଲାବ ଭାଙ୍ଗି ଯାଇଥିବା କାରଣରୁ ତଳକୁ ଖସି ପଡ଼ିଥିବା ଅନୁମାନ କରାଯାଉଛି। ଟାଙ୍କିରେ ଗାଈଟି ପ୍ରାୟ ୧୦ ଫୁଟ ତଳେ ଭାସୁଥିବା ଦେଖି ସ୍ଥାନୀୟ ଯୁବକ ଏବଂ ଆମ୍ବୁଲାନ୍ସ କର୍ମଚାରୀ ସୁକାନ୍ତ କୁମାର ମହାଲିକ, ଜିତେନ୍ଦ୍ର କୁମାର ବେହେରା, ଜ୍ଞାନରଞ୍ଜନ ସ୍ୱାଇଁ, ମଧୁସୂଦନ ଜେନା, ଦିଲ୍ଲୀପ କୁମାର ଧଳ, ଚିନ୍ମୟ ବିଶ୍ୱାଳ ଓ ଆକାଶ ବେହେରା ପ୍ରମୁଖ ଏକ ମେସିନ ସାହାଯ୍ୟରେ ଉଦ୍ଧାର କରି ନିକଟରେ ଆଉ ଏକ ଗାତ ଖୋଳି ପୋତି ଦେଇଥିଲେ। ଯୁବକଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ନିଆରା ପ୍ରକୃତିପ୍ରେମୀ

# ପାଞ୍ଚଶହରୁ ଅଧିକ ତାଳଚାରା ରୋପଣ କରିଲେଣି ରସାନନ୍ଦ

କବାଟବନ୍ଧ,୧୮।୯(ସମିସ):



ଗ୍ରାମାଞ୍ଚଳରେ ଲୋକମାନେ ପରିବେଶର ସୁରକ୍ଷା ଏବଂ ସମୃଦ୍ଧ ପରିବେଶ ସୃଷ୍ଟି କରିବା ପାଇଁ ବେଶ୍ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି। ବିଶେଷ କରି ବଜ୍ରପାତଜନିତ ଅକାଳ ମୃତ୍ୟୁକୁ ନିୟନ୍ତ୍ରଣ କରିବା ପାଇଁ ତାଳଗଛର ଭୂମିକା ସ୍ୱତନ୍ତ୍ର ରହିଛି। ଏହିକ୍ରମରେ ଧର୍ମଶାଳା ଅଞ୍ଚଳର ଜଣେ ବରିଷ୍ଠ ନାଗରିକ ତଥା ପ୍ରକୃତିପ୍ରେମୀ ନିଜ ଗ୍ରାମର କିଛି ଯୁବକଙ୍କ ସହଯୋଗରେ ସ୍ଥାନୀୟ ଅଞ୍ଚଳରେ ତାଳଗଛ ଲଗାଇ ପ୍ରଶଂସାର ପାତ୍ର ହୋଇଛନ୍ତି। ସ୍ଥାନୀୟ ଜେନାପୁର ଥାନା ଅଧୀନ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ଦଇପୁର ଗ୍ରାମର ରସାନନ୍ଦ ଖଟୁଆ ପ୍ରାୟ ୫ଶହରୁ ଅଧିକ ତାଳଗଛ ଲଗାଇଥିବା ଦେଖିବାକୁ ମିଳିଛି। ରସାନନ୍ଦ ଗତ ଅଗଷ୍ଟରେ ପ୍ରାୟ ୩ ଶହ ଏବଂ ଚଳିତ ମାସରେ ପ୍ରାୟ ୨ ଶହରୁ ଅଧିକ ତାଳଗଛ ରୋପଣ କରିଛନ୍ତି। ରାଜ୍ୟରେ ପ୍ରତିବର୍ଷ ପ୍ରାୟ ୩ ଶହରୁ ଅଧିକ ଲୋକଙ୍କ ବଜ୍ରପାତଜନିତ ଅକାଳ ବିୟୋଗ ହେଉଛି। ତାଳଗଛରେ ବଜ୍ରପାତ ନିୟନ୍ତ୍ରଣ କରିବାରେ ସାମର୍ଥ୍ୟ ଥାଏ ତେଣୁ ଏହା ନିଶ୍ଚିତ ଭାବରେ ଏକ୍ଷେତ୍ରରେ ରୋକ ଲଗାଇବ ବୋଲି ସେ ବିଶ୍ୱାସ ରଖିଥିବା କହିଛନ୍ତି। ପ୍ରତ୍ୟେକ ଲୋକ ଅନ୍ୟାନ୍ୟ ଚାରାରୋପଣ କରିବା ସହିତ ବର୍ଷା ଦିନେ କିଛି କିଛି ତାଳ ଚାରାରୋପଣ କରିବାକୁ ସେ ଅନୁରୋଧ କରିଛନ୍ତି। ବିଶେଷ କରି ଯୁବପିଢ଼ିମାନେ ଏହାକୁ ଦାୟିତ୍ୱ ଭାବରେ ଗ୍ରହଣ କରିବା ପାଇଁ ରସାନନ୍ଦ କହିଛନ୍ତି। ଜେନାପୁର ନିକଟରେ ପ୍ରବାହିତ ହେଉଥିବା ବ୍ରାହ୍ମଣୀ ନଦୀକୂଳରେ ପ୍ରାୟ ୧୫ ଗୁଣ୍ଠ ଜାଗାରେ ସେ ତାଳ ଚାରାରୋପଣ କରିଛନ୍ତି। ତାଙ୍କୁ ଏହି କାର୍ଯ୍ୟରେ ଧବଳେଶ୍ୱର ୟୁଥ କ୍ଲବର ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ କର୍ମଚାରୀ ରଘୁନାଥ ଶତପଥୀ ଏବଂ ନିଷ୍କାନ୍ତ ଖଟୁଆ ସହଯୋଗ କରୁଛନ୍ତି। ଆଗାମୀ ଦିନରେ ଏହି କାର୍ଯ୍ୟ ଚାଲୁରଖିବା ପାଇଁ ସେ ମତପ୍ରକାଶ କରିଛନ୍ତି।

# ଟ୍ରକ୍ ମାଲିକ ସଂଘ ତରଫରୁ ବିଶ୍ୱକର୍ମା ପୂଜା



ପାଣିକୋଇଲି,୧୮।୯(ସମିସ): ପାଣିକୋଇଲିସ୍ଥିତ ମା' ତାରିଣୀ ଟ୍ରକ୍ ମାଲିକ ସଂଘ ତରଫରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ୨୦ତମ ପୂଜାର୍ଚ୍ଚନା ମହାସମାରୋହରେ ପାଳନ ହୋଇଯାଇଛି। ଆସୋସିଏସନର ସଭାପତି ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ, ଅଜୟ କୁମାର ମଲ୍ଲିକ, ଭାଗ୍ୟଧର ରାୟ, ଦାମୋଦର ସାହୁ, ପ୍ରଫୁଲ୍ଲ ସାମଲ, ସୁନୀଲ ନାୟକ, ମାୟାଧର ମହାନ୍ତି, ବିପିନ ଦାସ, ଅରୁପାନନ୍ଦ ମଲ୍ଲିକ, ଶେଖାୱତ ଅଲ୍ଲୀ, ମହମ୍ମଦ ଅଲ୍ଲୀ, ଗୌରାଙ୍ଗ ସାହୁ, ବିଟୁ ସେନାପତି, ଶେଖ ଅଲ୍ଲୀ ରାଜା ବେଗ, ଏହସାନ ବେଗ, ସାହେବଜାନ ବେଗ, ନବାବ ବେଗ, ଗୋବିନ୍ଦ ଦାସ, ସଚିନ ଦାସ, ମନୋରଂଜନ ପଣ୍ଡା, ଶେଖ ବାବର, କୈଳାସ ବିଶ୍ୱାଳ, ବିଶ୍ୱନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।







ଯାଜପୁର ସହରର ବିଭିନ୍ନ ମଣ୍ଡପରେ ଦେବଶିଳ୍ପୀଙ୍କ ପୂଜା

## ସାରର ଅଭାବୀ ବିକ୍ରି ▶ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଯାଜପୁର, ୧୮।୯ (ସମିସ)

ଅଲ୍ ଇଣ୍ଡିଆ କିଶାନ କ୍ଷେତ ମଜଦୁର ସଂଗଠନ (ଏଆଇକେକେଏମ୍) ଯାଜପୁର ଜିଲ୍ଲା କମିଟି ତରଫରୁ ଜିଲ୍ଲାପାଳଙ୍କୁ ସାରର ଅଭାବୀ ବିକ୍ରି, କଳାବଜାର ବନ୍ଦ କରିବା ଏବଂ ସାର ଓ କୀଟନାଶକ ଔଷଧକୁ ରିହାତି ଦରରେ ସମସ୍ତ ଚାଷୀଙ୍କୁ ଯୋଗାଇଦେବା ଦାବିରେ ଡେପୁଟେସନ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି। କିଶାନ କ୍ଷେତ ମଜଦୁର ସଂଗଠନ ଏଆଇକେକେଏମ୍‌ର ଜିଲ୍ଲା ସଭାପତି କମ୍ରେଡ ଚୈନ ସାହୁ, ସମ୍ପାଦକ କମ୍ରେଡ ଅଚ୍ୟୁତ ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଚାଷୀ ପ୍ରତିନିଧିମାନେ ଯାଜପୁର ମେଡିକାଲ ଛକ ନିକଟରେ ଏକତ୍ରିତ ହୋଇଥିଲେ। ସେହିଠାରୁ ହାତରେ ସଂଗଠନର ବ୍ୟାନର ଧରି ଜିଲ୍ଲାପାଳ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ଉକ୍ତ ସଭାରେ ନାରାୟଣ ପରିଡ଼ା, ପ୍ରଫୁଲ୍ଲ ବେହେରା, ବିଶ୍ୱନାଥ ସାହୁ, କୀର୍ତ୍ତନ ମଲ୍ଲିକ, ବିଜୟ ସାମଲ, ରାଜକିଶୋର ନାଥ, ବିଷ୍ଣୁ ମଲ୍ଲିକ, ପବିତ୍ର ସାହୁ, ପ୍ରଫୁଲ୍ଲ ଦାସ, ଗାଲୋଖ ରଥ, ପ୍ରମୋଦ ମଲ୍ଲିକ ପ୍ରମୁଖ ବହୁ ଚାଷୀ ପ୍ରତିନିଧି ନିଜର ବକ୍ତବ୍ୟ ରଖିବା ସହିତ ଜିଲ୍ଲାପାଳଙ୍କ ସହିତ ଚାଷୀମାନଙ୍କ ତିନୋଟି ଜରୁରୀ ଦାବିନେଇ ଆଲୋଚନା କରିଥିଲେ।




### ଶିକ୍ଷାର ଘରୋଇକରଣର ପ୍ରତିବାଦ

**ଯାଜପୁର:** ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଓ ଡିଗ୍ରୀ ମହାବିଦ୍ୟାଳୟଗୁଡ଼ିକୁ ୧୩ ସେପ୍ଟେମ୍ବର ଦିନ ଜାରି କରାଯାଇଥିବା ନୋଟିସ୍‌କୁ ଏଆଇଡିଏସ୍‌ଓ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ତୀବ୍ର ନିନ୍ଦାକରି ପ୍ରତିବାଦ ସଭା ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏହି ନୋଟିସ୍ ଅନୁଯାୟୀ ଯେଉଁ ଶିକ୍ଷାନୁଷ୍ଠାନଗୁଡ଼ିକ ୪ ବର୍ଷିୟା ଆଇଟିଇପି (ଇଣ୍ଟିଗ୍ରେଡେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ) ପାଇଁ ଆବେଦନ କରୁଛନ୍ତି, ସେମାନେ ଚୁକ୍ତିଭିତ୍ତିକ ଅତିଥି ନିଯୁକ୍ତ କରିବେ। ଛାତ୍ରଛାତ୍ରୀଙ୍କ ପାଖରୁ ଆଦାୟ ହୋଇଥିବା କୋର୍ସ ଫି'ରୁ ହିଁ ସେମାନଙ୍କୁ ଦରମା ଦେବେ। ସେଥିପାଇଁ ଛାତ୍ରଛାତ୍ରୀ ପାଖରୁ ବାର୍ଷିକ ମୁଣ୍ଡପିଛା କୋର୍ସର ଫି' ୪୫ହଜାର ଟଙ୍କା ଆଦାୟ କରିବେ। ଉକ୍ତ ପ୍ରତିବାଦ ସଭାରେ ଏଆଇଡିଏସ୍‌ଓ ଯାଜପୁର ଜିଲ୍ଲା ସଭାନେତ୍ରୀ କମ୍ରେଡ ସଂଯୁକ୍ତା ସାହୁ କହିଛନ୍ତି ଯେ ଏହା ଦ୍ୱାରା ଶିକ୍ଷକ ଶିକ୍ଷାର ସମ୍ପୂର୍ଣ୍ଣ ଘରୋଇକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଛାତ୍ରଛାତ୍ରୀ ତୀବ୍ର ଆର୍ଥିକ ଶୋଷଣର ଶିକାର ହେବେ। ୪ ଦଫା ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସରକାରଙ୍କ ଏହି ଶିକ୍ଷାମାରଣ ନୀତିକୁ କମ୍ରେଡ ପ୍ରଭାତୀ ମଲ୍ଲିକ, କମ୍ରେଡ ମଧୁସୁଦନ ସେଠୀ, କମ୍ରେଡ ପଲ୍ଲୀ ମଲ୍ଲିକ ଦୃଢ଼ ନିନ୍ଦା କରିଥିଲେ।

## ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ



**ବ୍ୟାସନଗର, ୧୮।୯ (ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ବ୍ୟାସନଗର ସହରର ଫେରୋକ୍ରୋମ୍ ପ୍ଲାଣ୍ଟ ଓମ୍‌ସି ଲିମିଟେଡରେ ଦେବଶିଳ୍ପୀ ବାବା ବିଶ୍ୱକର୍ମାଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବାବା ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହେବା ସହିତ ପୂଜାପରେ କମିଟି ପକ୍ଷରୁ ସମସ୍ତ ଭକ୍ତମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ସମୟରେ ଅଧିକ ଜନ ସମାଗମ ହୋଇଥଲା ଏବଂ ସମସ୍ତେ ଆନନ୍ଦର ସହିତ ବାବା ବିଶ୍ୱକର୍ମାଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ନୃସିଂହ ଭଗବାନ ଏବଂ ଅପରେସନ ସିନ୍ଦୂର ବାରୁଆଳି ସମସ୍ତଙ୍କୁ ବିମୋହିତ କରିଥିଲା। ଏହି ପୂଜାଟି ଫେରୋକ୍ରୋମ ପ୍ଲାଣ୍ଟ ଓମସି ଲିମିଟେଡର ୟୁନିଟ ହେଡ୍ ରଶ୍ମିରଞ୍ଜନ ପରିଡ଼ାଙ୍କ ମାର୍ଗଦର୍ଶନରେ ହୋଇଥିଲା। ପୂଜା କମିଟି ମୁଖ୍ୟ ସମ୍ପାଦକ ସରୋଜ କୁମାର ଦାଶ, ପ୍ରଦୀପ କୁମାର ଦାଶ, ବିଭୁଦାନନ୍ଦ ବଳ, ମଜଦୂର ସଂଘ ସାଧାରଣ ସମ୍ପାଦକ ଜନ୍ମେଜୟ ରାଉତ ସମସ୍ତ ପୂଜା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଯୁବ ଆଇନଜୀବୀଙ୍କ ଅକାଳ ବିୟୋଗ

**ଯାଜପୁର, ୧୮।୯ (ସମିସ):** ଯାଜପୁରର ଯୁବ ଆଇନ୍‌ଜୀବୀ ତଥା ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ୍‌ର ସହସମ୍ପାଦକ ସରୋଜ କୁମାର ସ୍ୱାଇଁ (୩୬)ଙ୍କ ପରଲୋକ ଘଟିଛି। କିଛିଦିନ ତଳେ ସରୋଜଙ୍କ କଟକରେ ଏକ ଅସ୍ତ୍ରୋପଚାର ହୋଇଥିବା ବେଳେ ଗତ ୩ ଦିନତଳେ ଯାଜପୁରର ବାଣପୁର ଗ୍ରାମକୁ ଫେରିଥିଲେ। ବୁଧବାର ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଓ ପଡୋଶୀମାନେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ନିଜ ଗ୍ରାମ ବିଚିତ୍ରପୁର ପଞ୍ଚାୟତ ସମେତ ଯାଜପୁର ଜିଲ୍ଲା ଆଇନ୍‌ଜୀବୀ ମହଲରେ ଶୋକପ୍ରକାଶ ପାଇଛି। ତାଙ୍କ ଶବାଧାରକୁ ଏକ ପଟୁଆରରେ ବାରୁଣୀ ଶ୍ମଶାନ ପର୍ଯ୍ୟନ୍ତ ଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ୨ଟି ପୁଅ ଓ ଝିଅ ଅଛନ୍ତି। ତାଙ୍କ ବିୟୋଗରେ ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ୍ ପକ୍ଷରୁ ସଭାପତି ବରିଷ୍ଠ ଆଇନ୍‌ଜୀବୀ ପ୍ରତାପ ରାୟଙ୍କ ଆବାହକତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି।



## ମହିଳା ମହାବିଦ୍ୟାଳୟରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ




**ବ୍ୟାସନଗର, ୧୮।୯ (ସମିସ):** ବ୍ୟାସନଗର ଦଳାସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ, ଜାତୀୟ ସେବା ସଂସ୍ଥା ଓ ସ୍କାଉଟ ଗାଇଡ ବିଭାଗ ପକ୍ଷରୁ ପରିବେଶ ସୁରକ୍ଷା ସମ୍ପର୍କିତ ସେଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ମହାବିଦ୍ୟାଳୟର ଅଧ୍ୟକ୍ଷା ଲଳିତା ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁରରୋଡ ଆଦର୍ଶଥାନା ଅଧିକାରୀ ଆଶିଷ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ସମ୍ମାନିତ ଅତିଥିଭାବେ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନା, କୋରାଇ ଶିକ୍ଷାମଣ୍ଡଳ ଅଧିକାରୀ ସୁଦର୍ଶନ ମଲ୍ଲିକ ଓ ବରିଷ୍ଠ ଅଧ୍ୟାପିକା ଡକ୍ଟର ହିରଣ୍ମୟୀ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନା ବକ୍ତବ୍ୟ ଦେଇଥିଲେ। ଅଧ୍ୟାପକ ସୁବାସଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ, ଅଧ୍ୟାପିକା ଆୟେଶା ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲା ବେଳେ ଯୁବରେଡ କ୍ରସର ଆବାହକ ଅଧ୍ୟାପକ ସୁରେନ୍ଦ୍ର କୁମାର ମଲ୍ଲିକ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ଦେଇଥିଲେ।

## ସମାଜସେବୀଙ୍କ ଜନ୍ମଦିବସ ପାଳିତ

**ଦଶରଥପୁର, ୧୮।୯ (ସମିସ):** ବରିଷ୍ଠ ବିଜେଡି ନେତା ତଥା ସମାଜସେବୀ କର୍ଣ୍ଣାଟ କେଶରୀ ଦାସଙ୍କ ୬୧ତମ ଜନ୍ମଦିବସ ପାଳିତ ହୋଇଯାଇଛି। ଦଶରଥପୁର ବ୍ଲକ ବିଜେଡି ପକ୍ଷରୁ ବ୍ଲକର ୨୦ଟି ପଞ୍ଚାୟତରେ ବିଜେଡିର କାର୍ଯ୍ୟକର୍ତ୍ତା ଏବଂ କର୍ମୀମାନଙ୍କ ପକ୍ଷରୁ ବିଭିନ୍ନ ମନ୍ଦିରରେ ଦୀପଦାନ ତଥା



ପୂଜାର୍ଚ୍ଚନା ସହିତ ଏକାଧିକ ପଞ୍ଚାୟତରେ ଚାରାରୋପଣ କରାଯାଇଛି। ବ୍ଲକ ଅଧୀନ ଡାହାଣହତା ପଞ୍ଚାୟତ ଲକ୍ଷ୍ମୀନାରାୟଣ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଛି। ଯାଜପୁର ବିଧାୟିକା ସୁଜାତା ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, କାଞ୍ଚନବାଳା ପରିଡ଼ା, ରାଜଶ୍ରୀ ସାମଲ, ସସ୍ମିତା ଧଳ, ଏସ୍‌କେ ନାଦର, ହିମାଂଶୁ ନାୟକ, କୁଞ୍ଜବିହାରୀ ଦାସ, ଅଶୋକ ନାୟକ, ନିରାକାର ସାହୁ, ପ୍ରଦୀପ ଯେନା, ପୂର୍ବତନ ସରପଞ୍ଚ କନକଲତା ଦାସ, ମନୋଜ ରାଉତ, ପ୍ରଭାତ ନାୟକ, ଶିଶିର ଧଳ, ପୂର୍ବତନ ସମିତି ସଭ୍ୟ ମହେଶ୍ୱର ସାହୁ, ମାନସ ସାମଲ, ସୁରେଶ ପ୍ରଧାନ ଓ ଅମିତ ଦାସଙ୍କ ସମେତ ବହୁ ସଂଖ୍ୟାରେ ଯୁବ, ଛାତ୍ର ଓ ମହିଳା କାର୍ଯ୍ୟକର୍ତ୍ତା ସାମିଲ ହୋଇ ମନ୍ଦିରରେ ଶ୍ରୀ ଦାସଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ।

## ଚୋରି ମାମଲାରେ ଦୁଇ ଦୁର୍ବୃତ୍ତ ଗିରଫ

**ଧର୍ମଶାଳା, ୧୮।୯ (ସମିସ):** ଓଡ଼ଙ୍ଗ ଗ୍ରାମରେ ଏକ ଦୋକାନରୁ ଚୋରି ଅଭିଯୋଗରେ ପୁଲିସ ୨ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇ ଦୁର୍ବୃତ୍ତ ସମ୍ପର୍କରେ ଦୁଇ ଭାଇ ହୋଇଥିବା ଜଣାପଡ଼ିଛି। ସୂଚନାନୁସାରେ ଗତ ୧୧ ତାରିଖ ରାତିରେ ଓଡ଼ଙ୍ଗ ଛକରେ ଥିବା ସେହି ଗ୍ରାମର ଦୀପ୍ତିରଞ୍ଜନ ଦାସଙ୍କ ଦୋକାନର ଘରେ ପଶି ଦୁଇ ଭାଇ ନଗଦ ୫୦ ହଜାର ଟଙ୍କା ସମେତ ବହୁ ସାମଗ୍ରୀ ଚୋରି କରିନେଇଥିଲେ। ଏନେଇ ଦୋକାନ ମାଲିକ ଶ୍ରୀ ଦାସ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୫୭୧/୨୫ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ତେବେ ତଦନ୍ତରେ ଏହି ଥାନା ପଦମପୁର ଅଞ୍ଚଳର ଦୁଇଭାଇ ରାହୁଲ ଖୁଁଟିଆ ଓ ସୁବ୍ରତ ଖୁଁଟିଆ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ପୁଲିସ ଉଭୟଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେ ମାନିବାସହ ଚୋରି ହୋଇଥିବା ସାମଗ୍ରୀ ଓ ୨୭ ହଜାର ଟଙ୍କା ତାଙ୍କ ନିକଟରୁ ପୁଲିସ ଜବତ କରିଛି। ପୁଲିସ ଆଜି ଉଭୟଙ୍କୁ କୋର୍ଟଚାଲାଣ କରିଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଥାନାଧିକାରୀ ରଞ୍ଜନ କୁମାର ମାଝୀ ସୁଚନା ଦେଇଛନ୍ତି।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ବରୀ, ୧୮।୯ (ସମିସ):** ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମେଦୁଆକୂଳ ଗ୍ରାମର ସ୍ୱର୍ଗତ ଜୟିରାମ ସାହୁଙ୍କ ପୁଅ ଭିକାରି ଚରଣ ସାହୁ ନାମକ ବ୍ୟକ୍ତି ଗତ ୬ଦିନ ତଳୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ବି ତାଙ୍କର କୌଣସି ସୂଚନା ପାଇ ନଥିଲେ। ଗୁରୁବାର ଅପରାହ୍ଣରେ ସ୍ଥାନୀୟ ଅଞ୍ଚଳର କିଛି ଲୋକ ଡାଲୁଅ ତଳି ପକାଇବାକୁ ଯାଇଥିବା ବେଳେ ମନ୍ଦାରି ଗ୍ରାମଦେଇ ଯାଇଥିବା ପେଜୁଆ ନାଳ ନିକଟରେ ଦୁର୍ଗନ୍ଧ ହେବାରୁ ପାଖକୁ ଯାଇ ଏକ ଗଳିତ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବରୀ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ତଦନ୍ତ କରିବା ସହିତ ଶବ ଉଦ୍ଧାର କାର୍ଯ୍ୟଜାରି ରଖିଥିଲେ। ପରିବାର ଲୋକେ ପହଞ୍ଚି ଉକ୍ତ ମୃତଦେହ ନିଖୋଜ ଭିକାରି ସାହୁଙ୍କର ବୋଲି ଚିହ୍ନଟ କରିଛନ୍ତି। ମୃତ୍ୟୁର କାରଣ ଜଣାପଡ଼ିନାହିଁ।

## ପୂର୍ବତନ ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା




**ବିଂଝାରପୁର, ୧୮।୯ (ସମିସ):** ବିଂଝାରପୁର ବ୍ଲକ ସୟଦପୁର ଅଞ୍ଚଳରେ ଭାରତର ପୂର୍ବତନ ମୁଖ୍ୟ ନ୍ୟାୟାଧୀଶ ଏବଂ ଷଷ୍ଠ ଉପରାଷ୍ଟ୍ରପତି ମହମ୍ମଦ ହିଦାୟତୁଲ୍ଲାଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ସୟଦପୁର ପଞ୍ଚାୟତର ସରପଞ୍ଚ ସେକ୍ ମହମ୍ମଦ ସବିରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଂଝାରପୁର ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଏବଂ ଗୋଷ୍ଠୀ କେନ୍ଦ୍ର ଡାକ୍ତର ସନ୍ତୋଷ କୁମାର ଦାଶ, ଡାକ୍ତର ସକିଲ ରେହମାନ ଖାନ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ସେକ୍ ଇର୍ସାଦ ଅଂଶଗ୍ରହଣ କରିଥିଲେ। ସଭାରେ ଅତିଥିମାନେ ମହମ୍ମଦ ହିଦାୟତୁଲ୍ଲାଙ୍କ ଜୀବନୀ, ନ୍ୟାୟବ୍ୟବସ୍ଥା ଓ ରାଜନୈତିକ କ୍ଷେତ୍ରରେ ତାଙ୍କର ଅମୂଲ୍ୟ ସଫଳତା ଓ ଅବଦାନ ବିଷୟରେ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଇଥିଲେ। ପରେ ଅତିଥିମାନେ ସ୍ଥାନୀୟ ଲୋକମାନଙ୍କ ସହିତ ମିଶି ବୃକ୍ଷରୋପଣ କାର୍ଯ୍ୟ ସମ୍ପନ୍ନ କରିଥିଲେ।

## ବ୍ୟାସନଗରରେ ମା' ବିରଜାଙ୍କ ଷୋଡ଼ଶ ଦିବସୀୟ ପୂଜା ଆରମ୍ଭ

ବ୍ୟାସନଗର, ୧୮।୯ (ସମିସ)



ବ୍ୟାସନଗର ପୌରପରିଷଦ ଅର୍ନ୍ତଗତ ବିରଜା ନଗରଠାରେ କଲ୍ୟାଣମୟୀ ମା' ବିରଜାଙ୍କ ଷୋଡ଼ଶ ଦିନାତ୍ମକ ଶାରଦୀୟ ପୂଜା ଉତ୍ସବ ଗତ ରବିବାର ଠାରୁ ଆରମ୍ଭ ହୋଇଛି। ଚଳିତ ବର୍ଷକୁ ମିଶାଇ ୫ ଥର ପାଇଁ ମା' ବିରଜାଙ୍କ ଏହି ଷୋଡ଼ଶ ଦିନାତ୍ମକ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରବିବାର ସନ୍ଧ୍ୟାରେ କଳସ ଯାତ୍ରା କରାଯିବା ପରେ ବିଧି ଅନୁଯାୟୀ ବେଦଜ୍ଞ ବ୍ରାହ୍ମଣମାନଙ୍କ ଦ୍ୱାରା ମା'ଙ୍କ ଉପଚାର ଏବଂ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଆସନ୍ତା ୨୯ ତାରିଖରେ ମହାଷ୍ଟମୀ ପୂଜା ଏବଂ ୩୦ ତାରିଖରେ ମହାନବମୀ ଏବଂ ସନ୍ଧି ପୂଜା ଏବଂ ଅକ୍ଟୋବର ୧ ତାରିଖରେ ଦଶହରା ଏବଂ ଅପରାଜିତା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାନେଇ କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ମା'ଙ୍କ ଏହି କାର୍ଯ୍ୟକ୍ରମରେ ମନ୍ଦିର ପୂଜକ କୈଳାସ ଚନ୍ଦ୍ର ଦାଶ, ଗଉରା ଦାଶ, ମାନସ ଦାଶ, ବିରଜା କମିଟିର ଉପଦେଷ୍ଟା ବିଜୟ କୁମାର ବରାଳ, ଚନ୍ଦ୍ରମଣି ସାମଲ, ନିରଞ୍ଜନ ବିଶ୍ୱାଳ, ନୀତି ସଂଯୋଜକ ବୀରକିଶୋର ସାହୁ, ସଭାପତି ନିତ୍ୟାନନ୍ଦ ମହାଳିକ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ଶ୍ରୀକାନ୍ତ କୁମାର ପାଢ଼ୀ, ପ୍ରାଧାପକ କାମଦେବ ଦାସ, ସୁରେନ୍ଦ୍ର ନାୟକ, ରମେଶ ଚନ୍ଦ୍ର କାଣ୍ଡି, ଭାଗ୍ୟଧର ମହାରଣା, ପ୍ରକାଶ କୁମାର ସାହୁ, ଶ୍ରୀମନ୍ତ କୁମାର ସାହୁ, ବିମାନ ଆଏଚ, ଦିଲ୍ଲୀପ ମହାନ୍ତି, ଶ୍ରୀକାନ୍ତ ମହାକୁଡ଼, ଦିବ୍ୟାଂଶୁ ମହାନ୍ତି, ବିଷ୍ଣୁଚରଣ ପଟ୍ଟନାୟକ, ରଶ୍ମି ରଞ୍ଜନ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ସମୟରେ ଯାଜପୁର ରୋଡ୍ ଆଦର୍ଶ ଥାନା ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଇଥିଲା।

ସକାଳ
THE SAKALA

# ସମ୍ପାଦକୀୟ



ଧର୍ମ କିମ୍ବା ଜାତି ପରିଚୟ ନେଇ କେହି ଜନ୍ମ ହୋଇ ନ ଥା'ନ୍ତି। ତେଣୁ ଆମ ସମସ୍ତଙ୍କର ଧର୍ମ ଓ ଜାତି ନିର୍ବିଶେଷରେ ଗୋଟିଏ ପରିଚୟ ହେବା ଆବଶ୍ୟକ; ତାହା ହେଉଛି - ଭାରତୀୟ।
-ନାନା ପାଟେକର

## ମାସୁଦ୍ ମାନିଲା

ଭାରତୀୟ ସଂସଦ, ପଠାନକୋଟ୍, ପୁଲୱାମା ଆତଙ୍କବାଦୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିବା ପାକିସ୍ତାନ ପ୍ରାୟୋଜିତ ଓ ପାଳିତ ଜୈସ-ଏ-ମହମ୍ମଦର ପରିବାର ଭାରତୀୟ ସେନାର 'ଅପରେସନ୍ ସିନ୍ଦୂର'ରେ ମୂଳପୋଛ ହୋଇଯାଇଛି। ଏ କଥା ସ୍ୱୀକାର କରିଛି ଖୋଦ୍ ଜୈସ-ଏ-ମହମ୍ମଦର ମୁଖ୍ୟ ମୌଲାନା ମାସୁଦ୍ ଆଝାର। ତେବେ ଭାରତୀୟ ସେନାର ସମ୍ଭାବ୍ୟ ଆକ୍ରମଣ ଅନୁମାନ କରି ପାକିସ୍ତାନ ସେନା ମାସୁଦ୍‌କୁ ଏକ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରିଦେଇଥିବାରୁ ସେ ବର୍ତ୍ତିଯାଇଛି। ମାସୁଦ୍‌ର ଏହି ବିଧିବଦ୍ଧ ସ୍ୱୀକାରୋକ୍ତି ଭାରତୀୟ ସେନାର ପରାକ୍ରମ ଉପରେ ମୋହର ମାରିଛି ଏବଂ ପାକିସ୍ତାନର ମୁଖା ଖୋଲିଦେଇଛି।

'ଅପରେସନ୍ ସିନ୍ଦୂର'ରେ ଭାରତୀୟ ବାୟୁସେନା ପିଓକେ ଓ ପାକିସ୍ତାନରେ ୯ଟି ଆତଙ୍କବାଦୀ ତାଲିମ୍ କେନ୍ଦ୍ର ଉପରେ ତ୍ରୁଟିଶୂନ୍ୟ ଆକ୍ରମଣ କରିଥିଲା। ସେଥିମଧ୍ୟରେ ମୁଖ୍ୟ ଥିଲା ବାହାୱଲପୁର ସ୍ଥିତ ଜାମିଆ ମସ୍‌ଜିଦ୍ ସୁବାନାଲ୍ଲା କମ୍ପ୍ଲେକ୍ସ। ସେଠାରେ ଜୈସ୍-ଏ-ମହମ୍ମଦର ମୁଖ୍ୟ କାର୍ଯ୍ୟାଳୟ ଥିଲା ଏବଂ ପ୍ରାୟ ୬୦୦ ଆତଙ୍କବାଦୀଙ୍କୁ ତାଲିମ୍ ଦିଆଯାଉଥିଲା। ଭାରତୀୟ ବାୟୁସେନା ଆକ୍ରମଣରେ କମ୍ପ୍ଲେକ୍ସଟି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ବେଳେ ସେଠାରେ ଥିବା ସମସ୍ତ ଆତଙ୍କବାଦୀ ନିପାତ ହୋଇଥିଲେ। ଅପରପକ୍ଷରେ ତାହାକୁ ଏକ ଆବାସିକ କୋଠା ଦର୍ଶାଇ ନିରୀହ ନାଗରିକଙ୍କ ଉପରେ ଭାରତ ପ୍ରହାର କରିଛି ବୋଲି ପାକିସ୍ତାନ ସ୍ପଷ୍ଟୀକରଣ ଦେଇଥିଲା। ଭାରତୀୟ ସେନାର ଦୁର୍ବଳତା ଓ ବିଫଳତା ପ୍ରଦର୍ଶନ କରିବାକୁ ଯାଇ ପାକିସ୍ତାନ ଏଭଳି ମିଥ୍ୟାଳାପ କରିଥିଲେ ହେଁ 'ଅପରେସନ୍ ସିନ୍ଦୂର' ପରବର୍ତ୍ତୀ ପାକିସ୍ତାନରେ ଗଣକବର ପ୍ରକ୍ରିୟାରେ ମାସୁଦ୍ ଓ ପାକିସ୍ତାନୀ ସେନାମୁଖ୍ୟ ସାମିଲ୍ ହେବାର ଦୃଶ୍ୟ ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହେବା ପରେ ଜୈସ-ଏ-ମହମ୍ମଦ ସମେତ ଆତଙ୍କବାଦୀ ନିପାତ ହୋଇଥିବା ଏବଂ ପହଲଗାମ୍ ଆକ୍ରମଣ ପଛରେ ପାକିସ୍ତାନର ସମ୍ପୃକ୍ତି ପ୍ରମାଣ ଆହୁରି ଦୃଢ଼ ହୋଇଥିଲା, ଯାହାକୁ ଏବେ ମାସୁଦ୍ ସରକାରୀ ମୋହର ମାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଥିସହିତ 'ଅପରେସନ୍ ସିନ୍ଦୂର'ର ସଫଳତାକୁ ନେଇ ଯେଉଁ କେତେକ ପ୍ରଶ୍ନ ଉଠିଥିଲା ତାହା ସବୁଦିନ ପାଇଁ ସମାଧି ନେଇଛି।

ତେବେ ଭାରତୀୟ ସେନାର ସଫଳତାକୁ ପାକିସ୍ତାନ ମାଟିରେ ତା'ର ଗେହ୍ଲାପୁଅ ମାସୁଦ୍ ବର୍ଣ୍ଣନା କରିବା ସ୍ୱାଭାବିକ ଭାବେ ଏତେ ସହଜରେ ବିଶ୍ୱସନୀୟ ଓ ଗ୍ରହଣୀୟ ହୋଇପାରୁନି। ନିଜ ପରିବାରର ଧ୍ୱଂସଲୀଳା ବଖାଣିବା ବେଳେ ପାକିସ୍ତାନ ସେନାର ମିଛ ଧରାପଡ଼ିଯିବ ଏବଂ ପାକିସ୍ତାନ ପ୍ରତି ଏହା ପରାଜୟ ଜନିତ ଅପମାନସୂଚକ ହେବ, ତାହା କ'ଣ ମାସୁଦ୍ ଅନୁମାନ କରି ନଥିବ? ସେ ଏତେ ମୂର୍ଖ ନୁହେଁ। ତେଣୁ ପ୍ରଘଟ ଭିଡିଓଟି ଯେ ଏଆଇ କୌଶଳ ସମ୍ଭୂତ ହୋଇ ନ ଥିବ ତାହା ମଧ୍ୟ ବିଶ୍ୱାସଯୋଗ୍ୟ ହେଉନାହିଁ। ଯଦି ମାସୁଦ୍‌ର ସ୍ୱୀକାରୋକ୍ତି ସତ ହୋଇଥାଏ ତେବେ ପାକିସ୍ତାନ ନୂଆ ଚାଲ୍ ଖେଳୁଥିବା ନିଶ୍ଚିତ। ତେଣୁ ଭାରତ ଏଥିପ୍ରତି ସଜାଗ ରହିବା ଆବଶ୍ୟକ।

## କେବେ ଚେତିବା?

ହିମାଳୟ ପାର୍ବତ୍ୟାଞ୍ଚଳ ପାଦଦେଶର ରାଜ୍ୟଗୁଡ଼ିକରେ ପ୍ରାକୃତିକ ବିପର୍ଯ୍ୟୟ କ୍ରମାଗତ ଭାବେ ଘଟିଚାଲିଥିଲେ ହେଁ ସରକାରୀ ତତ୍ପରତା କେବଳ ବିପର୍ଯ୍ୟୟ ପ୍ରଶମନ ଟିମ୍ ପ୍ରେରଣ, ବିପର୍ଯ୍ୟସ୍ତଙ୍କୁ ଉଦ୍ଧାର ଏବଂ କ୍ଷୟକ୍ଷତିର ପୁନରୁଦ୍ଧାରରେ ସୀମିତ ରହିଯାଇଛି। ଯଦି ବିପର୍ଯ୍ୟୟର କାରଣଗୁଡ଼ିକୁ ଏଡ଼ାଇବାରେ ଆନ୍ତରିକତା ଥା'ନ୍ତା ତେବେ ବିପର୍ଯ୍ୟୟ ପ୍ରଶମନ ତତ୍ପରତାର ଆବଶ୍ୟକତା ହିଁ ପଡ଼ନ୍ତା ନାହିଁ। ବିଡ଼ମ୍ବନା ହେଉଛି ପରିବେଶ ପ୍ରତିକୂଳ ବିକାଶ କାର୍ଯ୍ୟ ଯେ ବିନାଶ ଆଡ଼କୁ ବାଟ କଢ଼ାଇ ନେଉଛି ଏହା ଜାଣି ମଧ୍ୟ ଆମେ ନ ଜାଣିବାର ଅଭିନୟ କରୁଛୁ। ବିପର୍ଯ୍ୟୟକୁ ଆବାହନ କରୁଥିବା ଏହି ବିକାଶ କାର୍ଯ୍ୟ ରାଷ୍ଟ୍ରୀୟ ନୀତି ହୋଇସାରିଥିବାରୁ ତଦ୍‌ଜନିତ ପ୍ରଭାବ ହିମାଳୟ ପାଦଦେଶରୁ ପଶ୍ଚିମଘାଟ ଓ ପୂର୍ବଘାଟ ପାର୍ବତ୍ୟାଞ୍ଚଳକୁ ବ୍ୟାପୀ ସାରିଲାଣି। ଓଡ଼ିଶାର କଳିଙ୍ଗା ଘାଟିରେ ନିକଟରେ ଘଟିଥିବା ଭୂସ୍ଖଳନ ଆମକୁ ଚେତାଇ ଦେଇଛି ଯେ ଅପରିଣାମଦର୍ଶୀ ବିକାଶରେ ଏବେ ଅଙ୍କୁଶ ଲଗାଇବାର ବେଳ ଆସିଛି। ଚଳିତ ମୌସୁମୀ ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ, ପଞ୍ଜାବ ଓ ଉତ୍ତରାଖଣ୍ଡରେ ନାହିଁ ନଥିବା ବିପର୍ଯ୍ୟୟ ଆଣିଛି। ଦିଲ୍ଲୀ, ମୁମ୍ବାଇ ଜଳପ୍ଲାବିତ ହୋଇଛି। ବାଦଲ୍‌ଫଟା ବର୍ଷାର ପ୍ରଭାବ ଏତେ ନଥିଲେ ମଧ୍ୟ ଭୂସ୍ଖଳନ ଓ ବନ୍ୟା ସୂଚାଇ ଦେଉଛି ଯେ ଦାୟିତ୍ୱହୀନ ମାନବିକ କାର୍ଯ୍ୟକଳାପ ଜଳବାୟୁର ଅସ୍ୱାଭାବିକତାକୁ ଆହୁରି ଉତ୍କଟ କରୁଛି ଏବଂ ସେଥିରେ ଧନଜୀବନର ବ୍ୟାପକ କ୍ଷୟକ୍ଷତି ଘଟୁଛି।

ଭିତ୍ତିଭୂମି ବିକାଶ କଥା ଚିନ୍ତା କଲା ବେଳେ ନୀତି ନିର୍ଦ୍ଧାରକମାନେ ଏ କଥା ମଧ୍ୟ ସ୍ମରଣକୁ ଆଣିବା ଆବଶ୍ୟକ ଯେ ଜଳବାୟୁ ଅସ୍ୱାଭାବିକ ପରିବର୍ତ୍ତନ ପ୍ରଭାବରୁ ସହରାଞ୍ଚଳ ମଧ୍ୟ ମୁକ୍ତ ନୁହେଁ। ଭବିଷ୍ୟତ ଭାରତ ଗଠନରେ ସହରୀ ସଭ୍ୟତାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଅପରପକ୍ଷରେ ଦ୍ରୁତ ସହରୀକରଣ ହିଁ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟକୁ ଡାକି ଆଣୁଛି। ତେଣୁ ପରିବେଶ ଅନୁକୂଳ ସହରୀ ଯୋଜନା ଆଜିର ଆବଶ୍ୟକତା। ଗୃହ ନିର୍ମାଣ ବେଳେ ଉପଯୁକ୍ତ ଦୂରଦର୍ଶୀ ଯୋଜନା ଅଭାବରୁ ସମ୍ପ୍ରତି ଭାରତର ଦୁଇ-ତୃତୀୟାଂଶ ଆବାସିକ କୋଠା ବନ୍ୟା ସଙ୍କଟପ୍ରବଣ। ରାସ୍ତାଘାଟ କଥା ନ କହିବା ଭଲ। ଏଭଳି ଅଦୂରଦର୍ଶୀ ସହରୀକରଣ ଯୋଗୁଁ ଗତବର୍ଷ ଦୁବାଇ ସାମାନ୍ୟ ବର୍ଷାରେ ଇତିହାସରେ ପ୍ରଥମ ଥର ପାଇଁ ବନ୍ୟାପ୍ଲାବିତ ହୋଇଥିଲା। ଏବେ ଦିଲ୍ଲୀ, ମୁମ୍ବାଇ, କୋଲକାତା ଭଳି ମେଟ୍ରୋ ସହରର ସ୍ଥିତି ଆମ ଆଖି ଆଗରେ। ମେଟ୍ରୋ ସହର କଥା ଦୂରେ ଥାଉ ଆମ ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ସାମାନ୍ୟ ବର୍ଷାରେ ରାସ୍ତାରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହେଉଛି। ଏଥିପାଇଁ ଜଳବାୟୁର ଅସ୍ୱାଭାବିକତା ତୁଳନାରେ ମାନବୀକୃତ ବନ୍ୟା ଅଧିକ ଦାୟୀ, ଏକଥା ଊଣାଅଧିକେ ସମସ୍ତେ ହୃଦୟଙ୍ଗମ କରିସାରିଲେଣି।

ବେଳ ହୁଁ ତ୍ରୁଟି ନ ସଜାଡ଼ିଲେ ୨୦୭୦ ସୁଦ୍ଧା କେବଳ ସହରୀ ବନ୍ୟାରେ ଭାରତ ୩୦୦୦ କୋଟି ଡଲାର କ୍ଷତି ସହିବ ବୋଲି ଆକଳନ କରାଯାଇଛି। ଏଥିପାଇଁ ପ୍ରଥମ ଆବଶ୍ୟକତା ହେଉଛି ପରିବେଶର ଶୀତଳୀକରଣ ସହିତ ବର୍ଜ୍ୟ ସଂଗ୍ରହ ପରିଚାଳନାରେ ସୁଧାର। କିନ୍ତୁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ବିପର୍ଯ୍ୟୟରୁ ଆମେ ଶିଖିବା କେବେ ଏବଂ ଚେତିବା କେବେ? ଏହି ପ୍ରଶ୍ନର ଉତ୍ତର ନ ମିଳିବା ପର୍ଯ୍ୟନ୍ତ ସମାଧାନର ବାଟ ଆବିଷ୍କୃତ ହୋଇପାରିବ ନାହିଁ।

# ପରିବେଶ ସଙ୍କଟ ସମାଧାନରେ ଜନଜାତିଙ୍କ ଭୂମିକା

ସଭ୍ୟ ଓ ଉନ୍ନତ ଦେଶମାନଙ୍କର ବିଳାସପୂର୍ଣ୍ଣ ଜୀବନଶୈଳୀ, ଅପରିଣାମଦର୍ଶୀ ଶିଳ୍ପାୟନ ଓ ସହରୀକରଣ ଏବଂ ପରିବେଶ-ପ୍ରତିକୂଳ ବିକାଶ ଯୋଜନାମାନ ଜଳବାୟୁକୁ କ୍ରମଶଃ ଉଗ୍ର ଓ ଅସ୍ୱାଭାବିକ କରିଚାଲିଛି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ପ୍ରଭାବ ଜଳ, ସ୍ଥଳ ଆକାଶକୁ ଆଚ୍ଛାଦିତ କରିବା ସହିତ ଧରିତ୍ରୀର ଅମ୍ଳଜାନର ଉତ୍ସ ସବୁଜ ବନାନୀକୁ ଆକ୍ରାନ୍ତ କରିବା ଆରମ୍ଭ କରିଛି। ବିଡ଼ମ୍ବନା ଏହା ଯେ ନୀତି ନିର୍ଦ୍ଧାରକ ଭୂମିକାରେ ଅବତୀର୍ଣ୍ଣ ହେଉଥିବା ତଥାକଥିତ ଚିନ୍ତାଶୀଳମାନେ ବିକାଶ ନାମରେ ବିନାଶ କାର୍ଯ୍ୟକଳାପ ପ୍ରତି ନିର୍ବିକାର ହୋଇପଡୁଥିବାରୁ ଜଳବାୟୁ ସମ୍ପର୍କିତ ବିଭିନ୍ନ ବିଶ୍ୱଶୀର୍ଷ ସମ୍ମିଳନୀମାନଙ୍କରେ ପରିବେଶ ସୁରକ୍ଷା ପାଇଁ ଯେଉଁ ସଂକଳ୍ପମାନ ପାରିତ ହେଉଛି ତାହା ବାସ୍ତବତାରେ ରୂପାୟନ ହୋଇପାରୁନାହିଁ। ପ୍ରକୃତିର ଏହି ଅସ୍ୱାଭାବିକ ପରିବର୍ତ୍ତନର ପରିଣାମ ଭୋଗୁଛନ୍ତି ଅନୁନ୍ନତ ଓ ବିକାଶଶୀଳ ରାଷ୍ଟ୍ରର ଅଧିବାସୀମାନେ। ବିଶେଷକରି ସହରୀ ମଣିଷର ଏହି ପ୍ରତ୍ୟକ୍ଷ ଓ ପରୋକ୍ଷ କାର୍ଯ୍ୟରେ କ୍ଷତିଗ୍ରସ୍ତ ହେଉଛି ସବୁଜ ବନାନୀ ଏବଂ ସର୍ବାଧିକ ପ୍ରଭାବିତ ଓ ବିପନ୍ନ ହେଉଛନ୍ତି ପ୍ରକୃତିର ସେହି ଅତିଆପଣାର ଆଦିମ ଜନଜାତି ବା ବନବାସୀମାନେ। ସାମ୍ପ୍ରତିକ ଜଳବାୟୁ ପରିବର୍ତ୍ତନ ଜନିତ ବିପର୍ଯ୍ୟୟ ପରିଚାଳନାରେ ଯେଉଁମାନଙ୍କର ଜ୍ଞାନକୌଶଳ ଉପଯୋଗ କରାଯାଇପାରନ୍ତା ସେମାନଙ୍କୁ କେବଳ ହତାଦର କରାଯାଉନାହିଁ, ପ୍ରକୃତିର କୋଳ ହିଁ ସେମାନଙ୍କଠାରୁ ଛଡ଼େଇ ନିଆଯାଉଛି। ନିଜ ମାଟିରେ ଆପଣାର ପରିବେଶରେ ବଞ୍ଚିବାର ଅଧିକାରରୁ ପ୍ରକୃତିର ସନ୍ତାନମାନେ ବଞ୍ଚିତ ଓ ବିସ୍ଥାପିତ ହେବାଠାରୁ ଆଉ ବଡ଼ ବିଡ଼ମ୍ବନା ସାମ୍ପ୍ରତିକ ବିଶ୍ୱ ମାନବାଧିକାର ପ୍ରସଙ୍ଗରେ ଆଉ କ'ଣ ହୋଇପାରେ?

ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା ପ୍ରସଙ୍ଗ ଆଲୋଚନା କରିବା ବେଳେ ଆଦିମ ଜନଜାତିଙ୍କ ଅଧିକାର ସ୍ୱତଃ ପ୍ରାସଙ୍ଗିକ ହୋଇପଡ଼େ। ଆଦିମ ଅଧିବାସୀଙ୍କ ସହଭାଗିତା ଓ ସହଯୋଗିତା ବିନା ପ୍ରକୃତିର ସୁରକ୍ଷା ଓ ଜଳବାୟୁ ସମସ୍ୟାର ସମାଧାନ ଯେ ସୁଦୂର ପରାହତ ଏହା ଜାତିସଂଘ ମଧ୍ୟ ସ୍ୱୀକାର କରିଛି। ଆଦିମ ଜନଜାତିଙ୍କ ମୌଳିକ ଜ୍ଞାନର ଉପଯୋଗ ଓ ପ୍ରକୃତିର ଭାରସାମ୍ୟ ରକ୍ଷାରେ ସେମାନଙ୍କ ଅବଦାନକୁ ସ୍ୱୀକାର, ସମ୍ମାନ ଓ ସ୍ୱୀକୃତି ଦେବା ବଦଳରେ ସେମାନଙ୍କ ଅଧିକାର ଛଡ଼ାଇ ନେବାରେ ଆମ ତତ୍ପରତାକୁ ଯଦି 'ଶତାବ୍ଦୀର ଅନ୍ୟାୟ' ଭାବେ ଅଭିହିତ କରାଯାଏ, ତେବେ ତାହା ଅତିଶୟୋକ୍ତି ହେବ ନାହିଁ।

ଜାତିସଂଘର ତତ୍କାଳୀନ ମହାସଚିବ ବାନ୍ କି ମୁନ୍‌ଙ୍କ ମତରେ ଜଳବାୟୁ ପରବିର୍ତ୍ତନ ଜନିତ ପ୍ରଭାବ ଓ ସମସ୍ୟାକୁ ମୁକାବିଲା କରିବାରେ ଜନଜାତି ବର୍ଗର ଭୂମିକା ଉଲ୍ଲେଖନୀୟ ଓ ଗୁରୁତ୍ୱପୂର୍ଣ୍ଣ ହେଲେ ହେଁ ତାହା ଏ ପର୍ଯ୍ୟନ୍ତ ସାର୍ବଜନୀନ ସ୍ୱୀକୃତି ପାଇପାରିନାହିଁ। ଭାରତବର୍ଷରେ ଏଭଳି ଅନେକ ଜନଜାତି ଅଛନ୍ତି, ଯେଉଁମାନେ ପ୍ରାଣୀମାନଙ୍କର ସ୍ୱଭାବ ପରିବର୍ତ୍ତନରୁ ଜଳବାୟୁ ପରିବର୍ତ୍ତନର ନିର୍ଭୁଲ୍ ସଙ୍କେତ ପାଇପାରନ୍ତି। ଉଦାହରଣସ୍ୱରୂପ ତାମିଲନାଡୁ ନୀଳଗିରି ପାର୍ବତ୍ୟାଞ୍ଚଳର ତୋଡା ସମ୍ପ୍ରଦାୟ ପିମ୍ପୁଡ଼ିର ଗତିବିଧିରୁ ମୌସୁମୀର ନିର୍ଭୁଲ ଗଣନା କରିପାରୁଥିବା ଗବେଷକମାନେ ଜାଣିପାରିଛନ୍ତି। ସେହିଭଳି ଆଣ୍ଡାମାନ୍ ନିକୋବରର ଜରୱା ଜନଜାତି ମାଛମାନଙ୍କର ଆଚରଣରୁ ବାତ୍ୟା ଅନୁମାନ କୌଶଳ ପୁରୁଷ ପୁରୁଷ ଧରି ଆୟତ୍ତ କରିଛନ୍ତି। ଏଭଳି ଆହୁରି ଅନେକ ଆଦିମ ଜନଜାତି ସମ୍ପ୍ରଦାୟର ପାରମ୍ପରିକ ମୌଳିକ ଜ୍ଞାନକୌଶଳରେ ଆମ ଭାରତବର୍ଷର ଜ୍ଞାନଭଣ୍ଡାର ସମୃଦ୍ଧ, ଯାହା ସାମ୍ନାରେ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ମଧ୍ୟ ନତମସ୍ତକ ହେବାକୁ ବାଧ୍ୟ।

କେବଳ ଜଳବାୟୁ ପୂର୍ବାନୁମାନ ନୁହେଁ, ପରିବେଶ ଅନୁକୂଳ ଏବଂ ଜଳବାୟୁ ସହନଶୀଳ କୃଷି ପଦ୍ଧତିରେ ମଧ୍ୟ ଭାରତୀୟ ଜନଜାତିମାନେ ବିଶ୍ୱସ୍ୱୀକୃତି ପାଇବାକୁ ଯୋଗ୍ୟ। ପଶ୍ଚିମଘାଟ ପର୍ବତମାଳାର ଆଦିମ ଜନଜାତିମାନେ ଶସ୍ୟ ଭଣ୍ଡାରଣର ମୌଳିକ ଜ୍ଞାନକୌଶଳ ହେଉ କିମ୍ବା ପୂର୍ବଘାଟ ପର୍ବତମାଳାର ଡୋଙ୍ଗରିଆ କନ୍ଧମାନଙ୍କ ଦ୍ୱାରା ଆଦୃତ ପାରମ୍ପରିକ ଜୈବକୃଷି ଓ ପରିବେଶ ଅନୁକୂଳ କୃଷି ହେଉ, ସେ ସବୁକୁ ଆମେ ଏ ପର୍ଯ୍ୟନ୍ତ ପରିବେଶ ପରିଚାଳନା ଓ କୃଷି ବିଜ୍ଞାନରେ ସ୍ୱୀକୃତି ଦେବାରେ ଅବହେଳା କରିଛୁ, ଏହା ସ୍ୱୀକାର କରିବାକୁ ହେବ। ହିମାଚଳ ପ୍ରଦେଶର ଲାହାହୁଲ୍ ସମ୍ପ୍ରଦାୟ ଶୀତକାଳୀନ କୃଷି ପଦ୍ଧତି ଓ ସେଚ ପରିଚାଳନାରେ ପଟୁତା ହାସଲ କରିଥିବା ବେଳେ ଆସାମର ମିସିଙ୍ଗ ଜନଜାତିଠାରୁ ବନ୍ୟା ନିୟନ୍ତ୍ରଣ, ବିପର୍ଯ୍ୟୟ ପରିଚାଳନାରେ ସଂଘବଦ୍ଧ ଓ ସହଯୋଗ କୌଶଳ ବିପର୍ଯ୍ୟୟ ପ୍ରଶମନ ବିଜ୍ଞାନୀମାନେ ଶିକ୍ଷା କରିବା ଉଚିତ। ବିନା ପାଠ, ବିନା ତାଲିମ୍‌ରେ କେରଳ ଓ ତାମିଲନାଡୁର କଦର ଜନଜାତି ସମ୍ପ୍ରଦାୟ ମହୁ ଓ ଔଷଧୀୟ ଗୁଳ୍ମ ଚାଷ, ମେଘାଳୟର ଖାସି ଜନଜାତିର କୃଷିଜଙ୍ଗଲ ଯୋଜନା, ରାଜସ୍ଥାନର ବିଷ୍ଣୋଇ ସମ୍ପ୍ରଦାୟର ଜଙ୍ଗଲ ଓ ପ୍ରାଣୀ ସୁରକ୍ଷାରେ ଅଙ୍ଗୀକାରବଦ୍ଧତା, ଅରୁଣାଚଳ ପ୍ରଦେଶର ଆପଟାନୀ ଜନଜାତିର ସ୍ମାର୍ଟ ଜଳସେଚନ ପଦ୍ଧତି(ଯେଉଁଥିରେ ଧାନ ଓ ମାଛ ଚାଷ ହୋଇପାରେ) ଭଳି ଜ୍ଞାନକୌଶଳ ଆମ କୃଷି ବିଶ୍ୱବିଦ୍ୟାଳୟର ଗବେଷକ ଓ ବୈଜ୍ଞାନକମାନେ ଶିଖିବା ଉଚିତ। ଅପରପକ୍ଷରେ ବନବାସୀଙ୍କୁ ବିଶ୍ୱାସକୁ ନ ନେବାର ପରିଣାମ ଓଡ଼ିଶାରେ ବ୍ୟାଘ୍ର ପ୍ରକଳ୍ପର ବିଫଳତା ଏବଂ ବନାଗ୍ନି ପରିସଂଖ୍ୟାନ ବୃଦ୍ଧିରେ ପ୍ରତିଫଳିତ ହେଉଛି।

ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ସମାଧାନ ଓ ପରିଚାଳନାରେ ଆଦିମ ଜନଜାତିମାନଙ୍କୁ ଅଂଶୀଦାର କରିବା ଏବଂ ପିଢ଼ି ପରେ ପିଢ଼ି ଚାଲିଆସୁଥିବା ମୌଳିକ ଜ୍ଞାନକୌଶଳକୁ ଉପଯୋଗ କରିବା ଉପରେ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସଂସ୍ଥା 'ୟୁଏନ୍‌ଏଫ୍‌ସିସିସି' ଏବଂ 'ବାଇଓଡାଇଭର୍ସିଟି କନ୍‌ଭେନ୍‌ସନ୍' ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଜଙ୍ଗଲ ପରିସଂସ୍ଥା ଓ ଜୈବବିବିଧତା ସୁରକ୍ଷାରେ ବନବାସୀଙ୍କ ଅବଦାନକୁ ପ୍ୟାରିସ୍ ଜଳବାୟୁ ଚୁକ୍ତିରେ ମଧ୍ୟ ସ୍ୱୀକୃତି ଦିଆଯାଇଛି। ଅଥଚ ଆନ୍ତରିକତା ଓ ନିଷ୍ଠାର ଅଭାବ ଯୋଗୁଁ ଏ ଦିଗରେ ଯଥେଷ୍ଟ ଅଗ୍ରଗତି ହୋଇପାରିନାହିଁ। ଅପରପକ୍ଷରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ନଦୀଝରଣା ସ୍ୱାଭାବିକତା ହରାଉଥିବା ବେଳେ ଗ୍ଲାସିୟର ତରଳିବା ଯୋଗୁଁ ସୃଷ୍ଟ ଅଦିନିଆ ବନ୍ୟା ଜନଜାତିଙ୍କ ଦ୍ୱାରା ଆଦୃତ ପାର୍ବତ୍ୟାଞ୍ଚଳ-ଜଙ୍ଗଲ କୃଷି ପ୍ରଭାବିତ ହେବା ସହିତ ସେମାନଙ୍କ ଜୀବନଜୀବିକା ଓ ମାନବିକ ଅଧିକାର କ୍ଷୁଣ୍ଣ ହେଉଛି। ବନାଗ୍ନି, ଖଣି ଖନନ, ସହରୀକରଣ, ଶିଳ୍ପାୟନ ଯୋଗୁଁ ହେକ୍ଟର ହେକ୍ଟର ଜମି ବଳି ପଡୁଥିବା ବେଳେ ପ୍ରଥମ ପ୍ରଭାବିତ ଗୋଷ୍ଠୀ ମଧ୍ୟରେ ଜନଜାତିମାନଙ୍କୁ ବିସ୍ଥାପିତ ହେବାକୁ ପଡୁଛି। କେତେବେଳେ ପୁଣି ବ୍ୟାଘ୍ର ପ୍ରକଳ୍ପ ସେମାନଙ୍କୁ ନିଜ ଭୂମିରୁ ବିତାଡ଼ିତ କରୁଛି। ଗ୍ଲୋବାଲ୍ ଫରେଷ୍ଟ ୱାଚ୍‌ର ବିବରଣୀ ଅନୁଯାୟୀ ଭାରତ ୨୦୦୨-୨୦୨୩ ମଧ୍ୟରେ ପାରମ୍ପରିକ ଜଙ୍ଗଲର ୪.୧% ବା ୪, ୧୪, ୦୦୦ ହେକ୍ଟର ହରାଇଛି। ସମଗ୍ର ଦେଶରେ ବ୍ୟାଘ୍ର ପ୍ରକଳ୍ପ ପାଇଁ ପ୍ରାୟ ୬୪, ୯୦୦ ବନବାସୀ ଉଚ୍ଛେଦ ହୋଇଥିବା ବେଳେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ ୩ ଲକ୍ଷ ହେକ୍ଟରରୁ ଊର୍ଦ୍ଧ୍ୱ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ହୋଇଛି ଏବଂ ଲକ୍ଷଲକ୍ଷ ସଂଖ୍ୟାରେ ବନବାସୀମାନେ ବିସ୍ଥାପିତ ହୋଇଛନ୍ତି। ଏହା ସେମାନଙ୍କର ଖାଦ୍ୟ ନିରାପତ୍ତା, ଜୀବନଜୀବିକା, ଚାଲିଚଳଣି, ଭାଷା, ସଂସ୍କୃତିକୁ ମଧ୍ୟ ବିପନ୍ନ କରୁଛି। ଗତ କୋପ୍ ୨୯ରେ 'ଗ୍ଲୋବାଲ୍ ଆଲାଏନ୍ସ ଅଫ୍ ଟେରିଟୋରିଆଲ୍ କମ୍ୟୁନିଟି(ଜିଏଟିସି)'ର ବନବାସୀଙ୍କ ସ୍ୱାର୍ଥ ଓ ଅଧିକାର ସ୍ୱୀକୃତି ଦାବି ଓ ସ୍ୱରକୁ ମଧ୍ୟ ଉପେକ୍ଷା କରାଯାଇଥିବା ବା ଯଥୋଚିତ ଧ୍ୟାନ ଦିଆଯାଇ ନଥିବା ଅଭିଯୋଗ ହୋଇଛି।

(ସକାଳ ମିଡିଆ ସର୍ଭିସ୍)

# ଅତୀତର ଗୌରବ ଓ ବର୍ତ୍ତମାନର ଆବଶ୍ୟକତା

ସତ୍ୟଶୋଭନ ଦାସ

୧୯୧୮ ମସିହାରେ ମହାତ୍ମା ଗାନ୍ଧୀଙ୍କ ସ୍ୱଦେଶୀ ଆନ୍ଦୋଳନରେ ଖଦି ଓ ଚରଖା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିଲା। ସେହିପରି ଭାରତ ଛାଡ଼ ଆନ୍ଦୋଳନରେ ବିଦେଶୀ ବସ୍ତ୍ର ବର୍ଜନ ବ୍ରିଟିଶ୍ ଶାସନ ବିରୋଧରେ ଏକ ଅମୋଘ ଅସ୍ତ୍ର ଭାବରେ ପରିଗଣିତ ହୋଇଥିଲା। ତେଣୁ ସ୍ୱାଧୀନତା ଆନ୍ଦୋଳନର ଚରଖା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଭାବେ ଜନମାନସରେ ଆଦୃତ ହେଲା। ଭାରତବାସୀ ଏଥିରେ ପ୍ରଭାବିତ ହୋଇ ସ୍ୱଦେଶୀ ବସ୍ତ୍ର ଆପଣେଇଥିଲେ। ସ୍ଥାନୀୟ ବସ୍ତ୍ରଭିତ୍ତିକ ଶିଳ୍ପ ଭାରତକୁ ଦାରିଦ୍ର୍ୟରୁ ଅନେକାଂଶରେ ଉଦ୍ଧାର କରିବା ସହ ଆତ୍ମଗୌରବର ପରିଚୟ ଦେଲା। ଏହା ଭାରତକୁ ମହଙ୍ଗା ବିଦେଶୀ ସାମଗ୍ରୀ ଉପରେ ନିର୍ଭରଶୀଳତାରୁ ମଧ୍ୟ ମୁକ୍ତ କଲା।

ଶିଳ୍ପାୟନ ପରବର୍ତ୍ତୀ ପରିବର୍ତ୍ତନଶୀଳ ଫ୍ୟାଶନ୍ ଧାରା ହସ୍ତତନ୍ତ କପଡ଼ାର ଚାହିଦାକୁ ହ୍ରାସ କରିଛି, ଯାହା ହସ୍ତଶିଳ୍ପ ଏବଂ ତତ୍‌ସହିତ ଜଡ଼ିତ ବର୍ଗଙ୍କ ପାଇଁ ବିପଦ ଆଣିଛି। ସିନ୍ଥେଟିକ୍ କପଡ଼ା ଏବଂ ବିଶ୍ୱ ବ୍ରାଣ୍ଡଗୁଡ଼ିକ ଗ୍ରାହକଙ୍କ ପସନ୍ଦ ଉପରେ ପ୍ରଭାବ ପକାଇବା ସହିତ ବୁଣାକାରମାନଙ୍କ ହସ୍ତଶିଳ୍ପର ଚାହିଦା ହ୍ରାସ ପାଇଛି। ଏହି ହ୍ରାସ କେବଳ ସାଂସ୍କୃତିକ ପରିଚୟକୁ ବିପଦରେ ପକାଇ ନାହିଁ ବରଂ ଗ୍ରାମୀଣ ଜୀବିକାକୁ ମଧ୍ୟ ପ୍ରଭାବିତ କରିଛି। ଚତୁର୍ଥ ଅଖିଳ ଭାରତୀୟ ହସ୍ତତନ୍ତ ଜନଗଣନା (୨୦୧୯-୨୦) ଅନୁଯାୟୀ, ଦେଶରେ ୨୬, ୭୩, ୮୯୧ ଜଣ ହସ୍ତତନ୍ତ ବୁଣାକାର ଏବଂ ୮, ୪୮, ୬୨୧ ଜଣ ସମ୍ପୃକ୍ତ ଶ୍ରମିକ ଅଛନ୍ତି। ଓଡ଼ିଶାରେ ୬୩୨୨୩ ଜଣ ହସ୍ତତନ୍ତ ବୁଣାକାର ପରିବାର ବାସ କରନ୍ତି। ଚାହିଦା ହ୍ରାସ, କମ ମଜୁରୀ ଏବଂ ସମର୍ଥନର ଅଭାବ ଯୋଗୁଁ ଅନେକ କାରିଗର ସେମାନଙ୍କର ତନ୍ତ ପରିତ୍ୟାଗ କରିଛନ୍ତି। ଏହି ପରିବର୍ତ୍ତନ କେବଳ ସାଂସ୍କୃତିକ ଐତିହ୍ୟକୁ ବିପଦରେ ପକାଇ ନାହିଁ ବରଂ ପରିବେଶଗତ ଅବକ୍ଷୟକୁ ମଧ୍ୟ ଡାକି ଆଣୁଛି।

ଚୀନ୍ ପରେ ଭାରତ ବିଶ୍ୱରେ ଦ୍ୱିତୀୟ ବୃହତ୍ତମ ରେଶମ ଉତ୍ପାଦକ ଏବଂ ରେଶମର ସର୍ବବୃହତ ଗ୍ରାହକ। ଭାରତ ବିଶ୍ୱରେ କପା ଉତ୍ପାଦନର ଦ୍ୱିତୀୟ ଏବଂ ବିଶ୍ୱ କପା ଉତ୍ପାଦନର ପ୍ରାୟ ୨୪% ଯୋଗଦାନ କରୁଛି। କଞ୍ଚାମାଲ ଯଥେଷ୍ଟ ଥିବା ସତ୍ତ୍ୱେ ଭାରତ ଏବେ ବି ବିଦେଶୀ ଆମଦାନୀ ଉପରେ ଅତ୍ୟଧିକ ନିର୍ଭରଶୀଳ। ଇଣ୍ଡିଆନ୍ ଟେକ୍ସପ୍ରେନ୍ୟୁର୍ସ ଫେଡେରେସନ୍‌ର ତଥ୍ୟାନୁଯାୟୀ, ଭାରତ ଗତବର୍ଷ ଏପ୍ରିଲ୍‌ରୁ ନଭେମ୍ବର ପର୍ଯ୍ୟନ୍ତ ୮, ୯୦୦ କୋଟି ଟଙ୍କାର ପୋଷାକ ଆମଦାନୀ କରିଛି। ହସ୍ତତନ୍ତକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ସାଧାରଣ ଲୋକଙ୍କ ଜୀବନରେ ଏହାକୁ ଏକ ଗର୍ବର ମାଧ୍ୟମ ଭାବରେ ପୁନଃ ପରିଚିତ କରିବା ପାଇଁ ନୀତିଗତ ସଂସ୍କାର ଆବଶ୍ୟକ। ଖଦି, ସମ୍ବଲପୁରୀ, ଖଣ୍ଡୁଆ, ବୋମକାଇ, କୋଟପାଡ଼, କାଞ୍ଚିପୁରମ, ବନାରସୀ, ମାହେଶ୍ୱରୀ, ଚନ୍ଦେରୀ, ଜାମଦାନୀ, ପଟୋଲାରୁ ଫୁଲକାରୀ ଓ ପଶ୍ମିନା ଆଦି ଭାରତର ଆଦିବାସୀ ପାରମ୍ପରିକ ବସ୍ତ୍ର ସମ୍ପ୍ରଦାୟର କାହାଣୀ ଏବଂ ପ୍ରକୃତି ସହିତ ସେମାନଙ୍କର ଗଭୀର ସମ୍ପର୍କକୁ ପ୍ରତିଫଳିତ କରେ। ଏହି ସ୍ୱଦେଶୀ ହସ୍ତତନ୍ତ ପୁନଃ ପ୍ରଚଳନ କରିବା ଦ୍ୱାରା ଏହି ଲକ୍ଷ୍ୟ ପୂରଣ ହୋଇପାରିବ। ପ୍ରତିଦିନର ପୋଷାକ, ପର୍ବପର୍ବାଣୀ, ବିବାହ ଏବଂ ସରକାରୀ ଉତ୍ସବରେ ଏହି ପୋଷାକଗୁଡ଼ିକୁ ପ୍ରୋତ୍ସାହିତ କରି ଆମେ ସ୍ଥାନୀୟ ପୋଷାକର ଚାହିଦାକୁ ବୃଦ୍ଧି କରିପାରିବା। ଏହାକୁ ସ୍କୁଲ, କଲେଜ ଓ କାର୍ଯ୍ୟାଳୟ ପୋଷାକ କିମ୍ବା ୟୁନିଫର୍ମରେ ସାମିଲ କରିବା ଆବଶ୍ୟକ। ମହିଳା ଓ ଝିଅମାନେ ସାଧାରଣତଃ ପାରମ୍ପରିକ ପୋଷାକ ପ୍ରତି ଆକୃଷ୍ଟ ହୋଇଥା'ନ୍ତି। ଏହା ପୁରୁଷମାନଙ୍କ କ୍ଷେତ୍ରକୁ



ପରିବ୍ୟାପ୍ତ କରିବା ଉଚିତ। ସପ୍ତାହରେ ଥରେ ନିୟମିତ ଭାବରେ ପାରମ୍ପରିକ ପୋଷାକ ପିନ୍ଧିବା ଦ୍ୱାରା ନିଜ ସଂସ୍କୃତି ପ୍ରତି ଦାୟିତ୍ୱ ବୃଦ୍ଧି ପାଇବ ଏବଂ ଦେଶର ସଂସ୍କୃତି ସହିତ ଜଡ଼ିତ ହେବାର ସୁଖଦ ଅନୁଭୂତି ମିଳିବ।

ସୂତା କାଟିବାଠାରୁ ରଙ୍ଗ କରିବା, ବୁଣିବା ଆଦି ହସ୍ତତନ୍ତର ପ୍ରତ୍ୟେକ ପର୍ଯ୍ୟାୟରେ ଅପାର ନିଯୁକ୍ତି ସୃଷ୍ଟି ହୋଇପାରିବ ଏବଂ ବାହ୍ୟ ଯୋଗାଣ ଶୃଙ୍ଖଳ ଉପରେ ନିର୍ଭରଶୀଳତା ହ୍ରାସ କରିପାରିବ। ହସ୍ତତନ୍ତରେ ପ୍ରାୟତଃ ପ୍ରାକୃତିକ ତନ୍ତୁ ଓ ରଙ୍ଗ ବ୍ୟବହାର କରାଯାଏ, ଯାହା ଜୈବବିଘଟନଶୀଳ ଏବଂ କମ୍ ପ୍ରଦୂଷଣକାରୀ। ତେଣୁ ପ୍ରଭାବଶାଳୀ ସରକାରୀ ନୀତି ଓ ଶିକ୍ଷାଗତ ପଦକ୍ଷେପ ଖଦିର ବ୍ୟାପକ ପ୍ରଚାର ପ୍ରସାର ଅଭିଯାନକୁ ସଫଳ କରିପାରିବ। କାରିଗର, ହସ୍ତତନ୍ତ ଗୋଷ୍ଠୀ ଓ କ୍ଷୁଦ୍ର ବ୍ୟବସାୟ ପାଇଁ ପ୍ରୋତ୍ସାହନ ଯୋଗାଇ ଏକ ନିର୍ଦ୍ଦିଷ୍ଟ ନୀତିଗତ ନିଷ୍ପତ୍ତି ନେବାର ବେଳ ଆସିଛି। ପ୍ରଯୁକ୍ତିବିଦ୍ୟା, ପ୍ରୋତ୍ସାହନ, ଋଣର ସୁବିଧା, ବଜାର ଏବଂ ଇ-କମର୍ସ ପ୍ଲାଟଫର୍ମ ସହିତ ସହଯୋଗ ଯୋଗାଇ ଦିଆଯିବା ଉଚିତ, ଯାହା କାରିଗରମାନଙ୍କୁ ବ୍ୟାପକ ବଜାର ପ୍ରବେଶ ପ୍ରଦାନ ସୁନିଶ୍ଚିତ କରିପାରିବ।

ପାରମ୍ପରିକ କପଡ଼ା ପୁନଃପ୍ରବର୍ତ୍ତନ କରି ହସ୍ତତନ୍ତକୁ ପୁନରୁଦ୍ଧାର କରିବା କେବଳ ଏକ ସାଂସ୍କୃତିକ ଆନ୍ଦୋଳନ ନୁହେଁ, ଏହା ଏକ ସାମାଜିକ-ଅର୍ଥନୈତିକ ଏବଂ ପରିବେଶଗତ ଆବଶ୍ୟକତା। ଏହା ଆମକୁ ଆମର ସାଂସ୍କୃତିକ ଭିତ୍ତି ସହିତ ଯୋଡ଼ିପାରେ, ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରେ ଏବଂ ଆମକୁ ଆତ୍ମନିର୍ଭରଶୀଳ ଜୀବନଯାପନ ପାଇଁ ପ୍ରବର୍ତ୍ତାଏ। ଗ୍ରାହକ, ଡିଜାଇନର ଏବଂ ନୀତି ନିର୍ମାତା ଭାବରେ କେବଳ ଫ୍ୟାଶନ୍ ପାଇଁ ନୁହେଁ, ଭବିଷ୍ୟତ ପାଇଁ ପୋଷାକ ବାଛିବାର ସମୟ ଆସିଛି। ବିଶ୍ୱ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ସୂତା/ରେଶମ ତିଆରି ହସ୍ତତନ୍ତ ଆରାମପ୍ରଦାୟୀ ଏବଂ ଆତ୍ମତୃପ୍ତିର ଏକ ମହନୀୟ ଉଦ୍ୟମ ଭାବେ ପରିଗଣିତ ହେଉ।

କରଞ୍ଜି(ବାଲେଶ୍ୱର), ମୋ: ୭୮୯୪୪୫୬୫୧।

# ହୁଦୁଡ଼ ଦୁର୍ଗା ଭାବେ ପୂଜା ପାଆନ୍ତି ମହିଷାସୁର

ଓଜସ୍ୱିନୀ

**ବିଚିତ୍ର ବିଶ୍ୱାସ**

ଭାରତର ଶାକ୍ତ ପରମ୍ପରା ବହୁ ପ୍ରାଚୀନ। ଦେବୀଦୁର୍ଗାଙ୍କୁ ସକଳ ଶକ୍ତିର ଆଧାର ଭାବେ ଭାରତର ଅନେକ ସ୍ଥାନରେ ବିଭିନ୍ନ ସ୍ୱରୂପରେ ପୂଜାର୍ଚ୍ଚନା କରାଯାଏ। ଶକ୍ତି ଉପାସନାରେ ୫୨ ଶକ୍ତିପୀଠର ମହିମା ବିଶ୍ୱବିଖ୍ୟାତ ହୋଇଥିବା ବେଳେ ପ୍ରତିବର୍ଷ ଦଶହରାରେ ମା'ଙ୍କ ମହିଷାସୁରମର୍ଦ୍ଦିନୀ ସ୍ୱରୂପର ପୂଜାର୍ଚ୍ଚନା କରାଯାଇଥାଏ। କିନ୍ତୁ ଭାରତରେ ଏଭଳି ଏକ ମନ୍ଦିର ଅଛି, ଯେଉଁଠି ଦେବୀଦୁର୍ଗାଙ୍କ ପରିବର୍ତ୍ତେ ମହିଷାସୁର ପୂଜା ପାଉଛନ୍ତି।

ଝାଡ଼ଖଣ୍ଡର ଅସୁର ନାମକ ଜନଜାତି ମହିଷାସୁରଙ୍କୁ ଦେବତା ଭାବେ ପୂଜାର୍ଚ୍ଚନା କରନ୍ତି। ଐତିହାସିକ ଓ ଗବେଷକଙ୍କ ମତାନୁସାରେ 'ଅସୁର' ହେଉଛି ଭାରତର ସବୁଠାରୁ ପ୍ରାଚୀନ ଜନଜାତି, ଯେଉଁମାନେ ଝାଡ଼ଖଣ୍ଡ, ଛତିଶଗଡ଼ ଓ ପଶ୍ଚିମବଙ୍ଗରେ ଅଧିକ ସଂଖ୍ୟାରେ ବସବାସ କରିଆସୁଛନ୍ତି। ଋକ୍‌ବେଦ, ବ୍ରାହ୍ମଣ୍ୟ, ଆରଣ୍ୟକ ଉପନିଷଦ ଓ ମହାଭାରତର ଆଦି ପ୍ରାଚୀନ ଗ୍ରନ୍ଥରେ 'ଅସୁର' ନାମକ ସମ୍ପ୍ରଦାୟ ସମ୍ପର୍କରେ ଉଲ୍ଲେଖ ରହିଛି। ମୁଣ୍ଡା ଜନଜାତିର ଲୋକଗାଥା 'ସୋସୋବୋଙ୍ଗା'ରେ ମଧ୍ୟ 'ଅସୁର ଜନଜାତି' ସମ୍ପର୍କିତ ତଥ୍ୟ ଅଛି। ଏହି ଜନଜାତି ବିଶେଷ ଭାବେ ଲୁହାରେ ବିଭିନ୍ନ ହାତହତିଆର ନିର୍ମାଣ ଓ ଲୌହବସ୍ତୁ ନିର୍ମାଣ କରିଥା'ନ୍ତି। ଝାଡ଼ଖଣ୍ଡର ଗୁମଲା ଜିଲ୍ଲା ଅନ୍ତର୍ଗତ ଡୁମରି ପ୍ରଖଣ୍ଡସ୍ଥିତ ଟାଙ୍ଗୀନାଥ ଧାମକୁ ଏହି ଜନଜାତି ମହିଷାସୁରଙ୍କ ଶକ୍ତିସ୍ଥଳ ଭାବେ ମାନ୍ୟତା ପ୍ରଦାନ କରିଛନ୍ତି। ତେଣୁ ସେଠାରେ ପ୍ରତି୧୨ ବର୍ଷରେ ମହିଷାସୁରଙ୍କ ସହିତ ତାଙ୍କର ବାହନ ଭାବେ ମଇଁଷୀମାନଙ୍କୁ ବିଶେଷ ପୂଜା କରିବାର ପ୍ରଥା ପ୍ରଚଳିତ ଅଛି। ନିକଟସ୍ଥ ଗାଁଗୁଡ଼ିକରେ ମଧ୍ୟ ଏହା ପ୍ରଚଳିତ। ମଇଁଷୀମାନଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ମହିଷାସୁରଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ ବୋଲି ସେମାନଙ୍କର ଦୃଢ଼ ଆସ୍ଥା ରହିଛି।

ଉକ୍ତ ଜନଜାତି ବିଶ୍ୱାସ କରନ୍ତି ଯେ, ମହିଷାସୁର ହେଉଛନ୍ତି ସମ୍ପୂର୍ଣ୍ଣ ଭୂମଣ୍ଡଳର ରାଜା ଏବଂ ତାଙ୍କର କରୁଣାରେ ସମସ୍ତେ ସୁଖ, ଶାନ୍ତି ଓ ଧନଧାନ୍ୟରେ



ପରିପୂର୍ଣ୍ଣ ଜୀବନ ଅତିବାହିତ କରିପାରିବେ। ମହିଷାସୁର ସେମାନଙ୍କ ପାଇଁ ଆରାଧ୍ୟ ଦେବତୁଲ୍ୟ ପିତୃପୁରୁଷ। ଅନ୍ୟ ଏକ ମାନ୍ୟତା ଅନୁସାରେ ମହିଷାସୁର ନାରୀଙ୍କୁ ସମ୍ମାନ କରିଥା'ନ୍ତି ଏବଂ କେବେ ମଧ୍ୟ ନାରୀଙ୍କ ସହିତ ଯୁଦ୍ଧ କରନ୍ତି ନାହିଁ। ତେଣୁ ଦେବତାଙ୍କ ପକ୍ଷରୁ ତାଙ୍କୁ ଛଳନାପୂର୍ବକ ଦେବୀଙ୍କ ଦ୍ୱାରା ସଂହାର କରାଯାଇଥିଲା। ଏହି କାରଣରୁ ସେମାନେ ଦେବୀ ଦୁର୍ଗାଙ୍କ ପରିବର୍ତ୍ତେ ମହିଷାସୁରଙ୍କୁ ପୂଜା କରିଥା'ନ୍ତି ଏବଂ ନବରାତ୍ରିଠାରୁ ବିଜୟର ପବିତ୍ର ପର୍ବ ଦଶହରା ପର୍ଯ୍ୟନ୍ତ ୧୦ ଦିନ ସେମାନେ ଶୋକ ଦିବସ ଭାବେ ପାଳନ କରନ୍ତି। ଏହି ୧୦ ଦିନ ମଧ୍ୟରେ କୌଣସି ଶୁଭକାର୍ଯ୍ୟ କରାଯାଏ ନାହିଁ କିମ୍ବା କୌଣସି ନୂତନ ବସ୍ତ୍ର ଓ ଦ୍ରବ୍ୟ ମଧ୍ୟ କିଣାଯାଏ ନାହିଁ। ଝାଡ଼ଖଣ୍ଡର ଏହି ଅସୁର ଜନଜାତି ଦୀପାବଳି ରାତିରେ ମଧ୍ୟ ମହିଷାସୁରଙ୍କୁ ପୂଜା କରିଥା'ନ୍ତି। ସେମାନେ ମାଟିରେ ଗୋଟିଏ ପିଣ୍ଡ ପ୍ରସ୍ତୁତ କରି ମହିଷାସୁରଙ୍କୁ ଶ୍ରାଦ୍ଧ ତର୍ପଣ କରିବା ସହିତ ସେମାନଙ୍କର ପରମ୍ପରା ଅନୁସାରେ ପୂଜାବିଧି ସମ୍ପନ୍ନ କରନ୍ତି।(କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୁତୁରା ବୋହୂକୁ ହତ୍ୟା କରି ଶଶୁରର ଆତ୍ମହତ୍ୟା

ଅସୁରାଳି, ୧୮।୯(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅନ୍ତର୍ଗତ ହସନାବାଦ ପଞ୍ଚାୟତ ତଥା ଧୁଷୁରୀ ଥାନା ଅନ୍ତର୍ଗତ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ପୁତୁରା ବୋହୂକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ଶଶୁର ଆତ୍ମହତ୍ୟା କରିଛି। ମୃତକଦ୍ୱୟ ହେଲେ, ଗ୍ରାମର ପଞ୍ଚାନନ ମଳିକ (୬୦) ଓ ତାଙ୍କ ପୁତୁରା ବୋହୂ ଯଶୋଦା ମଳିକ (୩୦)। ସୂଚନା ଅନୁସାରେ, ଯଶୋଦା ନିଜ ପୁଅକୁ ଆକଟ କରି ମାରୁଥିବା ବେଳେ ଶ୍ୱଶୁର ପଞ୍ଚାନନ ଏହାର ପ୍ରତିରୋଧ କରିଥିଲେ। ମାନସିକ ସନ୍ତୁଳନ ହରାଇ ଅତର୍କିତ ଭାବେ ଟାଙ୍ଗିଆ ଆକ୍ରମଣ କରିଥିଲେ। ମୁଖ୍ୟ ଚିକିତ୍ସାଳୟକୁ ନେବା ବେଳେ ରାସ୍ତାରେ ଯଶୋଦାଙ୍କ ଜୀବନ ଚାଲିଯାଇଥିଲା। ଏହାକୁ ନେଇ ପରିସ୍ଥିତି ସମ୍ଭାଳି ନପାରି ଶ୍ୱଶୁର ପଞ୍ଚାନନ ମଧ୍ୟ ଜୀବନ ହାରି ଦେଇଛନ୍ତି। ଧୁଷୁରୀ ଥାନା ପକ୍ଷରୁ କେସ ନମ୍ବର ୪୪୬/୨୫ ଓ ୩୬/୨୫ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଯଶୋଦା ମଳିକଙ୍କ ମୃତ ଶରୀରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପଞ୍ଚାନନ ମଳିକଙ୍କ ମୃତଦେହ ପୁଲିସ ତାଙ୍କ ଘରୁ ଜବତ କରିଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି।

# ହୀରାକୁଦ ଜଳସ୍ତର ୬୨୯.୪୫ ଫୁଟ୍

ସମ୍ବଲପୁର, ୧୮।୯(ସମିସ): ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ଥିବା ବେଳେ ଗୁରୁବାର ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୪୫ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୩ଟି ଓ ଡାହାଣପାର୍ଶ୍ୱର ଗୋଟିଏ; ଏହିଭଳି ମୋଟ ୪ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୨୭,୩୯୭ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୦୧,୯୮୩ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୫,୫୭୬ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚେନାଲ ଦେଇ ୩୧,୮୮୦ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୨୮୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୮୯ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ଅନୁସୂଚିତ ଜାତି ବର୍ଗର ୫ ପରିବାରଙ୍କୁ ନିର୍ଯାତନା

# ଥାନାରେ ଅଭିଯୋଗ ପରେ ଗାଁରୁ କଲେ ବାସନ୍ଦ

ଭୁବନେଶ୍ୱର,୧୮।୯(ସମିସ): ରାଜ୍ୟ ସରକାର ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଲୋକଙ୍କୁ ଗୁରୁତ୍ୱ ଦେଉଛନ୍ତି; କିନ୍ତୁ ବାସ୍ତବରେ ସେମାନଙ୍କୁ

- ନ୍ୟାୟ ପାଇଁ ଓଏଚ୍‌ଆରସିଙ୍କ ନିକଟରେ ଅଭିଯୋଗ
- -ଘରକୁ ଢେଲାମାଡ଼ ସହ ବନ୍ଦ କଲେ ପିଲାର ପାଠପଢା



ନ୍ୟାୟ ମିଳି ପାରୁନି। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା କଇଁଥପୋଖରୀ ଗ୍ରାମରେ ଘଟିଥିବା ଏକ ଘଟଣା ଏହାର ଜ୍ୱଳନ୍ତ ପ୍ରମାଣ ବୋଲି କୁହାଯାଉଛି। ଏହି ଗ୍ରାମର ଅନୁସୂଚିତ ପରିବାରଙ୍କୁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିବାରୁ ସେମାନଙ୍କୁ ଗାଁରୁ ବାସନ୍ଦ କରାଯାଇଛି । ଘର ଉପରକୁ ନିୟମିତ ଢେଲାମାଡ଼ କରାଯାଉଛି ଓ ପିଲାଙ୍କ ପାଠପଢ଼ାକୁ ବନ୍ଦ କରି ଦିଆଯାଇଥିବା ଅଭିଯୋଗ ହୋଇଛି । ପୁଲିସଠାରୁ ନ୍ୟାୟ ନ ମିଳିବାରୁ ସମ୍ପୃକ୍ତ ପରିବାର ଲୋକମାନେ ଏ ସଂକ୍ରାନ୍ତରେ ରାଜ୍ୟ ମାନବାଧିକ ଆୟୋଗ(ଓଏଚ୍‌ଆରସି)ରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା କଇଁଥପୋଖରୀ ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ ଉଦ୍ୟମ ହୋଇଥିଲା। ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଅଭିଯୁକ୍ତମାନେ ମରଣାନ୍ତକ ଆକ୍ରମଣ କଲେ। ୧୫ ଦିନ ହେବ ମହିଳାଙ୍କ ସ୍ୱାମୀ ମେଡ଼ିକାଲରେ ଚିକିତ୍ସାଧୀନ ଅଛନ୍ତି। ପୀଡ଼ିତା ଥାନାରେ ଏତଲା ଦେବା ପରେ ମାମଲା ରୁଜୁ ହେବାରୁ ପୀଡ଼ିତା ପରିବାର ସମେତ ଉକ୍ତ ଗ୍ରାମର ୫ଟି ପରିବାରବର୍ଗ ଉପରେ ଅଭିଯୁକ୍ତମାନେ ଜୁଲୁମ ଚଳାଇଛନ୍ତି। ପିଇବା ପାଣି ପାଇଁ ଥିବା ପାଣି ଟ୍ୟାପ୍ ଭାଙ୍ଗି ଦିଆଯାଇଛି । ସେମାନଙ୍କ ପରିବାରକୁ ସ୍କୁଲ ବନ୍ଦ କରାଯାଇଛି ଏବଂ ଘର ଉପରେ ନିୟମିତ ଢେଲାମାଡ଼ କରାଯାଉଛି। ଏସ୍‌ସି ଏବଂ ଏସ୍‌ଟିରେ ମାମଲା ରୁଜୁ କରାଯାଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଗତ ୧ ସେପ୍ଟେମ୍ବରରୁ ଆଜି ପର୍ଯ୍ୟନ୍ତ ୫ ପରିବାର ଗାଁରୁ ଭୟରେ ବାହାରକୁ ଚାଲିଆସିଛନ୍ତି। କିଛି ସାମାଜିକ ଅନୁଷ୍ଠାନ ଏହି ପରିବାର ନିର୍ଯାତନା କଥା ଶୁଣିବା ପରେ ଓଏଚଆରସିରେ ଅଭିଯୋଗ କରିଛନ୍ତି। ଏନେଇ ଗତ ସୋମବାର ଗୃହ ବିଭାଗରେ ଅଭିଯୋଗ ଦେବା ସହ ମାନବ ଅଧିକାର କମିସନରେ ଅଭିଯୋଗ ଦାୟର ସହ କମିସନଙ୍କ ନିକଟରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରାଯାଇଛି।

# ଭତ୍ତା ପାଇବା ଯାଏ ୬୦ବର୍ଷ ଉର୍ଦ୍ଧ୍ୱ ମହିଳାଙ୍କୁ ମିଳିବ ସୁଭଦ୍ରା

ଭୁବନେଶ୍ୱର,୧୮।୯(ସମିସ): ଯେ ପର୍ଯ୍ୟନ୍ତ ୬୦ ବର୍ଷ ହୋଇଥିବା ସୁଭଦ୍ରା ହିତାଧିକାରୀଙ୍କୁ ପେନସନ ପାଇ ନାହାନ୍ତି, ସେମାନଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ୬୦ ବର୍ଷ ହୋଇଥିବା ୯୩ ହଜାର ହିତାଧିକାରୀଙ୍କ ତାଲିକା ଫାଇଲ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ଏହାପରେ ସରକାର ନିଷ୍ପତ୍ତି ନେବେ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ସେ କହିଛନ୍ତି ଯେ ତୃତୀୟ କିସ୍ତି ସୁଭଦ୍ରା ପ୍ରଦାନ ବେଳେ ୬୦ ବର୍ଷ ପାଇଁ ୯୩ ହଜାର ହିତାଧିକାରୀ ବାଦ୍ ପଡ଼ିଛନ୍ତି। ସୁଭଦ୍ରା ଆବେଦନ ବେଳେ ଏବଂ ତୃତୀୟ କିସ୍ତି ପୂର୍ବରୁ ସେମାନଙ୍କୁ ୬୦ ବର୍ଷ ହୋଇ ନ ଥିଲା। ତେବେ ଭତ୍ତାପାଇଁ ଆବଶ୍ୟକୀୟ ଯୋଗତା ଅନୁସାରେ ଏସଏସପିଡି ଭତ୍ତା ପ୍ରଦାନ କରାଯିବ। ଯେଉଁମାନେ ବଞ୍ଚିତ ହେବେ ଓ ଭତ୍ତା ପ୍ରୋସେସ୍ ଚାଲିଥିବା ମଧ୍ୟରେ ସୁଭଦ୍ରାର ଆଉ ଏକ କିସ୍ତି ଆସିବ ତେବେ ସେମାନଙ୍କୁ ଉକ୍ତ କିସ୍ତି ପ୍ରଦାନ କରାଯିବ।ଭତ୍ତା ପାଇଁ ସେମାନଙ୍କୁ ଆଉ କୌଣସି ଦସ୍ତାବିଜ କିମ୍ବା ପ୍ରମାଣପତ୍ର ଦେବାକୁ ପଡ଼ିବ ନାହିଁ,କେବଳ ଆବେଦନ କରିବେ ବୋଲି ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୩ଟି କିସ୍ତିରେ କୋଟିଏରୁ ଉଦ୍ଧ୍ୱର୍ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହାସହ ୨୧ ବର୍ଷ ହୋଇଥିବା ଯୁବତୀ ନୂଆ ଯୋଡ଼ି ହେଉଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗାଁ ଧୋଇନେଲା...

ସତର୍କତା ଜାରି କରାଯାଇଛି। ଚଳିତବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ମେ ୨୪ରେ କେରଳକୁ ଛୁଇଁ ଥିଲା। ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ସାରା ଦେଶର ବର୍ଷା ସାମାନ୍ୟଠାରୁ ୮ ପ୍ରତିଶତ ଅଧିକ ରହିଛି। ପଶ୍ଚିମ ରାଜସ୍ଥାନ, ପଞ୍ଜାବ ଓ ହରିୟାଣାରୁ ମୌସୁମୀ ବିଦାୟ ନେଇସାରିଛି। ମୌସୁମୀ ସମ୍ପୂର୍ଣ୍ଣ ଭାବେ ଫେରିଯିବା ପୂର୍ବରୁ ୭ଟି ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଚଳିତ ମାସ ଶେଷ ଆଡକୁ ଓ ଅକ୍ଟୋବର ପ୍ରାରମ୍ଭରେ ବର୍ଷା ହେବ ବୋଲି ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ (ଜିଏଫ୍ଏସ୍) ତରଫରୁ ସୂଚନା ଦିଆଯାଇଛି। ସେପ୍ଟେମ୍ବର ୨୫ ଓ ୨୬ରେ ବଙ୍ଗୋପ ସାଗରରେ ଏକ ବିଶାଳ ମୌସୁମୀ ପ୍ରଣାଳୀ ସୃଷ୍ଟି ହେବ। ଫଳରେ ଏହାର ପ୍ରଭାବରେ ପଶ୍ଚିମ ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା, ଝାଡଖଣ୍ଡ, ଛତିଶଗଡ଼, ବିହାର ଓ ପୂର୍ବ ଉତ୍ତରପ୍ରଦେଶରେ ୨-୩ ଧରି ଜବରଦସ୍ତ ବର୍ଷା ହେବ ବୋଲି ଅନୁମାନ କରାଯାଉଛି।

## ପ୍ରଥମ ଦିନରୁ...

ବାହିନୀପତି, ସି ଏସ ରାଜନ୍ ଏକ୍କା, ପବିତ୍ର ସାଉନ୍ତା ପ୍ରମୁଖ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଚାମ୍ବରରେ ଅନାସ୍ଥା ପ୍ରସ୍ତାବ ପାଇଁ ସହଯୋଗ ଲୋଡ଼ିବାକୁ ପ୍ରସ୍ତାବ ଦେବାକୁ ପହଞ୍ଚିଥିଲେ । ସେଠାରେ ଉପସ୍ଥିତ ଥିବା ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ ଓ ଅନ୍ୟ ବିଜେଡି ବିଧାୟକଙ୍କ ସହ ଆଲୋଚନା କରିଥିଲେ। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଅପରପକ୍ଷେ କଂଗ୍ରେସର ଅନାସ୍ଥା ପ୍ରସ୍ତାବକୁ ନେଇ ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କଟାକ୍ଷ କରିଛନ୍ତି । ଅନାସ୍ଥାର କୌଣସି ପ୍ରଭାବ ସରକାରଙ୍କ ଉପରେ ପଡ଼ିବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଜେପି ବିଧାୟକ ବାବୁ ସିଂ କହିଛନ୍ତି ଯେ ଅନାସ୍ଥା ଆଣି କଂଗ୍ରେସ ଲୋକହସା ହେବ। ବିଧାନସଭାରେ ଆବଶ୍ୟକ ସଂଖ୍ୟା ନ ଥାଇ ଅନାସ୍ଥା ଆଣିବା କେବଳ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବାକୁ କଂଗ୍ରେସର ଏକ ଷ୍ଟଣ୍ଟ ବୋଲି ସେ କହିଛନ୍ତି। କଂଗ୍ରେସ ଅନାସ୍ଥା ଆଣିବା ଘଟଣାକୁ ନେଇ ସେ କହିଛନ୍ତି 'ଜଗତେ କେବଳ ଜନେ ହସିବେ' ବୋଲି ସେ ଅଭିହିତ କରିଛନ୍ତି।

## କ'ଣ ରହିଛି...

ସଦସ୍ୟଙ୍କ ମତ ଲୋଡ଼ିବେ। ଯଦି ଓଡ଼ିଶା ବିଧାନସଭାରେ ୧୪ ଜଣ ସଦସ୍ୟ ଏହା ସପକ୍ଷରେ ମତ ଦିଅନ୍ତି, ତାହେଲେ ପ୍ରସ୍ତାବକୁ ବିଜନେସ ଆଡଭାଇଜରୀ କମିଟି ନିକଟକୁ ପଠାଇ ଦିଆଯିବ। ଅନାସ୍ଥା ପ୍ରସ୍ତାବ କେବେ, କେଉଁଦିନ ଏବଂ କେତେ ସମୟ ପାଇଁ ଆଲୋଚନା ହେବ, ସେନେଇ କମିଟି ନିଷ୍ପତ୍ତି ନେବ। ଯଦି ଚଳିତ ଅଧିବେଶନରେ ଅଧିକ ସରକାରୀ କାର୍ଯ୍ୟ ରହିଥାଏ, ତାହେଲେ କମିଟି ଏହି ପ୍ରସ୍ତାବକୁ ଆଲୋଚନାକୁ ନ ନେବାର କ୍ଷମତା ମଧ୍ୟ ବାଚସ୍ପତିଙ୍କର ରହିଛି। ସେହିପରି ବାଚସ୍ପତି ଏହାକୁ ଅଗ୍ରାହ୍ୟ କରିବାର କ୍ଷମତା ମଧ୍ୟ ରଖୁଛନ୍ତି। ଯଦି କଂଗ୍ରେସ ପକ୍ଷରୁ ଏହି ପ୍ରସ୍ତାବରେ କୌଣସି ତ୍ରୁଟିଯୁକ୍ତ ଶବ୍ଦର ପ୍ରୟୋଗ ହୋଇଥିବ, ତାହେଲେ ସେହି ଆଳରେ ମଧ୍ୟ ବାଚସ୍ପତି ପ୍ରସ୍ତାବକୁ ଅଗ୍ରାହ୍ୟ କରିପାରିବେ। ଏହାସହ ଅଧିବେଶନରେ ଗୃହକାର୍ଯ୍ୟ ଅଧିକ ଥିଲେ, ଆବଶ୍ୟକ ସମୟ ନ ଥିଲେ ମଧ୍ୟ ବାଚସ୍ପତି ପ୍ରସ୍ତାବକୁ ଅଗ୍ରାହ୍ୟ କରିପାରିବେ।

## ଭାରତ ଉପରୁ...

ଏକ ବାଣିଜ୍ୟ ଚୁକ୍ତି ପାଇଁ ଭାରତ ଆସିଛନ୍ତି, ଯାହା ୫୦% ଶୁଳ୍କ ଲାଗୁ କରିବା ପରେ ପ୍ରଥମ ଥର ପାଇଁ ହୋଇଛି।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଆଲୋଚନା ସମ୍ପର୍କରେ ନିଜେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏକ ସକାରାତ୍ମକ ନିଷ୍କର୍ଷର ଇଙ୍ଗିତ ଦେଇଛନ୍ତି। ୱାଶିଂଟନ ଏବଂ ଦିଲ୍ଲୀ ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନା ଖୁବ୍ ଶୀଘ୍ର ଏକ ସକାରାତ୍ମକ ନିଷ୍କର୍ଷରେ ପହଞ୍ଚିବ ଓ ଆଗାମୀ ସପ୍ତାହଗୁଡ଼ିକରେ ସମସ୍ତ ବାଣିଜ୍ୟ ପ୍ରତିବନ୍ଧକ ଦୂର କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସେ କଥା ହେବେ ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି ଯେ ମୁଁ ଏହା ଜଣାଇ ଖୁସି ଯେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ପ୍ରତିବନ୍ଧକ ଦୂର କରିବା ପାଇଁ ଆଲୋଚନା ଚାଲିଛି। ମୁଁ ଆଗାମୀ ସପ୍ତାହଗୁଡ଼ିକରେ ମୋର ବହୁତ ଭଲ ବନ୍ଧୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥା ହେବାକୁ ଅପେକ୍ଷା କରିଛି।

## ଜଙ୍ଗଲରେ ଗୋରୁ...

ସୂଚନାନୁଯାୟୀ, ଗତ ୭ ତାରିଖରେ ଅଶ୍ୱକୋଟି ଗ୍ରାମର ଲୋକେ ଜଙ୍ଗଲରେ ଗୋରୁ ଚରାଉଥିବା ବେଳେ ବନ ବିଭାଗର ଅଧିକାରୀମାନେ ସେମାନଙ୍କୁ ମାଡ଼ ମାରିଥିଲେ। ପରେ ବିଳମ୍ବିତ ରାତିରେ ଗାଁରେ ପଶି ଜଗେନ ଦେଓଗାମ, ଡିବୁରୁ ଗାଗରାଇ, ଚାମ୍ପାଏ ଗାଗାରାଇ, କନ୍ଦା ଗାଗାରାଇ, ସୁରୁ ଦେଓଗାମ, ମରନ ଦେଓଗାମ, ଘନ ଦେଓଗାମଙ୍କୁ ମାଡ଼ ମାରି ଲହୁଲୁହାଣ କରିବା ସହ ସେମାନଙ୍କ ଘରୁ ୫ଟି ଛେଳି, ବତକ ଏବଂ କୁକୁଡ଼ା ନେଇ ପଳାଇଥିଲେ। ଏ ସଂପର୍କରେ ଗ୍ରାମବାସୀ ଶରତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୁଲିସ ମାମଲା ରୁଜୁ ନକରିବାରୁ ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମବାସୀ ଆଜି ଆନ୍ଦୋଳନକୁ ଓହ୍ଲାଇଥିଲେ। ଲାବଣ୍ୟଦେଇପୁର ସରପଞ୍ଚ ତୁରାମ ମେଲଗାନ୍ଧୀ, ଯୁବ ସମାଜସେବୀ ମହାନ୍ତି ଦେଓଗାମ, ଘନ ପାତ୍ର, ମାଙ୍ଗିଲାଲ ଜଙ୍କ, ଶୈଳେନ୍ଦ୍ର ହେମ୍ବ୍ରମ, ଧନୁ ହେମ୍ବ୍ରମ, ନାରଣ କିସ୍କୁ, ବୀର ଗାଗାରାଇ, ରବୀନ୍ଦ୍ର ମୁର୍ମୁ, ମାନ୍ଦୁଆଲ ଗୋଇପାଇ ପ୍ରମୁଖ ଆନ୍ଦୋଳନ ନେତୃତ୍ୱ ନେଇଥିଲେ।

ଅପରପକ୍ଷେ, କପ୍ତିପଦା ରେଞ୍ଜର୍ ଅଚ୍ୟୁତାନନ୍ଦ ଦାଶ କହିଛନ୍ତି ଯେ ବନ ବିଭାଗର ଏସ୍‌ଟିଆର୍ ଟିମ ଚଢ଼ଉ କରିବା ସମୟରେ ଏଭଳି ପରିସ୍ଥିତି ଉପୁଜିଥିଲା। ରେଞ୍ଜର୍ ଶ୍ରୀ ଦାସ ପୁଲିସ ଉପସ୍ଥିତିରେ ସରପଞ୍ଚ ତଥା ଆନ୍ଦୋଳନକାରୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଆସନ୍ତା ୨୬ତାରିଖକୁ ଦିନ ଧାର୍ଯ୍ୟ କରାଯାଇଛି। ତେବେ ସମସ୍ୟା ସମାଧାନ ନ ହେଲେ ପୁଣି ଆନ୍ଦୋଳନ ହେବ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି। ସେହିପରି, ଏହି ଘଟଣାକୁ ନେଇ ବୁଦ୍ଧିଜୀବୀମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେମାନଙ୍କ କହିବା କଥା, ଜଙ୍ଗଲ ସୁରକ୍ଷା ନାମରେ ବନ ବିଭାଗ କର୍ମଚାରୀ ଆଦିବାସୀଙ୍କୁ ଏଭଳି ଅମାନୁଷିକ ଅତ୍ୟାଚାର କରିବା ନିନ୍ଦନୀୟ।

## ନିଶ୍ଚେତକ ଦେବା...

ମଧ୍ୟରେ ଭୟର ବାତାବରଣ ଖେଳି ଯାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ଖବର ପାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଡାକ୍ତର କୁବେର ମହନ୍ତ ସେଠାରେ ପହଞ୍ଚିଥିଲେ। ତେବେ ସଂଧ୍ୟା ପ୍ରାୟ ୭ଟା ବେଳେ ଅନ୍ୟ ଏକ ମେସିନ୍ ଆସିବା ପରେ ମହିଳାମାନଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ସେ ପର୍ଯ୍ୟନ୍ତ ସେମାନେ ସେମିତି ଅଚେତ ହୋଇପଡ଼ିଥିଲେ। ଏଠାରେ ପ୍ରଶ୍ନ ଉଠୁଛି, ମହିଳାମାନଙ୍କର ଯଦି କିଛି ଅଘଟଣ ଘଟିଥା'ନ୍ତା, ସେଥିପାଇଁ କିଏ ଦାୟୀ ରହିଥା'ନ୍ତା। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଅସ୍ତ୍ରୋପଚାର ପାଇଁ ଆସିଥିବା ମହିଳାଙ୍କ ମଧ୍ୟରେ ବରପାଲି ବ୍ଲକ୍ କାଏଁସିରରୁ ୫ଜଣ, ବାରଙ୍ଗ ପାଲିରୁ ୩ଜଣ, ରାବଣଗୁଡ଼ାରୁ ୩ଜଣ, ବାଗବାଡ଼ିରୁ ୩ଜଣ, ବରଗଡ଼ ବ୍ଲକ୍ ଧମନାଁମୁଣ୍ଡାରୁ ଜଣେ, ମହଦାରୁ ଜଣେ ଓ ଭଟଲି ବ୍ଲକ କୁଶନପୁରୀରୁ ଜଣେ ରହିଥିଲେ।

ଉଲ୍ଲେଖଯୋଗ୍ୟ, ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିବାଦ ପିଛା ଛାଡୁନି। ଗୋଟିଏ ପରେ ଗୋଟିଏ ଅବ୍ୟବସ୍ଥା ସାମ୍ନାକୁ ଆସୁଛି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଅନେକଥର ଏଠାକୁ ଆସି ନିଜ ଆଖିରେ ଅବ୍ୟବସ୍ଥା ଦେଖିଯାଇଛନ୍ତି। ଖୁବ୍‌ଶୀଘ୍ର ସବୁକିଛି ଠିକ୍ ହେବ ବୋଲି ବାରମ୍ବାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ହୋଇଛି।

## ସିପି ଅଫିସରେ...

ଅଧିକାରୀଙ୍କୁ ଡକାଇଛନ୍ତି। କେସ୍ ଫାଇଲ୍ ତଦାରଖ କରିବା ସହ ଘଟଣା ବିଷୟରେ ଦୁଇ ଅଧିକାରୀଙ୍କୁ ପଚରାଉଚରା କରିଛନ୍ତି। ସେପଟେ ଅପର୍ଣ୍ଣାଙ୍କ ମୃତ୍ୟୁ ପରେ ବୀମା ବାବଦକୁ ପ୍ରାୟ କୋଟିଏ ଟଙ୍କା ପାଇଥିଲା ଦୀପକ। ଏମିତିକି, ତାଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଉପରେ ନଜର ପକାଇଥିଲା ଦୀପକ। ସରକାରୀ ସ୍ତରରେ କାଗଜପତ୍ର କାମ ତୁରନ୍ତ କରାଇବା ପାଇଁ ବିଭିନ୍ନ ମହଲରୁ ଚାପ ପକାଉଥିଲା। ହେଲେ ଅତ୍ୟଧିକ ଚାପ ଓ ସର୍ଭିସବୁକ୍‌ରେ ଅନିୟମିତତା ଯୋଗୁଁ ଓଡ଼ାପଡ଼ା ତହସିଲଦାର ଫାଇଲଟିକୁ ଅଟକାଇଥିଲେ। ଶୁଭମିତ୍ରା ହତ୍ୟା ଘଟଣାର ମୁଖ୍ୟ ଦୀପକ କୁମାର ରାଉତ, ମାଉସୀ ପୁଅ ଭାଇ ବିନୋଦ ବିହାରୀ ଭୂୟାଁ ଓରଫ୍ ପପୁ ଓ ତା'ର ସାଙ୍ଗ ଶମ୍ଭୁ ମହାନ୍ତ ଓରଫ୍ ଜଟିଆକୁ ଆଜି କୋର୍ଟ ଚାଲାଣ କରିଛି ପୁଲିସ। ଦୀପକ ଗିରଫ ହେବା ତାକୁ ଚାକିରିରୁ ନିଲମ୍ବିତ କରାଯାଇଥିବା ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

## ହୀରାକୁଦ ତଳମୁଣ୍ଡରେ...

ସରକାର ନ୍ୟାୟିକ, ପ୍ରଶାସନିକ ଓ ରାଜନୈତିକ ସ୍ତରରେ ପଦକ୍ଷେପ ଗ୍ରହଣ କରିଛନ୍ତି। ମହାନଦୀ ଜଳ ବିବାଦ ତଥା କଲମା ବ୍ୟାରେଜରୁ ପାଣି ଛାଡ଼ିବା, ଅଣ ମୌସୁମୀ ସମୟରେ ମହାନଦୀର ପାଣି ଆବଶ୍ୟକତା, ଇ-ଫ୍ଲୋ ନିର୍ଦ୍ଧାରଣ କରିବା ପାଇଁ ଛତିଶଗଡ଼ ସହ ଆଲୋଚନା ଜାରି ରହିଛି। ସେହିପରି ମହାନଦୀର ଉପର ମୁଣ୍ଡରେ ପାଣିର ଉପଲବ୍ଧତା ଓ ତାର ବ୍ୟବହାର ସମ୍ବନ୍ଧୀୟ ବିବାଦର ସମାଧାନ ପାଇଁ ସରକାର ନ୍ୟାୟିକ, ବୈଷୟିକ, ପ୍ରଶାସନିକ ଓ ରାଜନୈତିକ ସ୍ତରରେ ଆଲୋଚନା ଓ ଚେଷ୍ଟା ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।


**AFFIDAVIT**

I, **Smruti Sagar Swain,** aged about 35 years S/o- Shyam Sundar Swain, resident of DDL-361, Phase-I, Housing Board Colony, P.S Khandagiri, Bhubaneswar-751019, Dist- Khordha, Odisha declare by this affidavit No. C F No-19, Dtd-17/09/2025 that my father's actual name is **Shyam Sundar Swain,** which is reflected in my Aadhaar Card and also in his Aadhaar Card. But in my +2 Sc. Certificate in father's column, my father's name has been wrongly recorded as **Shyam Sundar Swian** instead of **Shyam Sundar Swain.** That, **Shyam Sundar Swian** & **Shyam Sundar Swain** is one and same person, who is my father.

**OFFICE OF THE REGULATED MARKET COMMITTEE, BARGARH**
**AT/PO- BARGARH, DIST- BARGARH, ODISHA** H-26

NO:1103 **TENDER CALL NOTICE** DATE: 17.09.2025

Sealed tender are invited from the intending Dealers / Firms / Agencies / Companies for purchase of Package Elevator Conveyor Machine and the bidders shall submit their quotation for the said machine. The detailed Tender Document may be downloaded from the https:// bargarh.odisha.gov.in The tender should be reached to this RMC, Bargarh by Regd. Post/ speed post only on or before 14.10.2025 by 1.00 P.M. and will be opened on Date . 14.10.2025 at 4.30 P.M. at the Office of the R.M.C. Bargarh in presence of tenderer or their authorized representative. The firms have to mention material name in the seal cover of tender. The intending firms must submit the valid documents as asked in the tender along with the paper cost worth of Rs. 4000.00 (non-refundable) and E.M.D worth of Rs.150,000.00 only of any Nationalized Bank in shape of Demand Draft in favour of R.M.C. Bargarh drawn on Bargarh.

The Chairman, RMC, Bargarh will have the right to reject all or any of the tender without assigning any reason thereof. The detail information is available in the office of the RMC, Bargarh.

Sd/- **ADM-cum-Chairman R.M.C., Bargarh**

**OIPR-07041/11/0003/2526**

UNITY Small Finance Bank

**ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍**
ପଞ୍ଜିକୃତ କାର୍ଯ୍ୟାଳୟ: ବସନ୍ତ ଲୋକ, ବସନ୍ତ ବିହାର, ନୂଆଦିଲ୍ଲୀ-110057
କର୍ପୋରେଟ୍ କାର୍ଯ୍ୟାଳୟ: ସେଣ୍ଟ୍ରମ୍ ହାଉସ୍, ବିଦ୍ୟାନଗରୀ ମାର୍ଗ, କଳିନା, ସାନ୍ତାକ୍ରୁଜ (E), ମୁମ୍ବାଇ – 400 098

**ଡିମାଣ୍ଡ ନୋଟିସ୍** ଧାରା 13 (2) ଅନୁସାରେ

ଆର୍ଥିକ ସଂସ୍ଥାନର ସୁରକ୍ଷା ଏବଂ ପୁନର୍ଗଠନ ଏବଂ ସୁରକ୍ଷା ସଂସ୍ଥାନର କାର୍ଯ୍ୟାନ୍ୱୟନ ଅଧିନିୟମ ୨୦୦୨ ("ଅଧିନିୟମ") ଏବଂ ସୁରକ୍ଷା ସଂସ୍ଥାନର (କାର୍ଯ୍ୟାନ୍ୱୟନ) ନିୟମାବଳୀ, ୨୦୦୨ ("ନିୟମାବଳୀ")

ଏହି ଅଧିନିୟମ ଅନୁଯାୟୀ ୟୁନିଟି ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ ("ବ୍ୟାଙ୍କ")ର ପ୍ରାଧିକୃତ ଅଧିକାରୀ ଭାବେ ସ୍ୱାକ୍ଷର କରିଥିବା ଅଧସ୍ତନ ଅଧିକାରୀ ଏବଂ ଆଇନର ଧାରା 13 (12) ଅନୁଯାୟୀ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ନିୟମ 3 ସହିତ ପଢ଼ିବା ପରେ, ଆଇନର ଧାରା 13 (2) ଅନୁଯାୟୀ ଡିମାଣ୍ଡ ନୋଟିସ (ଗୁଡ଼ିକ) ଜାରି କରିଛନ୍ତି, ଯେଉଁଥିରେ ନିମ୍ନଲିଖିତ ଋଣଗ୍ରହୀତା (ମାନଙ୍କୁ) ଉକ୍ତ ନୋଟିସ ପ୍ରାପ୍ତ ହେବାର 60 ଦିନ ମଧ୍ୟରେ ସମ୍ପୃକ୍ତ ନୋଟିସ (ଗୁଡ଼ିକ)ରେ ଉଲ୍ଲିଖିତ ରାଶି ପରିଶୋଧ କରିବାକୁ ଆହ୍ୱାନ କରିଛନ୍ତି। ଯେହେତୁ କେତେକ ବିଜ୍ଞପ୍ତି (ଗୁଡ଼ିକ) ଡାକ ଟିପ୍ପଣୀ ଅନୁଯାୟୀ ପ୍ରଦାନ କରାଯାଇ ନ ଥାଏ, ତେଣୁ ଉକ୍ତ ବିଜ୍ଞପ୍ତି (ଗୁଡ଼ିକ) ଋଣଗ୍ରହୀତା (ମାନ)ଙ୍କୁ ବିକଳ୍ପ ସେବା ମାଧ୍ୟମ ଅର୍ଥାତ୍ ଖବରକାଗଜରେ ପ୍ରକାଶନ ମାଧ୍ୟମରେ।

| କ୍ର.ନଂ | ଋଣ ବିବରଣୀ | ସୁରକ୍ଷିତ ସମ୍ପତ୍ତି |
|---|---|---|
| ୧ | ଋଣଗ୍ରହୀତା(ଙ୍କ) ନାମ/ଠିକଣା-<br>୧) ଲକ୍ଷ୍ମୀ ନାରାୟଣ ଫ୍ଲାଶ ବ୍ରିକ୍ସ (ଋଣଗ୍ରହୀତା)<br>୨) କୃଷ୍ଣ ଚନ୍ଦ୍ର ବିଶ୍ୱାଳ (ସହ ଋଣଗ୍ରହୀତା ଏବଂ ବନ୍ଧକଦାତା)<br>୩) ସୁକାନ୍ତି ବିଶ୍ୱାଳ (ସହ ଋଣଗ୍ରହୀତା)<br>ମଞ୍ଜୁରୀ ତାରିଖ: ୨୧/୦୩/୨୦୨୪<br>ଋଣ ଆକାଉଣ୍ଟ ନମ୍ବର USFBBHULOAN000005017598<br>ଋଣ ରାଶି: ଟ. ୨୫,୭୫,୦୦୦.୦୦/-<br>ଏନ୍ ପି ଏ ତାରିଖ: ୦୨/୦୯/୨୦୨୫<br>ଡିମାଣ୍ଡ ନୋଟିସ୍ ତାରିଖ: ୦୫/୦୯/୨୦୨୫<br>(୧୨/୦୯/୨୦୨୫ରେ ପଠାଯାଇଛି)<br>ଡିମାଣ୍ଡ ନୋଟିସ୍ ରାଶି: ୦୫/୦୯/୨୦୨୫ ସୁଦ୍ଧା ଟ. ୨୬,୨୪,୪୯୭.୭୮/- ତତ୍ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ଋଣଗ୍ରହୀତାଙ୍କ ନାମରେ ଥିବା ସମସ୍ତ ସ୍ଥାବର ସମ୍ପତ୍ତିର ଅଂଶବିଶେଷ, ଯାହାର ଖାତା ନଂ ୭୩୭/୨୦୨୧, ପ୍ଲଟ୍ ନଂ. ୨୫୭୬/୩୯୭୯, କ୍ଷେତ୍ର: ଏକର ୦.୦୯୫ ଡିସିମିଲ, ମୌଜା: ଗଞ୍ଜାମ, ତହସିଲ: ହିଞ୍ଜିଳିକାଟୁ, ମୌଜା: ଶାସନଆମଗାଁ, କିସମ- ଘରବାରି, ଯାହା ଖାତା ନଂ. ୭୩୭/୭୩୬ ସମ୍ପର୍କିତ ଅଟେ।<br>ଚତୁର୍ପାର୍ଶ୍ୱରେ (ବନ୍ଧକ ଏବଂ ବିକ୍ରି ନଥିଆଧାରିତ):<br>ପୂର୍ବ- ପାହାଡ଼<br>ପଶ୍ଚିମ- ତ୍ରିନାଥଦାସ<br>ଉତ୍ତର- ତ୍ରିନାଥଦାସ<br>ଦକ୍ଷିଣ - ପାହାଡ଼ |

ଷାଠିଏ (୬୦) ଦିନ ମଧ୍ୟରେ ଉପରୋକ୍ତ ବକେୟା ପରିଶୋଧ କରିବାରେ ବିଫଳ ହେଲେ, ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ସ୍ୱାକ୍ଷରକାରୀ ବାଧ୍ୟ ହେବେ। ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଆଇନର ଧାରା 13 (13) ଅନୁଯାୟୀ, ଆପଣଙ୍କୁ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ଉପାୟରେ, ଏହା ସହିତ ସୂଚିତ କୌଣସି ସୁରକ୍ଷିତ ସମ୍ପତ୍ତି ସହିତ କାରବାର କିମ୍ବା ହସ୍ତାନ୍ତର କରିବାକୁ ବାରଣ କରାଯାଇଛି। ଏହି ବ୍ୟବସ୍ଥାର କୌଣସି ଉଲ୍ଲଂଘନ ଏକ ଅପରାଧ ଏବଂ ଏହି ଅଧିନିୟମ ଅନୁଯାୟୀ ଦଣ୍ଡନୀୟ। ଡିମାଣ୍ଡ ନୋଟିସ୍‌ର ନକଲ ସ୍ୱାକ୍ଷରିତ ବ୍ୟକ୍ତିଙ୍କ ପାଖରେ ଉପଲବ୍ଧ ଏବଂ ଋଣଗ୍ରହୀତା (ମାନେ) ଯଦି ଚାହିଁବେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରୁ ଯେକୌଣସି କାର୍ଯ୍ୟ ଦିବସରେ ତାହା ସଂଗ୍ରହ କରିପାରିବେ।

ସ୍ଥାନ: ଓଡ଼ିଶା, ତାରିଖ: ୧୯-୦୯-୨୦୨୫ — ସ୍ୱା/- ଅଧିକୃତ ଅଧିକାରୀ, ୟୁନିଟି ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ

**AFFIDAVIT**

I Sangram Keshri Palai, S/o- Basudev Palai, At-Nuagada, Po.- Badakul, Ps.- Balugaon, Dist.- Khordha, Pin- 752030 Odisha declare by this affidavit no.- 3455, dtd.- 10/09/2025 that, now onwards I shall be known as **Sangram Keshari Palai** for all future purposes.

**NOTICE**

By virtue of an affidavit sworn before The Notary Public, Sunabeda dated 03/09/2025 I, Sri Balu Palam, S/o- Sadhu Palam, Vill.- Kulab, Po.- Subai, Ps.- Nandapur, Dist.- Koraput, declare that I have changed my son's name from **Dambaru Palam** to **Dambarudhar Palam**. Henceforth my son shall be known as **Dambarudhar Palam** for all purposes.
Sd/- **Balu Palam**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 28.07.2025, I DURGA MAJHI, W/o- Purna Chandra Majhi, Vill.- Bhandimal, Po.- Medana, Ps.- Dabugam, Dist.- Nabarangpur, Odisha, Pin - 764072 declare that, I have changed my name from **URMILA MAJHI** to **DURGA MAJHI**. Henceforth I shall be known as **DURGA MAJHI** for all purposes.
Sd/- **DURGA MAJHI**

**AFFIDAVIT**

I Akula Vishaal S/o A Viswa Mohan Rao resident Plot No.126, Madhusudan Nagar Unit-4, Bhubaneswar, Dist: Khordha, PIN-751001, Odisha, declare by this affidavit CF-117, dated 12.09.2025. That now onwards I shall be known as **A. VISHAAL** for all future purposes.

**AFFIDAVIT**

I, Dasamanta Badengi, S/o- Padu Badengi, resident of Vill.- Adra, Po.- Kasandi, Ps.- Nandapur, Dist.- Koraput, Pin- 764037, Odisha declare by this affidavit dtd.- 16/09/2025 that, I have changed my minor son's name from **Susant Khara** to **Susanta Badengi**. Henceforth he shall be known as **Susanta Badengi** for all future purposes.
Sd/- Dasamanta Badengi

**NOTICE**

By virtue of an affidavit sworn before the Executive Magistrate, Astarang, CF. No. 2067, on dated 15/09/2025, I **SEBATI MOHARANA**, resident of Village At- Manduki, Po- Namaro, Ps - Astarang, Dist- Puri, State- Odisha, declare that I have changed my name from **REBATI MAHARANA** to **SEBATI MOHARANA.** Henceforth, I shall be known as **SEBATI MOHARANA** for all future purposes.
(Sd- **SEBATI MOHARANA**)

**AFFIDAVIT**

I Sulata Panigrahi D/o Lakshmi Narayan Panigrahi, W/o Rajanikanta Mantry, Resident of At 1 Subashnagar, K Nuagan, Ghikitigada, Chikitibit- 2, Dist- Ganjam, Odisha, PIN- 761010, declare by this affidavit No 38152 dtd 17.09.2025 that now onwards I shall be known as **SULATA KUMARI PANIGRAHI** for all future purposes.

**AFFIDAVIT**

I Kuni Hantal, D/o- Jayaram Hantal, W/o- Ramababu Dora resident of Vill.- Kasandi, Po.- Kasandi, Ps.- Nandapur, Dist.- Koraput, Pin- 764037, Odisha declare by this affidavit no.- 85, dtd.- 18/09/2025 that, I have changed my name from **Kuni Gemeal** to **Kuni Hantal**. Henceforth I shall be known as **Kuni Hantal** for all future purposes.
Sd/- **Kuni Hantal**

**AFFIDAVIT**

I A Viswa Mohan Rao S/o Late A. Jagannadh Rao resident Plot No.126, Madhusudan Nagar Unit-4, Bhubaneswar, Dist: Khordha, PIN-751001, Odisha, declare by this affidavit CF-110, dated 15.09.2025. That now onwards my father's name shall be known as **LATE A JAGANNATH RAO** for all future purposes.

**AFFIDAVIT**

I Akula Trupti W/o A Viswa Mohan Rao resident Plot No.126, Madhusudan Nagar Unit-4, Bhubaneswar, Dist: Khordha, PIN-751001, Odisha, declare by this affidavit CF-112, dated 15.09.2025. That now onwards I shall be known as **A TRUPTI RAO** for all future purposes.

**AFFIDAVIT**

I Akula Viswa Mohan Rao S/o Late A Jagannath Rao resident Plot No.126, Madhusudan Nagar Unit-4, Bhubaneswar, Dist: Khordha, PIN-751001, Odisha, declare by this affidavit CF-111, dated 15.09.2025. That now onwards I shall be known as **A VISWA MOHAN RAO** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF.No- 4 on dated 17-09-2025 I, **JAGABANDHU SAHU,** S/o Tripura Sahu permanent resident of Saila Nibash, Gali No-10, Bijunagar, PO- Industrial Estate, PS/Dist- Jharsuguda, State- Odisha, Pin-768203, declare that I have changed my son's name from **ADITYA ANSHUMAN SAHU** (Old name) to **ADYANSH SAHU** (New name), Henceforth, he shall be known as **ADYANSH SAHU** for all purposes.
Sd-( **JAGABANDHU SAHU**)

**AFFIDAVIT**

By virtue of an affidavit (CF No. 02) sworn before the Executive Magistrate, Padampur on dated- 18/09/2025. I, **Tularam Kyachir,** S/o- Madan Kyachir, permanent & currently resident of At- Goudmal, PO- Goudmal, Dist- Bargarh, PIN- 768042, Odisha declare that I have changed my minor son's name from **Purandar Kyachir** (old name) to **Purnadhar Kyachir** (new name). Henceforth, he shall be known as **Purnadhar Kyachir** (new name) for all purposes.
**Tularam Kyachir**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 16/09/2025. I, **Pooja Pradhani** (new name), formerly called as Jamuna Pradhani (old name), D/o- Bhim Pradhani, permanent resident of At- Pipalpadar, PO- Manigaon, PS- Titilagarh, Dist- Balangir, (Odisha), PIN- 767033 now residing at the same place affirm that I have changed my name from **Jamuna Pradhani** (old name) to **Pooja Pradhani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Pooja Pradhani** (new name).
**Pooja Pradhani**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 17/09/2025. I, **Biswamitra Hati** (Applicant name), S/O- Bhagabana Hati, Permanent resident of At- Marlad, PO- Marlad, PS- Titilagarh, Dist- Balangir, (Odisha), PIN- 767066, now residing at the same place affirm that I have changed my minor daughter's name from **Haseni Hatee** (old name) to **Hastini Hati** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Hastini Hati** (new name).
**Biswamitra Hati**

**AFFIDAVIT**

By virtue of an affidavit (CF No. 05) sworn before the Executive Magistrate, Padampur on dated- 18/09/2025. I, **Anupama Sahu,** W/o Jayakrushna Sahu, permanent & current resident of At- Goibahali, PO- Palsada, PS- Paikmal, Dist- Bargarh, PIN- 768039, Odisha declare that I have changed my name from **Anupama Naik** (old name) to **Anupama Sahu** (new name). Henceforth, I shall be known as **Anupama Sahu** (new name) for all purposes.
**Anupama Sahu**

**AFFIDAVIT**

By virtue of an affidavit (CF No. 01) sworn before the Executive Magistrate, Padampur on dated- 18/09/2025. I, **Anjali Pradhan,** W/o- Rajat Kumar Padhan, permanent resident of At- Kuchipali, PO- Kuchipali, PS- Melchhamunda, Dist- Bargarh, PIN- 768034, Odisha declare that I have changed my name from **Anjali Padhan** (old name) to **Anjali Pradhan** (new name). Henceforth, I shall be known as **Anjali Pradhan** (new name) for all purposes.
**Anjali Pradhan**

## କୋଷ୍ଟ କେନାଲରୁ ନିଖୋଜ ନାବାଳିକାର ଗଳିତ ଶବ ଉଦ୍ଧାର

# ଗଣଦୁଷ୍କର୍ମ ପରେ ହତ୍ୟା ସନ୍ଦେହ





**ଭଦ୍ରକ/ବାସୁଦେବପୁର, ୧୮ ।୯ (ସମିସ)**

ଜଣେ ନାବାଳିକା ଅପହରଣର ହେବାର ୫ ଦିନ ପରେ ଗଳିତ ଶବ ମିଳିଛି। କୋଷ୍ଟ କେନାଲରୁ ଅପହୃତା ନାବାଳିକାର ମୃତଦେହକୁ ଓଡ୍ରାଫ ଓ ଦମକଳବାହିନୀ ଉଦ୍ଧାର କରିଛି। ସକାଳେ ଆରମ୍ଭ କରିଥିଲେ ସର୍ଚ୍ଚ ଅପରେସନ; ହେଲେ ଘାସ ବୁଦାରେ ଲୁଚି ରହିଥିଲା ଶବ। ପରେ ବହୁ ଖୋଜାଖୋଜି କରିବା ପରେ ନାବାଳିକାର ମୃତଦେହ ଠାବ କରିଥିଲେ। ଶହ ଶହ ଲୋକଙ୍କ ଆଗରେ ଚାଲିଥିଲା ସର୍ଚ୍ଚ ଅପରେସନ। ଦୀର୍ଘ ୫ଦିନ ଧରି ପୁଲିସ ଛାନ୍‌ଭିନ୍ କରି ନିରାଶ ହୋଇଥିଲା। ଓଡ୍ରାଫ ଓ ଫାୟାର ମ୍ୟାନଙ୍କ ହାତରେ ଲାଗିଥିଲା ଶବ। ବାସୁଦେବପୁର ପୌରପାଳିକାର ଏକ ନମ୍ବର ୱାର୍ଡ ରାଧାନାଥପୁର ଆଡିଆ ୯ବର୍ଷର (୪ର୍ଥ ଶ୍ରେଣୀ) ନାବାଳିକାକୁ ଅପହରଣ କରାଯାଇ ଥିଲା। ସନ୍ଧ୍ୟାରେ ଘରକୁ ଲାଗି ରାସ୍ତା ପାଖରେ ଶୌଚ କରିବାକୁ ଯାଇଥିବାବେଳେ ନାବାଳିକା ଅପହରଣର ଶିକାର ହୋଇଥିଲା। ଅନ୍ଧରରେ ଅପହରଣ କରିନେଇଥିଲେ ଦୁର୍ବୃତ୍ତ। ପରେ ଏ ନେଇ ଚୂଡାମଣୀ ସାମୁଦ୍ରିକ ଥାନାର ଅଭିଯୋଗ ହୋଇଥିଲା। ସେଦିନ ରାତିତମାମ ଗ୍ରାମବାସୀ ଓ ପୁଲିସ ଖୋଜିଥିଲେ ମଧ କୌଣସି ପତ୍ତା ପାଇନଥିଲେ। ଫଳରେ ଗ୍ରାମବାସୀଙ୍କ ମଧରେ ଭୟର ବାତାବରଣ ଖେଳି ଯାଇଥିଲା। ତାପରଦିନରୁ କେହି ସନ୍ଧ୍ୟା ହେଲେ ଘରୁ ବାହାରିଲେନାହିଁ। ଘଟଣାର ତଦନ୍ତ କରିବାକୁ ଭଦ୍ରକ ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ ପହଞ୍ଚି ତଦନ୍ତ କରି ସ୍ୱତନ୍ତ୍ର ଟିମ ଗଠନ କରିଥିଲେ। ଗତକାଲି ପୂର୍ବାଞ୍ଚଳର ଡିଆଇଜି ପିନାକ ମିଶ୍ର ରାଧାନାଥପୁର ଆଡିଆରେ ପହଞ୍ଚି ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ। ବିଭିନ୍ନ ଜଳାଶ୍ରୟରେ ଖୋଜାଖୋଜି କରିବାକୁ ମଧ ପରାମର୍ଶ ଦେଇଥିଲେ। ମୃତ୍ୟୁର କାରଣ ଜଣାପଡ଼ି ନ ଥିଲେ ମଧ ଏକ ପରିତ୍ୟକ୍ତ ମୋଟରସାଇକେଲକୁ ନେଇ ଅପହରଣ ହୋଇଥାଇପାରେ ବୋଲି କହିଥିଲେ ଅପହୃତ ନାବାଳିକାର ଅଜା। ଆଜି ସକାଳେ ରାଧାନାଥପୁର ଆଡିଆ କୋଷ୍ଟକେନାଲ ନାଳୀରେ ଓଡ୍ରାଫ ଓ ଫାୟାର ମ୍ୟାନ ମିଳିତ ଭାବେ ସର୍ଚ୍ଚ କରୁଥିବା ବେଳେ ଶବକୁ ଠାବ କରିଥିଲେ। ୫ଦିନ ଧରି ଚାଲିଥିବା ତଦନ୍ତ ଶେଷ ହୋଇଛି। ଓଡ୍ରାଫ ଓ ଫାୟାର ମ୍ୟାନ ମିଳିତ ଉଦ୍ୟମ ଶବ ଠାବ କରିବାରେ ସଫଳ ହୋଇଛନ୍ତି। କୋଷ୍ଟକେନାଲରୁ ନାବାଳିକାର

### ଓଡ୍ରାଫ୍ ଓ ଦମକଳବାହିନୀ ଠାବ କଲେ ମୃତଦେହ

ମୃତଦେହକୁ ଉଦ୍ଧାର କଲେ ଓଡ୍ରାଫ ଓ ଫାୟାର ମ୍ୟାନ ଟିମ। ଖବର ପାଇ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ବାସୁଦେବପୁର ତହସିଲଦାର ତଥା ମାଜିଷ୍ଟ୍ରେଟ ସତ୍ୟବ୍ରତ ଦାସଙ୍କ ଉପସ୍ଥିତରେ ଶବ ଉଦ୍ଧାର କରି କଟକ ବଡ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ରାଧାନାଥପୁରରେ ଡିଆଇଜି ପିନାକ ମିଶ୍ର ପହଞ୍ଚି ଘଟଣା ସ୍ଥଳକୁ ଲାଗି ଚିଙ୍ଗୁଡି ଘେରିରେ ଥିବା ଘର ମଧ ବୁଲି ଦେଖିଥିଲେ। ନାବାଳିକାର ମୃତ୍ୟୁର ସଠିକ କାରଣ ପୁଲିସ ସ୍ପଷ୍ଟ ଭାବେ କହିନଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ସମସ୍ତ ଘଟଣା ପଦାକୁ ଆସିବ। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଏସପି ଓ ଡିଆଇଜି କହିଛନ୍ତି। ଅପହୃତ ନାବାଳିକାର ଗଳିତ ଶବ ସଢ଼ି ଯାଇଥିବାରୁ କିଛି କହିବା ସମ୍ଭବ ନୁହେଁ ବୋଲି ପୁଲିସ ଅଧିକାରୀ କହିଛନ୍ତି। ତେବେ ନାବାଳିକାକୁ ଗଣ ଦୁଷ୍କର୍ମ କରି ହତ୍ୟା କରାଯାଇ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ।



ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଜୟଦୁର୍ଗାଙ୍କ ଷୋଡଶ ଦିବସୀୟ ପୂଜାରେ ମା'ଙ୍କ ଭବାନୀ ବେଶ

## 'ଆମ ମାତୃଭାଷା ପରିଷଦର କନ୍ୟା ସଂକ୍ରାନ୍ତି ଆସର'

# ପୁସ୍ତକ 'ଗୀତି କବିତାର ସୁରେ' ଉନ୍ମୋଚିତ



**ଭଦ୍ରକ, ୧୮।୯(ସମିସ):** 'ଆମ ମାତୃଭାଷା ପରିଷଦ'ର କନ୍ୟା ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣୀ ନଗର ସ୍ଥିତ ଗୁରୁ କୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ଇଂ ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଆସରକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ପ୍ରାକ୍ତନ ଜିଲ୍ଲା ଆୟୁ ଚିକିତ୍ସାଧିକାରୀ ଡାକ୍ତର ଅନିଲ କୁମାର ଦାଶଙ୍କ ଲିଖିତ ପୁସ୍ତକ ଗୀତିକବିତାର ଅଭିମୁଖ୍ୟ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଡ. ଗୋଲକ ବିହାରୀ ସାହୁ, ମୁଖ୍ୟବକ୍ତା ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ଗୀତିକାର ଅରୁଣ କୁମାର ପାତ୍ର, ସମ୍ମାନିତ ଅତିଥି ଅଧକ୍ଷ ନୀହାର ରଞ୍ଜନ କର, ପ୍ରାକ୍ତନ ଅଧକ୍ଷ ଶିବଚରଣ ଖାମୁରାଇ, ଶିକ୍ଷାବିତ୍ ଗୟାଧର ପଣ୍ଡା, ଉମେଶ ଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ଅଧକ୍ଷ କୃପାସିନ୍ଧୁ ନାୟକ, ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ଅଧକ୍ଷ ନିତ୍ୟାନନ୍ଦ ମିଶ୍ର, ସତ୍ୟ ସେଠୀ, ନାଟ୍ୟଶ୍ରୀ ନିର୍ମଳ ରାଉତ, ପାର୍ଥସାରଥି ମହାନ୍ତି ପ୍ରମୁଖ ଯୋଗଦେଇ ଗୀତି କବିତା ହୃଦୟର ଭାବକୁ ଗୀତ ବା ସଙ୍ଗୀତରେ ଉପସ୍ଥାପନ କରିବାର ପ୍ରଣାଳୀ ଯତିପାତ ଓ ସୁଲଳିତ ମାର୍ମିକ ସୁରରେ ମନକୁ ଛୁଇଁବାର ଲିଖନ ମାତ୍ର। ଗୀତି କବିତାର ପ୍ରକୃତ ସ୍ୱରୂପ ହେଲା ଏହା ପୁରାତନ କାଳରୁ ସଙ୍ଗୀତଧାରା ମାତ୍ର ଜୀବନଚର୍ଯ୍ୟାରେ ଗୀତି କବିତା ହୃଦୟ ଓ ମନର ସ୍ୱରୂପକୁ ପ୍ରତିପାଦନ କରେ ବୋଲି ମତବ୍ୟକ୍ତ କରିଥିଲେ। ସାମ୍ବାଦିକ ତଥା ନ୍ୟାସନାଲ ହ୍ୟୁମାନ୍ ରାଇଟସ୍ ସଦସ୍ୟ ଶିକ୍ଷାବିତ୍ ଜଗନ୍ନାଥ ନାୟକ ଓ ପ୍ରାକ୍ତନ ଅଧକ୍ଷ ଅବନୀ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ବିପ୍ଳବ କୁମାର ହୋତା, ରମେଶ ଚନ୍ଦ୍ର ଦାସ, ଅରୂପାନନ୍ଦ ନାୟକ, ଅଂଶୁମାନ ସ୍ୱାଇଁ, କୈଳାସ ଦାସ, ସୁବାସ ଚନ୍ଦ୍ର ବଳ, ଶଶାଙ୍କ ଶେଖର ପଣ୍ଡା, ବଳରାମ ପାଢ଼ୀ, ସନ୍ତୋଷ କୁମାର ମିଶ୍ର, ଉପେନ୍ଦ୍ର କୁମାର ବାରିକ, ପୀତାମ୍ବର ଦାଶ, ଦୀପ୍ତିମୟୀ ସାହୁ, ନାରାୟଣ ଚନ୍ଦ୍ର ପାଢ଼ୀ, ସୁଶ୍ରୀ ସଙ୍ଗୀତା ମହାପାତ୍ର, ବିଜୟକୁମାର ବହଳୀ, ହରିଶଚନ୍ଦ୍ର ଦାସ, ସରୋଜିନୀ ନାୟକ, ସୁରେଶ ସାହୁ, ନରେଶ ଚନ୍ଦ୍ର ଲେଙ୍କା ପ୍ରମୁଖ ବହୁକବି ସ୍ୱରଚିତ କବିତା ପାଠ କରିଥିଲେ। ବେଦ ପାଠ, ପ୍ରାରମ୍ଭିକ ଭଜନ ଓ ସମ୍ପାଦକୀୟ ପାଠ ସହସମ୍ପାଦିକା ମମତା ରାଣୀ ଦାଶ ମିଶ୍ର, ମଞ୍ଚ ଆହ୍ୱାନ ପ୍ରକୃତି ବନ୍ଧୁ ବୈକୁଣ୍ଠ ବିଶ୍ୱାଳ, ମଞ୍ଚ ପରିଚାଳନା ଇଂ. ଦେବୀ କିଙ୍କର ବ୍ରହ୍ମଦାସ ପାଣିଗ୍ରାହୀ ଓ ଶେଷରେ ବୈକୁଣ୍ଠନାଥ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ ସରକାର ବାବାଙ୍କ ୧୧୨ତମ ଉର୍ଷ ଉତ୍ସବ

# ବଜମେ ହବିବ କମିଟିର ପ୍ରସ୍ତୁତି ବୈଠକ

**ଭଦ୍ରକ, ୧୮ ।୯ (ସମିସ):** ଭଦ୍ରକ ପୁରୁଣା ବଜାର ସ୍ଥିତ ମୁଲ୍ଲା ସାହିରେ ବଜମେ ହବିବ କମିଟି ଆନୁକୂଲ୍ୟରେ କମିଟି କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବଜମେ ହବିବ କମିଟିର ସଭାପତି ଅସରଫ ଅଲି ଖାନଙ୍କ ସଭାପତିତ୍ୱରେ ଓ ସମ୍ପାଦକ ଇମତିୟାଜ୍ ଖାନଙ୍କ ସଂଯୋଜନାରେ ଆରମ୍ଭ ହୋଇ ସର୍ବସମ୍ମତି ଭାବେ ସିଦ୍ଧାନ୍ତ ହେଲା ଯେ ହଜରତ ସୈୟଦ ଶାହା ନସିମ ଅଖତର କାଦରୀ ଓରଫ ବଡ଼ ସରକାର ବାବାଙ୍କ ୧୧୨ତମ ବାର୍ଷିକ ଉତ୍ସବରେ ଆସନ୍ତା ୨୩ ଓ ୨୪ ତାରିଖ (ମଙ୍ଗଳବାର ଓ ବୁଧବାର)୨ ଦିନ ଧରି ପାଳନ ହେବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ବାବାଙ୍କ ଭକ୍ତମାନେ ହଜାର ହଜାର ସଂଖ୍ୟାରେ ଯୋଗଦାନ କରିବେ। ୨୩ ତାରିଖ ମଙ୍ଗଳବାର ଅପରାହ୍ନ ୪ଟାରେ ବଜମେ ହବିବ କମିଟି ଆନୁକୂଲ୍ୟରୁ ଖାନକାହାଠାରେ ସାନ ସରକାର ଓ ବଡ ସରକାର ବାବାଙ୍କ ମଜାରରେ ଚାଦର ଚଢ଼ାଇବେ ଓ ସନ୍ଧ୍ୟା ୫ ଘଟିକାଠାରୁ ବାବାଙ୍କ ଭକ୍ତଙ୍କୁ ଜଳଖିଆ ଓ ଚା'ର ବ୍ୟବସ୍ଥା କରାଯିବ। ସେହିପରି ୨୪ ତାରିଖ ବୁଧବାର ସକାଳ ଖାନକାହାରେ ଫାତେହା କାର୍ଯ୍ୟକ୍ରମ ସରିବା ପରେ ଦିନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବାବାଙ୍କ ଭକ୍ତଙ୍କୁ ଖାଇବାର (ଲଙ୍ଗର) ବ୍ୟବସ୍ଥା ଖାନକାହା ପରିସର ବାହାରେ ମିର୍ଜା ଏକ୍ରାମଙ୍କ ବାସଭବନ ସାମ୍ନାରେ ରଖାଯାଇଛି। ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଭକ୍ତଙ୍କ ପାଇଁ ସମ୍ପୂର୍ଣ୍ଣ ସୁବ୍ୟବସ୍ଥା ସେବା ଯୋଗାଇ ଦିଆଯିବ। ଭଦ୍ରକ ଏକ ଭାଇଚାରା ସହରରେ ବଡ ସରକାର ବାବାଙ୍କ ଉତ୍ସବକୁ ଶାନ୍ତିଶୃଙ୍ଖଳା ସହିତ ଭକ୍ତମାନଙ୍କ ସେବା ପ୍ରଦାନ ପାଳନ କରିବାକୁ ସିଦ୍ଧାନ୍ତ ହୋଇଛି। ବୈଠକରେ ବଜମେ ହବିବ କମିଟିର ଉପ ସଭାପତି ମିର୍ଜା ଜାକିର ବେଗ, ଉପଦେଷ୍ଟା ମିର୍ଜା ଏକ୍ରାମ ବେଗ, ସେକ ଆସିଫ, ସେକ ଗୋଲାବ, ସେକ ମୁନ୍ନା, ସେକ ଗୁଲଜାର, ସେକ କୌଶର, ସେକ ଲାଲୋ, ସେକ ହମିଦୁଲ୍ଲା, ସେକ ଅଜିଜୁଲ୍ଲା, ମିର୍ଜା ରାଜୁ, ସେକ ଅବଦୁଲ ମୁସଲିମ ପ୍ରମୁଖ ଉପସ୍ଥିତ ଥିଲେ।

# ମାଳଦା ଗଜଲକ୍ଷ୍ମୀ ପୂଜା ଓ ମହୋତ୍ସବ ପ୍ରସ୍ତୁତି



**ବାରିକପୁର ୧୮ ।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାରରେ ବାର୍ଷିକ ଗଜଲକ୍ଷ୍ମୀ ପୂଜା ଓ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ବଣିକ ସଂଘ ସମ୍ପାଦକ ରାଜେନ୍ଦ୍ର କୁମାର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବେଶ ଧୁମଧାମରେ ପୂଜା ଅନୁଷ୍ଠିତ ହେବ ବୋଲି ଆଲୋଚନା ହୋଇଥିଲା। ଏହାଛଡା ବଣିକ ସଂଘ ଓ ରାଜ୍ୟ ମହୋତ୍ସବ କମିଟି ମିଳିତ ଆନୁକୂଲ୍ୟରେ ବୈତରଣୀ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ପରବର୍ତ୍ତୀ ବୈଠକରେ ମହୋତ୍ସବ ସମ୍ପର୍କରେ ଚୂଡାନ୍ତ ରୂପରେଖ ଆଲୋଚନା ହେବ। ପ୍ରସ୍ତୁତି ବୈଠକରେ ରାଜ୍ୟ ମହୋତ୍ସବ କମିଟି ସଭାପତି ସାମ୍ବାଦିକ ରବି ନାରାୟଣ ଖିଲାର, ଓଜାର କମିଟି ସଭାପତି ଚନ୍ଦ୍ରଶେଖର ମହାନ୍ତି, କମଳାକାନ୍ତ ସାମଲ, ଅଜୟ ବାରିକ, ନିଶିକାନ୍ତ ସୁତାର, ନିରାକାର ବେଉରିଆ, ଅଦ୍ୱୈତ ପରିଡ଼ା, ଦେବାଶିଷ ପଣ୍ଡା, ସୁଦାମ ଦାସ, ଶ୍ୟାମସୁନ୍ଦର ଦାସ, ନିରଞ୍ଜନ ବେଉରିଆ, ଲଳିତ ନାୟକ, ଧିରେନ୍ଦ୍ର ନାୟକ, ଦୁର୍ଯ୍ୟୋଧନ ଦାସ, ଗୋପାଳ କୁଅଁର, ମ_ନୀବର ଧଳ, କୁନା ସାହୁ, ଗଣେଶ ସାମଲ, ଚନ୍ଦ୍ର ଶେଖର ଦତ୍ତ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁବ ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ

**ଧାମନଗର, ୧୮ ।୯ (ସମିସ):** ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଦେବଶିଳ୍ପୀ ଭଗବାନ ବିଶ୍ୱକର୍ମାଙ୍କ ପୂଜା ବିଭିନ୍ନ ଶିକ୍ଷାନୁଷ୍ଠାନ, ପ୍ରତିଷ୍ଠାନ ଏବଂ ସଂଗଠନରେ ଶ୍ରଦ୍ଧା ଓ ଭକ୍ତିର ସହ ପୂଜା ପାଳନ ହୋଇଛି। ଧାମନଗର ଏନଏସି ଅନ୍ତର୍ଗତ ନିତ୍ୟାନନ୍ଦ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଡାଇରେକ୍ଟର ଜୟନ୍ତ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବିଶ୍ୱକର୍ମା ପୂଜା ମହାଆଡ଼ମ୍ବରରେ ପାଳନ ହୋଇଥିଲା। ସେହିପରି ପଳିକିରି ଛକ ମା' ରାଇସ ମିଲ କାର୍ଯ୍ୟାଳୟଠାରେ ଅନୁଷ୍ଠାନର ମୁଖ୍ୟ କୈଳାସ ଚନ୍ଦ୍ର ମହାପାତ୍ର, ଧାମନଗର ଏନ୍‌ଏସିକାର୍ଯ୍ୟାଳୟ ପରିସରରେ ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କ ତତ୍ତ୍ୱାବଧାନରେ ବିଶ୍ୱକର୍ମାଙ୍କ ପୂଜା ପାଳନ କରିଛନ୍ତି। ସେହିପରି ଠିକାଦାର ସଂଘ ପକ୍ଷରୁ ଓ ଧାମନଗର ଟ୍ରେକର ଷ୍ଟାଣ୍ଡଠାରେ ଡ୍ରାଇଭର ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ଧୁମଧାମରେ ପାଳନ କରିଛନ୍ତି। ଧାମନଗର ବିଦ୍ୟୁତ ବିଭାଗ ପକ୍ଷରୁ ପାୱାର ହାଉସ୍ ଠାରେ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି। ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳର ବିଭିନ୍ନ ଯାନ୍ତ୍ରିକ, ଗ୍ୟାରେଜ ଏବଂ କାରିଗରୀ ଦୋକାନ ତଥା ଅନୁଷ୍ଠାନ ପକ୍ଷରୁ ନିର୍ମାଣ ଓ କାରିଗରୀ ଜ୍ଞାନର ଦେବତା ବିଶ୍ୱକର୍ମାଙ୍କ ପୂଜା ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ବିଭିନ୍ନ ପୂଜା ମଣ୍ଡପ ଓ ମେଢ ଆଲୋକରେ ସୁସଜ୍ଜିତ ହୋଇ ବେଶ ଆକର୍ଷଣୀୟ ଦେଖିବାକୁ ମିଳିଛି।



# ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ଆଲୋଚନାଚକ୍ର



**ଦୋବଲ, ୧୮ ।୯ (ସମିସ):** ଧାମନଗର ପୂଜ୍ୟ ପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ଖଡ଼ିପଦା ପଞ୍ଚାୟତ କାବେଶ୍ୱର ମହାଦେବ ମନ୍ଦିର ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଖଡ଼ିପଦା ସ୍ଥିତ ଧୀରେନ୍ଦ୍ର ନାରାୟଣ ଲାଇବ୍ରେରୀ ପରିସରରେ ପରିଷଦ ପକ୍ଷରୁ ପରିବେଶ ସୁରକ୍ଷା ଓ ଆମ ଦାୟିତ୍ୱ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ପରିଷଦ ଉପସଭାପତି ହୃଦାନନ୍ଦ କରଙ୍କ ସଂଯୋଜନାରେ ଏବିଇଓ ମନୋଜ ଜେନା, ଧାମନଗର ମହାବିଦ୍ୟାଳୟ ଅଧକ୍ଷ ଅଜୟ ବେଜ, ପୂର୍ବତନ ଏବିଇଓ ଭୋଳାନାଥ ସାହୁ, ଶିକ୍ଷାବିତ କୃତିବାସ ତ୍ରିପାଠୀ, କାନ୍ତ ସାହିତ୍ୟ ପରିଷଦ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ଶିକ୍ଷାବିତ୍ ଅଭୀମନ୍ୟୁ ମଲିକ, ପ୍ରିୟରଞ୍ଜନ ସାମଲ, ଦାମୋଦର ନନ୍ଦ, ଅରୂପ ନନ୍ଦ, ପ୍ରଭାତ ତ୍ରିପାଠୀ, ବିଶ୍ୱନାଥ ଦାସ, ବାସୁଦେବ ପରିଡ଼ା, ବିଜୟ ଶଙ୍କର ନାୟକ, ସୁବାସ ନନ୍ଦ, କୁଳମଣି ବେହେରା, ରତ୍ନାକର ପୃଷ୍ଟି, ରାକେଶ ନନ୍ଦ ପ୍ରମୁଖ ଯୋଗ ଦେଇ ପରିବେଶ ସୁରକ୍ଷା ପାଇଁ ଆମର ଦାୟିତ୍ୱ ଅନେକ। ପ୍ରତ୍ୟେକ ବେକ୍ତି ଜୀବନ କାଳ ମଧରେ ଗଛଟିଏ ଲଗାଇବା ସହ ସେହି ଗଛକୁ ବଞ୍ଚାଇ ରଖିବା ଦାୟିତ୍ୱ ରହିଛି ବୋଲି କହିଥିଲେ। ଏହି ଅବସରରେ ସମାଜସେବୀ ଡାକ୍ତର ବିକାଶ ନାରାୟଣ ନନ୍ଦ କୁ ସେବା ପାଇଁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ର ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଶାନ୍ତ ସାହୁ, ବିଶ୍ୱଜିତି ପଲାଇ, ସରୋଜ ଖୁଣ୍ଟିଆ, ଭଗବାନ ଦାସ, ଅନିଲ ଘଡ଼େଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ଶେଷରେ ପରିଷଦର ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ପୁର୍ନଗଠନ ବାତିଲ ପାଇଁ ମିଶନଶକ୍ତି ମହାସଂଘର ସମାବେଶ

**ଭଣ୍ଡାରିପୋଖରୀ, ୧୮।୯ (ସମିସ)**



ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ ବାବା ଶନିଶ୍ଚର ମିଶନଶକ୍ତି ମହାସଂଘ (ବ୍ଲକ ଲେବଲ ଫେଡେରେସନ) ପକ୍ଷରୁ ଗୁରୁବାର ବ୍ଲକସ୍ତରୀୟସମାବେଶ କରାଯାଇ ନ୍ୟାୟାଳୟ ଆଦେଶକୁ ଅବମାନନା କରାଯାଉଛି ବୋଲି ଅଭିଯୋଗ କରାଯାଇଛି। ବ୍ଲକ ଲେବଲ ଫେଡେରେସନ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଡବ୍ଲୁ.ପି.ସି. ୨୫୩୮୪ନଂ ମାମଲା ମୂଳେ ପ୍ରାପ୍ତ ଆଦେଶକୁ ଦାବିପତ୍ର ସହ ସଂଲଗ୍ନ କରି ଗତ ମଙ୍ଗଳବାର ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ମିଶନଶକ୍ତି ସଂଯୋଜକ, ବ୍ଲକ ମିଶନଶକ୍ତି ସଂଯୋଜକ, ବିଡିଓଙ୍କୁ ପ୍ରଦାନ କରି ନ୍ୟାୟାଳୟ ଆଦେଶ କାର୍ଯ୍ୟକାରି କରିବାକୁ ଅନୁରୋଧ କରିଥିଲେ। ମିଶନଶକ୍ତି କାର୍ଯ୍ୟକାରିଣୀ ପରିବର୍ତ୍ତନକୁ ଆଗାମୀ ୧୯ ତାରିଖ ପର୍ଯ୍ୟନ୍ତ ସ୍ଥଗିତ କରିବାକୁ ଅନୁରୋଧ କରିଥିଲେ। ବିଭିନ୍ନସ୍ତରର କାର୍ଯ୍ୟକାରିଣୀ ସଭ୍ୟା ଭାବେ ସ୍କୁଟି ଋଣ ହାସଲ କରିଥିବା ଓ ଏହାର ଋଣ ପୈଠ ସମୟସୀମା ସମାପ୍ତ ହୋଇନାହିଁ। କାର୍ଯ୍ୟକାରିଣୀ ପରିବର୍ତ୍ତନ ଦ୍ୱାରା ଗୋଷ୍ଠୀମାନେ କ୍ଷତିଗ୍ରସ୍ତ ହେବେ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଉଚ୍ଚ ନ୍ୟାୟାଳୟ ଆଦେଶ ଅନୁଯାୟୀ କାର୍ଯ୍ୟକାରିଣୀ କମିଟି ପୁର୍ନଗଠନ ପ୍ରକ୍ରିୟା ବାତିଲ କରିବାକୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ମିଶନଶକ୍ତି ବି.ପି.ଏମ. ଓ ବି.ଏଲ.ସି. ନ୍ୟାୟାଳୟ ଆଦେଶକୁ ଅବମାନନା କରି ଏମ.ବି.କେ. ଓ ସି.ଆର.ପି.ଙ୍କ ମାଧ୍ୟମରେ ସରକାରୀ ଆଦେଶକୁ ପାଳନ ନକଲେ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କୁ ସମସ୍ତ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ କରିବାକୁ ଧମକ ଚମକ ଦେଉଥିବା ଅଭିଯୋଗ କରାଯାଇଛି। ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ୨୨ଟି ପଞ୍ଚାୟତସ୍ତରୀୟ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଂଘ (ଜିପିଏଲ୍ଏଫ୍)କୁ ନେଇ ଗଠିତ ବିଏଲ୍ଏଫ୍ ପକ୍ଷରୁ ସମାବେଶ କରାଯାଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ମଞ୍ଚ, ସଂଘ ଓ ମହାସଂଘ ଇ.ସି.ଙ୍କୁ ପରିବର୍ତ୍ତନ କାର୍ଯ୍ୟକଳାପକୁ ବାତିଲ କରାଯିବାକୁ ଦାବି କରିଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଗ୍ରାମ୍ୟସ୍ତରରେ ୧୦ଟି ସ୍ୱୟଂସହାୟିକା ଗୋଷ୍ଠୀକୁ ନେଇ ମଞ୍ଚ, ସମସ୍ତ ମଞ୍ଚକୁ ନେଇ ପଞ୍ଚାୟତସ୍ତରୀୟ ସଂଘ (ଜିପିଏଲ୍ଏଫ୍) ଓ (ଜିପିଏଲ୍ଏଫ୍)କୁ ନେଇ ବ୍ଲକସ୍ତରୀୟ ମହାସଂଘ (ବ୍ଲକ ଲେବଲ ଫେଡେରେସନ) ଗଠନ କରାଯାଇଛି। ୧୦ ବର୍ଷ ପୂର୍ବେ ଗଠନ ଇ.ସି. ପରିବର୍ତ୍ତନ ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିପାଇଁ ଆଜି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## ସାମ୍ବାଦିକଙ୍କ ମାତୃ ବିୟୋଗ



ବନ୍ତ/ଆଗରପଡ଼ା,୧୮।୯(ସମିସ): ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନିମପଡ଼ା ଗ୍ରାମ ତଥା ବନ୍ତ ଅଞ୍ଚଳର ସାମ୍ବାଦିକ ଜ୍ଞାନଦା କର ଶର୍ମାଙ୍କ ମାତା ସାବିତ୍ରୀ କରଶର୍ମାଙ୍କ (୭୨) ନିଜ ବାସଭବନରେ ପରଲୋକ ଘଟିଛି। ସେ ଜଣେ ସରଳା, ପରୋପକାରୀ, ଅମାୟିକ ଓ ଧର୍ମପରାୟଣା ମହିଳା ଥିଲେ। ମୃତ୍ୟୁ ଖବର ପାଇବା ପରେ ଉକ୍ତ ଅଞ୍ଚଳର ବହୁବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କର ମରଶରୀରକୁ ଗ୍ରାମ୍ୟ ପରିକ୍ରମା କରିଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ଅନ୍ନଦା ମୁଖାଗ୍ନି ଦେଇଥିଲା ବେଳେ ତାଙ୍କର ପୁତ୍ର ଜ୍ଞାନଦା, ପୁତୁରା ପତଞ୍ଜଳି, ନାତି ଯଜ୍ଞଦତ, ଦେବୀଦକ, ସୌମ୍ୟାଂଶୁ, ଗୋପାଳ, ସୂର୍ଯ୍ୟକାନ୍ତ, ନାତୁଣୀ ପୂଜା, ମନୋଜ୍ଞା, ପୁତ୍ରବଧୂ ପଙ୍କଜିନୀ, ଦମୟନ୍ତୀ, ଝୁଲୁ, ଇତିଶ୍ରୀ, ଝିଅ ମିନତୀ, ଜୟନ୍ତୀ, କାଦମ୍ବରୀ, ଜ୍ୱାଇଁ ଗୟାଧର ଉପସ୍ଥିତ ଥିଲେ।

## ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

ବନ୍ତ/ଆଗରପଡ଼ା,୧୮।୯(ସମିସ): ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ଅଧୀକ୍ଷକ ଡାକ୍ତର ମନୋଜ ପତିଙ୍କ ସଭାପତିତ୍ୱ ଓ ବିପିଏମ ଦେବାଶିଷ ବାଗୁଡ଼ାଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ, ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ଦାଶ, ସତ୍ୟସାଧନ ବେଜ, ଦୀପକ ମହାନ୍ତି, ସରପଞ୍ଚ ପ୍ରକାଶ ବିଶ୍ୱାଳ, ବିଜେପି ଡ ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ଅଶୋକ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଡା ସୁଶ୍ରୀ ସଙ୍ଗୀତା ବିଶ୍ୱାଳ, ଡା ଜ୍ୟୋତିରଂଜନ ଦାସ, ଡା ଦିଲ୍ଲୀପ ସାହୁ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଫାର୍ମାସିଷ୍ଟ ଜୟପ୍ରକାଶ ନାରାୟଣ ମହାନ୍ତି, ବିଜୟରଣା, ବ୍ଲକ ଡ଼ାଟା ମ୍ୟାନେଜର ସତ୍ୟରଞ୍ଜନ ବେହୁରିଆ, ପିଏଚଓ ଜପା ଦିଦି ଏବଂ ଚନ୍ଦନ ରାଉତଙ୍କ ସମେତ ଆଶାକର୍ମୀ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ୯୬ ଗ୍ରାମ ବ୍ରାଉନସୁଗର ଜବତ; ଜଣେ ଗିରଫ



ବନ୍ତ/ଆଗରପଡ଼ା,୧୮।୯(ସମିସ): ବନ୍ତ ବ୍ଲକ ଟିଲୋ ଗ୍ରାମର କାଳନ୍ଦୀ ଦାସଙ୍କ ପୁଅ ରତନ(୩୭) ବ୍ରାଉନସୁଗର ନେଇ ଯାଉଥିବାବେଳେ ମରେଇଗାଁ କେନାଲ ରାସ୍ତାରୁ ନନ୍ଦିପଦା ଥାନା ପୁଲିସ ଗିରଫ କରିବା ସହ ତା ନିକଟରୁ ୯୬ ଗ୍ରାମ ବ୍ରାଉନସୁଗର ଜବତ୍ କରିଥିବାର ଜଣାପଡ଼ିଛି। ଏହି ସଂପର୍କରେ ଥାନା କେସ ନଂ୨୭୮/୨୫,ୟୁ/ଏସ ୨୧(ବି) ଏନଡିପିଏସରେ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ଶିଆଳଙ୍କ ସଙ୍ଗବଦ୍ଧ ଆକ୍ରମଣରେ ବୃଦ୍ଧ ମୃତ



ଭଦ୍ରକ, ୧୮।୯(ସମିସ): ପ୍ରତ୍ୟୁଷରେ ଶୌଚ ପାଇଁ ଯାଇଥିବା ବୃଦ୍ଧଙ୍କୁ ଘେରିଗଲେ ଶିଆଳ ପଲ। ୩୦ରୁ ୪୦ ଶିଆଳ ଆକ୍ରମଣ କରି ଝୁଣି ପକାଇଲେ। ଚିତ୍କାର ଶୁଣି ଗ୍ରାମ ଲୋକେ ଦୌଡ଼ି ଆସିଲା ବେଳକୁ ସବୁ କିଛି ସରିଗଲା। ଶିଆଳ ଆକ୍ରମଣରେ ଲହୁଲୁହାଣ ହୋଇ ଆଖି ବୁଜି ଦେଇଥିଲେ ବୃଦ୍ଧ। ଏପରି ଅଘଟଣ ଘଟିଛି ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଆଟୁ ଗାଁରେ। ଗାଁର ୬୩ ବର୍ଷୀୟ ବୃଦ୍ଧ କାହ୍ନୁଚରଣ ସାହୁ ଶୌଚ ପାଇଁ ଯାଇଥିବା ସମୟରେ ପ୍ରାୟ ୪୦ଟି ଶିଆଳ ବୃଦ୍ଧଙ୍କୁ ଆକ୍ରମଣ କରିଥିଲେ। ବୃଦ୍ଧଙ୍କ ଚିତ୍କାର ଶୁଣି ଗାଁଲୋକ ଦୌଡ଼ି ଆସିଥିଲେ। ପରେ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ




ବାରିକପୁର,୧୮।୯(ସମିସ): ମାଳଦା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାତା ଲକ୍ଷ୍ମୀଧର ନାୟକଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପାଳିତ ହୋଇଛି। ଏଥିରେ ପ୍ରଧାନ ଶିକ୍ଷକ ଗୌତମ ପାତ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ ପ୍ରୀତିକାନ୍ତ ରାଉତ ସଞ୍ଚାଳନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ଭାଗିରଥୀ ବେହୁରିଆ, ସୁରେନ୍ଦ୍ର ବେହେରା, ଯଦୁମଣି ଦାସ, ନବକିଶୋର ପରିଡ଼ା, ସାମ୍ବାଦିକ ରାଜେନ୍ଦ୍ର ଶତପଥୀ, ନୀଳମଣି ନାୟକ, ଅଶୋକ ଯେନା, ଜଗନ୍ନାଥ ମହାନ୍ତି, ଦିଲିପ ଓଝା, ପ୍ରଦିପ ମହାନ୍ତି, ପ୍ରମୁଖ ଯୋଗ ଦେଇ ଗୁଣଗାନ କରିଥିଲେ। ପ୍ରଶନ୍ନ ନାୟକ ଅତିଥି ପରିଚୟ ପ୍ରଦାନ ଓ ରାମଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ଟିକୁ ଶିକ୍ଷୟିତ୍ରୀ ନିଳୋତ୍ପଳା ମହାନ୍ତି, ବିଜୟା ମଲ୍ଲିକ, ବେବିନା ଯେନା, ପ୍ରିୟଦର୍ଶିନୀ ବେହେରା, ଧରଣୀଧର ଦାସ, ସନ୍ତୋଷ ଯେନା, ବିକାଶ ଦାସ, ଶସିଭୁଷଣ ମଲ୍ଲିକ, ସତ୍ୟରଞ୍ଜନ ମଲ୍ଲିକ, କରୁଣାକର ନାୟକ, ଅର୍ଜୁନ ଯେନା, ବ୍ରଜ ଓଝା ପ୍ରମୁଖ ପରିଚାଳନା କରିଥିଲେ।

### ନିଜ କାନ୍ଧରୁ ଦୋଷ ଛଡ଼ାଇବାକୁ

# ମୃତ ମହିଳାଙ୍କୁ କଟକ ସ୍ଥାନାନ୍ତର ନେଇ ଉତ୍ତେଜନା

ଭଦ୍ରକ, ୧୮।୯(ସମିସ)

ଚିକିତ୍ସା ଅବହେଳାରୁ ଆଖି ବୁଜିଲେ ଆସନ୍ନ ପ୍ରସବା ମହିଳା। ପରେ ନିଜ କାନ୍ଧରୁ ଦୋଷ ଛଡ଼ାଇବାକୁ ମୃତ ମହିଳାଙ୍କୁ କଟକ ସ୍ଥାନାନ୍ତର କରିଦେଲେ ଡାକ୍ତର। ମୃତ ମହିଳା ଜାଣି ଆମ୍ବୁଲାନ୍ସରୁ ଫେରାଇଲେ ୧୦୮ କର୍ମଚାରୀ। ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ ନାମରେ ଏପରି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ମୃତକଙ୍କ ପରିବାର ଲୋକେ। ଚିକିତ୍ସା ଅବହେଳାରୁ ମେଡିକାଲରେ ମହିଳାଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ତାଙ୍କୁ ଜୋରଜବରଦସ୍ତ କଟକ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅମୃରିଆ ଗାଁର ବିଜୟ କୁମାର ମୁଖୀ ନିଜ ଆସନ୍ନ ପ୍ରସବା ସ୍ତ୍ରୀ ନିହା ମୁଖୀଙ୍କୁ ଭଦ୍ରକ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଗତକାଲି ରାତିରେ ମେଡିକାଲରେ ଅପରେସନ ପରେ ଏକ ସନ୍ତାନ ଜନ୍ମ ହୋଇଥିଲା। ମାତ୍ର ପରେ ଭୋର ସମୟରେ ନିହା ପେଟରେ ଅଧିକ ଯନ୍ତ୍ରଣା ଅନୁଭବ କରୁଥିଲେ ମଧ୍ୟ ଚିକିତ୍ସା ଅବହେଳା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରେ ଗୁରୁତର ନିହାଙ୍କୁ ତରବରିଆ ଭାବେ କଟକ ସ୍ଥାନାନ୍ତର କରିଥିଲେ ଡାକ୍ତର। ଆମ୍ବୁଲାନ୍ସରେ ଆଣି ମହିଳାଙ୍କୁ ଭର୍ତ୍ତି କରିବା ପରେ ସେ ମୃତ୍ୟୁ ବରଣ କରିସାରିଥିବା କହି ଆମ୍ବୁଲାନ୍ସରୁ ଓହ୍ଲାଇ ଦେଇଥିଲେ ଆମ୍ବୁଲାନ୍ସ କର୍ମଚାରୀ। ତେବେ ଚିକିତ୍ସିତ ବେଡ଼ରେ ହିଁ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ନିଜ ଦୋଷ ଲୁଚାଇବାକୁ ମହିଳାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ଏପରିକି ପାଖ ବେଡରେ ଥିବା ଅନ୍ୟ ରୋଗୀଙ୍କ ସଂପର୍କୀୟମାନେ ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ଅଧିକ ଗୁରୁତର ଥିବା ମହିଳାଙ୍କୁ ଚିକିତ୍ସା ନକରି କଟକ ସ୍ଥାନାନ୍ତର କରିବା ଆଇନ ବିରୁଦ୍ଧ। ଏ ଦିଗରେ ଡାକ୍ତରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଂଜନ ନାୟକ। ସୂଚନାଯୋଗ୍ୟ, ଉକ୍ତ ଆସନ୍ନ ପ୍ରସବାଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ସୌଦାମିନୀ ଧଳ ଓ ଡାକ୍ତର ସତ୍ୟାନନ୍ଦ ନାୟକ, ନର୍ସ-ପ୍ରତିମା ପଲେଇ ଓ ସସ୍ମିତା ରାଉଳଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି ତାଙ୍କ ସ୍ୱାମୀ ବିଜୟ କୁମାର ମୁଖୀ ଓ ଶାଶୂ ଜୟନ୍ତୀ ମୁଖୀ।



## ପ୍ରଶାସନିକ ଅଧିକାରୀଙ୍କ ଅପମାନ ବିରୋଧରେ ବିଜେଡିର ବିକ୍ଷୋଭ




ଭଦ୍ରକ, ୧୮।୯(ସମିସ): ଭଦ୍ରକ ପୌରାଧ୍ୟକ୍ଷାଙ୍କୁ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଅପମାନକୁ ବିରୋଧ କରି ଭଦ୍ରକ ବିଜୁ ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ଭଦ୍ରକ ଟାଉନ ହଲରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗତ ୧୬ ତାରିଖରେ ଭଦ୍ରକ ବାଇପାସ ଛକଠାରୁ ସରକାର ନଗର ପର୍ଯ୍ୟନ୍ତ ସରକାରୀ ଜମିରେ ଉଚ୍ଛେଦ ପ୍ରକ୍ରିୟାକୁ ବ୍ୟବସାୟୀମାନେ ବିରୋଧ କରିଥିଲେ। ଏହି ବିରୋଧରେ ସାମିଲ ହୋଇଥିଲେ ଭଦ୍ରକ ପୌରାଧ୍ୟକ୍ଷା ଗୁଲମୁଖୀ ଦଲାୱାଜି ହବିବ। ତେବେ ବିରୋଧ ସମୟରେ କେତେକ ପ୍ରଶାସନିକ ଅଧିକାରୀ ପୌରାଧ୍ୟକ୍ଷଙ୍କ ସମେତ ବିକ୍ଷୋଭକାରୀ ମହିଳାଙ୍କୁ ଅପମାନିତ କରିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଏଥିପ୍ରତି ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି। ଅନ୍ୟପଟେ ବର୍ଷେ ପୂର୍ବରୁ ଉଚ୍ଛେଦ ବ୍ୟବସାୟୀଙ୍କୁ ଥାଇଥାନ କରାଯାଇ ନଥିବା ବେଳେ ପୁନର୍ବାର ଉଚ୍ଛେଦ ପ୍ରକ୍ରିୟାକୁ ବିଜେଡି ନାପସନ୍ଦ କରିଛି। ଏହି ବିକ୍ଷୋଭରେ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ପୌରାଧ୍ୟକ୍ଷା ଗୁଲମକୀ ଦଲାୱାଜି ହବିବିଙ୍କ ସମେତ ବହୁ ମହିଳା ନେତ୍ରୀ ସାମିଲ ଥିଲେ।

## ଖରିଫ୍ ଧାନରେ ପୋକ ସାଲୁବାଲୁ

ବାରିକପୁର,୧୮।୯(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ୧୬ ହଜାର ହେକ୍ଟର ଚାଷଜମିରେ ଖରିଫ୍ ଧାନର ଏବେ ବେଉଷଣ କାମ ଶେଷ ହୋଇଛି। ବୈତରଣୀ ବନ୍ୟା ଓ ଲଗାଣ ବର୍ଷା ଭିତରେ ଚାଷୀ ଭାଇ ମାନେ ଧାନ ରୁଆ କାର୍ଯ୍ୟ ସାରିଛନ୍ତି। ଏବେ ସବୁ ଅଞ୍ଚଳରେ ପ୍ରାୟତଃ ପ୍ରଥମ ପର୍ଯ୍ୟାୟ ସାର ବୁଣା ଶେଷ ହେଉଥିବା ବେଳେ ଧାନ ଗଛ ପିଲ ବୃଦ୍ଧି କରୁଥିବା ଚାଷୀମାନେ କହିଛନ୍ତି। ଏହାରି ଭିତରେ ଅନେକ ଚାଷ ଜମିରେ ଏବେ ପୋକ ସାଲୁବାଲୁ ହେଉଛନ୍ତି। ଧାନ ଗଛଗୁଡିକ ଧଳା ପଡ଼ିଥିବା ବେଳେ ଅଗ ମଧ୍ୟ ପତ୍ରପୋଡା ଭଳି ହେଉଛି। ଜମିରେ କାଣ୍ଡ ବିନ୍ଧା ସହିତ ବୋଡା,ଜୋଉଆ ପୋକ ଉପଦ୍ରବ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଏଥିଯୋଗୁଁ ଧାନ ଗଛର ପିଲ ବୃଦ୍ଧି ପାଇଁ ସମସ୍ୟା ଦେଖା ଦେଇଛି। ବ୍ଲକର ମଞ୍ଜୁରୀ ରୋଡଠାରୁ ଆରମ୍ଭ କରି ବିଷ୍ଣୁପୁର ଓ ଆଖୁଆପଦାଠାରୁ ଆରମ୍ଭ କରି ମାଳଦା ଯାଏଁ ସବୁଠି ଚାଷୀମାନେ ଏବେ ଜମିରେ ବିଷ ପକାଉଥିବା ଦେଖାଯାଇଛି। ଖରିଫ୍ ଚାଷ ବେଉଷଣ ପରେ ହଠାତ୍ ଏଭଳି ପୋକ ଉପଦ୍ରବ ଦେଖା ଦେଉଥିବାରୁ ଏହା ଉପରେ ଜିଲ୍ଲା କୃଷି ବିଭାଗ ଦୃଷ୍ଟି ଦେବାକୁ ବିଭିନ୍ନ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।



## ନିଶା ବର୍ଜନ ପାଇଁ ସଚେତନତା ଓ ଶପଥ ପାଠ

ଭଦ୍ରକ, ୧୮।୯(ସମିସ): ନିଶା ଯୋଗୁଁ ଜନସାଧାରଣ ଅସୁରକ୍ଷିତ। ହତ୍ୟା ଲୁଣ୍ଠନ ଓ ବ୍ୟଭିଚାର ବୃଦ୍ଧିରେ ମୁଖ୍ୟ ସହାୟକ ହେଉଛି ନିଶା। ଏନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆଖଣ୍ଡଳମଣି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳର ମିଳିତ ସହଯୋଗରେ ବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନିହାର ରଞ୍ଜନ କର, ଜାତୀୟ ସେବା ସଂସ୍ଥାର ପରିଚାଳକ ଅଧ୍ୟାପିକା ପଦ୍ମିନୀ ନାୟକ ଓ ସମସ୍ତ ଛାତ୍ରଛାତ୍ରୀ ଓ ସମସ୍ତ ଅତିଥିଙ୍କ ଗହଣରେ ଉତ୍କଳ ସର୍ବୋଦୟ ମଣ୍ଡଳ ଭଦ୍ରକ ଜିଲ୍ଲା ସଭାପତି ଅମର ପାଣିଗ୍ରାହୀ ଉଦଘାଟନ କରିଥିଲେ। ଅଧ୍ୟକ୍ଷ ନିହାର ରଞ୍ଜନ କର ଉପରୋକ୍ତ ସମାଜ ସଂସ୍କାରକ କର୍ମଶାଳାରେ ସଭାପତିତ୍ୱ କରିଥିଲେ। ଭଦ୍ରକ ସ୍ୱୟଂଶାସିତ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ ରାମଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ଗୟାଧର ପଣ୍ଡା ମୁଖ୍ୟବକ୍ତା, ଉପସଭାପତି ନାରାୟଣ ପାଢ଼ୀ ଓ ନିକୁଞ୍ଜ କିଶୋର ଜେନା ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଗୁଟଖା ମଦ ଓ ଡ୍ରଗର ଅପକାରିତା ବିଷୟରେ ସମଗ୍ର ଜିଲ୍ଲାରେ ସଚେତନତା କାର୍ଯ୍ୟକ୍ରମ କରାଉଥିବା ଅଭିଜ୍ଞତା ସମ୍ପନ୍ନ ବ୍ୟକ୍ତିତ୍ୱ ଅମର କୁମାର ପାଣିଗ୍ରାହୀ ଏ ବାବଦରେ ସଚେତନ କରିଥିଲେ। ସୋମନାଥ ମଲିକ, ମନମୋହନ ତ୍ରିପାଠୀ, ସୂର୍ଯ୍ୟକାନ୍ତ ଦାସ, ଗାୟତ୍ରୀ ମହାନ୍ତି, ପ୍ରିୟଦୀପ ପରିଡ଼ା, ଇପସିତା ବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ, କଳ୍ପନା ଜେନା, ଚନ୍ଦନ ମଲିକ ଓ ଆଶାଲତା ବିଶ୍ୱାଳ ଅଧ୍ୟାପକ ଓ ଅଧ୍ୟାପିକାମାନେ ପରିଚାଳନା କରିଥିଲେ। ଶ୍ରୀ ପାଣିଗ୍ରାହୀ ନିଶା ବର୍ଜନ କରିବାକୁ ସମସ୍ତ ଛାତ୍ରଛାତ୍ରୀ ଅତିଥି ଓ ଶିକ୍ଷକଙ୍କୁ ଶପଥ ପାଠ କରାଇଥିଲେ।



### ● ଦ୍ୱିତୀୟ ପର୍ଯ୍ୟାୟ ଉଚ୍ଛେଦ

## ୨ଟି କୋଠାଘର ସହ ୧୫ଟି ଦୋକାନ ଘର ଭଙ୍ଗାଗଲା




ଭଦ୍ରକ, ୧୮।୯(ସମିସ): ଭଦ୍ରକ ସହରର ବାଇପାସ୍ ଛକଠାରୁ ସରକାର ନଗର ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଉଠା ଦୋକାନୀ ଓ ଜବରଦଖଲକାରୀଙ୍କୁ ଆଜି ୨ୟ ଦିନ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଆଜି ସରକାରୀ ଜମିରେ ଥିବା ମୋଟ ୧୫ଟି ଦୋକାନଘରକୁ ଉଚ୍ଛେଦ କରାଯାଇଛି। ଏଥିରେ ୨ଟି ସ୍ଥାୟୀ କୋଠାଘର ଥିବା ଜଣାଯାଇଛି। ଉଚ୍ଛେଦ ବେଳେ ମାଜିଷ୍ଟ୍ରେଟ, ପୁଲିସ ଫୋର୍ସ ମୁତୟନ ହୋଇଥିଲେ।

### କୋଠାର ଉଚ୍ଚବିଦ୍ୟାଳୟର ଦାରୁଣ ବ୍ୟବସ୍ଥା

# ସର୍ବପୁରାତନ ସ୍କୁଲ ପ୍ରତି ଶିକ୍ଷା ବିଭାଗର ଅବହେଳା

ଅସୁରାଳି, ୧୮।୯(ସମିସ)



୧୯୪୭ ମସିହାରେ ସ୍ଥାପିତ ହୋଇଥିବା କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟ, ଯାହା ଧାମନଗର ବ୍ଲକର ସର୍ବପୁରାତନ ଶିକ୍ଷା ପ୍ରତିଷ୍ଠାନ ଭାବେ ପରିଚିତ, ଆଜି ଅବ୍ୟବସ୍ଥା ଓ ଅବହେଳାର ଦୁଃଖଦ ଦୃଶ୍ୟ ପ୍ରଦର୍ଶନ କରୁଛି। ବିଦ୍ୟାଳୟରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୫୦ ଛାତ୍ରଛାତ୍ରୀ ପଢ଼ୁଛନ୍ତି। ତଥାପି, ଶିକ୍ଷକ ଆବଶ୍ୟକତା ୧୪ ଜଣ ଥିବା ସତ୍ତ୍ୱେ ବର୍ତ୍ତମାନ ମାତ୍ର ୯ ଜଣ ଶିକ୍ଷକ ଦ୍ୱାରା ପାଠପଢ଼ା ଚାଲିଛି। ୨୦୧୭ରୁ ବିନା ପ୍ରଧାନଶିକ୍ଷକରେ ଚାଲୁଥିବା ବିଦ୍ୟାଳୟର ଦାୟିତ୍ୱ ବର୍ତ୍ତମାନ ସାରଳା ବାଳା ପାଢ଼ୀ ନିଭାଉଛନ୍ତି। ପିଅନ ତିନି ଜଣ ଥିବା ଦରକାର ରହିଥିଲେ ସୁଦ୍ଧା ମାତ୍ର ଜଣେ ଅଛନ୍ତି। ରାତ୍ରିକାଳୀନ ଜଗୁଆଳି ନାହିଁ। ବର୍ଷା ହେଲେ ଭଙ୍ଗା ଦଦରା ଓ ଟିଣ ଛାତରୁ ପାଣି ଝରି ପାଠପଢ଼ାରେ ବାଧା ସୃଷ୍ଟି କରୁଛି। ରୋଷେଇ ଘର ମଧ୍ୟ ପାଣି ଭିଜି ଅସୁବିଧାଜନକ ହୋଇଯାଇଛି। ବିଦ୍ୟାଳୟ ପକ୍ଷରୁ ଜିଲ୍ଲା ମୁଖ୍ୟ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ, ଏପରି ଅବସ୍ଥାରେ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନାହିଁ। ଉଚ୍ଚ ଶିକ୍ଷାମନ୍ତ୍ରୀ ଧାମନଗରର ହେଉଥିବା ବେଳେ ମଧ୍ୟ ଏହି ବିଦ୍ୟାଳୟର ଅବସ୍ଥା ଜନସାଧାରଣ ମଧ୍ୟରେ ଚିନ୍ତା ଓ ଆଶ୍ଚର୍ଯ୍ୟ ଜନ୍ମ ଦେଉଛି। ଏହି ଅବସ୍ଥା ଉପରେ ଶିକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଧ୍ୟାନ ଦେଇ ବିଦ୍ୟାଳୟର ପୁନର୍ନିର୍ମାଣ, ଶିକ୍ଷକ ନିଯୁକ୍ତି ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ପ୍ରଦାନ କରିବା ଦ୍ୱାରା ଏହି ଶିକ୍ଷା ପ୍ରତିଷ୍ଠାନକୁ ଉଦ୍ଧାର କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

### ● ରହିତାଦେଶ ମାନୁନି ପ୍ରଶାସନ

## ବ୍ଲକ୍ କାର୍ଯ୍ୟାଳୟରେ ମହିଳାଙ୍କ ବିକ୍ଷୋଭ

ବାରିକପୁର, ୧୮।୯(ସମିସ): ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଜରିଆରେ ଗଠିତ ହୋଇଥିବା ଏସଏଚଜିକୁ ନେଇ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। ସଂପ୍ରତି ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ଥିବା ଏସଏଚଜି, ସିଏଲଏଫ ଓ ଜିପିଏଲଏଫ କର୍ମକର୍ତ୍ତାଙ୍କୁ ପରିବର୍ତ୍ତନ କରିବା ପାଇଁ ସରକାରୀ ସ୍ତରରେ ନିର୍ଦ୍ଦେଶନାମା ଜାରି ହୋଇଛି। ଏହାକୁ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ କାର୍ଯ୍ୟ କରୁଥିବା ଏସଏଚଜି ସଭାନେତ୍ରୀ ଓ ସମ୍ପାଦିକାମାନେ ତୀବ୍ର ବିରୋଧ କରିଛନ୍ତି। ଏହାକୁ ବେଆଇନ ଦର୍ଶାଇ ମହିଳାମାନେ କୋର୍ଟରେ ଦ୍ୱାରସ୍ଥ ହୋଇଥିବା ବେଳେ ସରକାରୀ ନିର୍ଦ୍ଦେଶନାମା ଉପରେ ରହିତାଦେଶ ଜାରି ହୋଇଛି। ଏହାସତ୍ତ୍ୱେ ପ୍ରଶାସନ ରାତିଅଧିଆ ନୂତନ କମିଟି ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ସୂଚନା ମୁତାବକ, ବ୍ଲକସ୍ତରୀୟ ବାବା ଶନିଶ୍ଚର ବିଏଲଏଫ ଜରିଆରେ ୨୨ଟି ପଞ୍ଚାୟତସ୍ତରୀୟ ମହାସଙ୍ଘର ସଭାପତି ଓ ସମ୍ପାଦିକା ଦୀର୍ଘ ୫ ବର୍ଷ ହେବ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବ ସରକାର ସେମାନଙ୍କୁ କିଛିଟା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିବା ବେଳେ ନୂତନ ସରକାର ମହିଳାଙ୍କୁ ସବୁଥିରୁ ବଞ୍ଚିତ କରିଛି। ସରକାର ଏବେ କାର୍ଯ୍ୟ କରୁଥିବା ମହିଳାଙ୍କ ସ୍ଥାନରେ ନୂତନ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବିରୋଧରେ ଶତାଧିକ ମହିଳା ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚି ବିକ୍ଷୋଭ କରିବା ସହ ବିଡିଓଙ୍କୁ ଘେରିଥିଲେ। କୋର୍ଟ ନିର୍ଦ୍ଦେଶ ଅନୁଯାୟୀ, ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ ରଖିବା ପାଇଁ ମହିଳାମାନେ ଦାବି କରିଛନ୍ତି। ଏହାଛଡ଼ା ମିଶନ ଶକ୍ତି ଅଧିକାରୀଙ୍କୁ ମଧ୍ୟ ଏ ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଛନ୍ତି।



# ୨ ବାଇକ୍ ମୁହାଁମୁହିଁ; ଜଣେ ମୃତ

ସାରସକଣା/ଝାରପୋଖରିଆ,୧୮।୯ (ସମିସ): ଝାରପୋଖରିଆ ଟୋଲ୍ ଗେଟ୍ ନିକଟରେ ଗୁରୁବାର ସନ୍ଧ୍ୟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣା ସ୍ଥଳରେ ଜଣକର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାଙ୍ଗିରିପୋଷି ଥାନା ଅଧିନ ଚନ୍ଦନପୁର ଗ୍ରାମର ପଦ୍ମନ ବେହେରା। ଘଟଣା ସ୍ଥଳରେ ଝାରପୋଖରିଆ ପୁଲିସ ପହଞ୍ଚି ଶବକ ଉଦ୍ଧାର କରି ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ପରେ ବାରିପଦା ଶବ ବ୍ୟବଚ୍ଛେଦ ପାଇଁ ବାରିପଦାକୁ ପଠାଯାଇଛି। ସୂଚନା ଅନୁସାରେ ପଦ୍ମନ୍ ବାଙ୍ଗିରିପୋଷି ପଟୁ ଝାରପୋଖରିଆ ଅଭିମୁଖେ ଯାଉଥିବା ସମୟରେ ବିପରୀତ ଦିଗରୁ ଭ ଅନ୍ୟ ଏକ ବାଇକ ଆସୁଥିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ପଦ୍ମନଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା।

# ବାଇକ ଉପରକୁ ମାଡ଼ିଗଲା ବସ୍; ଅଳ୍ପକେ ବର୍ତ୍ତିଲେ ଚାଳକ



କୁଆମରା,୧୮।୯ (ସମିସ): ଉଦଳା-ବାରିପଦା ୧୯ ନମ୍ବର ରାଜ୍ୟ ରାଜପଥ ବଜାର ସଂଲଗ୍ନ ଖୁଣ୍ଟା ଡିଗ୍ରୀ କଲେଜ ସମ୍ମୁଖରେ ଗୁରୁବାର ସକାଳେ ଏକ ଯାତ୍ରୀବାହୀ ବସ୍ ବାରିପଦା ଅଭିମୁଖେ ଯାଉଥିବା ବେଳେ ସମ୍ମୁଖ ପଟୁ ଆସୁଥିବା ବାଇକ ଉପରକୁ ମାଡିଯାଇଥିଲା। ଫଳରେ ବାଇକ୍‌ଟି ସଂପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ଚାଳକ ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ମୁତାବକ ଜଗନ୍ନାଥ ନାମକ ଏକ ଘରୋଇ ବସ ଉଦଳାରୁ ବାରିପଦା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ବାମ ପାଶ୍ୱର୍ରେ ଆସୁଥିବା ବାଇକ ଚଳକ ଉପରକୁ ବସଟି ଅଚାନକ ମାଡି ଯାଇଥିଲା। ସଡକ ଠାରୁ ଡାହାଣ ପାଶ୍ୱର୍କୁ ପ୍ରାୟ ୨ ଫୁଟ ତଳକୁ ଯାଇ ଭାରସାମ୍ୟ ହରାଇବା ସହ ରାସ୍ତା ପାଶ୍ୱର୍ରେ ଥିବା ଗଛରେ ପିଟି ହୋଇଯାଇଥିଲା। ହେଲେ ବାଇକ ଚାଳକ ଓ ତାଙ୍କ ସହ ବସିଥିବା ଅନ୍ୟ ଜଣେ ଯୁବକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ବସ୍‌ରେ ଥିବା ଯାତ୍ରୀ ମାନେ ସୁରକ୍ଷିତ ଥିବା ଜଣାଯାଇଛି। ଘଟଣା ଘଟିବା ପରେ ରାଜପଥ କିଛି ସମୟ ପାଇଁ ଲୋକାରଣ୍ୟ ହୋଇପଡିଥିଲା। ଖୁଣ୍ଟା ଥାନା ଆଇଆଇସି ପଞ୍ଚାନନ ମହାନ୍ତି ଖବର ପାଇ ସଦଳବଳ ପହଞ୍ଚି ବସ୍‌କୁ ଜବତ କରିବା ସହ ଥାନାରେ ଅଟକ ରଖିଛନ୍ତି। ଡ୍ରାଇଭର ଫେରାର ହୋଇଯାଇଛି। ତେବେ ବସ୍‌ର୍ କୌଣସି ଯାନ୍ତ୍ରିକ ତ୍ରୁଟି ନଥିବା ବେଳେ ଚାଳକର ଦାୟିତ୍ୱହୀନତା ଯୋଗୁ ଏଭଳି ଘଟଣା ଘଟିଛି। ବାଇକରେ ଥିବା ଯୁବକ ଦୁଇଜଣ ଖୁଣ୍ଟା ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି।

# ୨୦ରେ କୁଡୁମୀ ସମାଜର ରେଳ ଅବରୋଧ




ବାରିପଦା, ୧୮।୯ (ସମିସ): ବାରିପଦା ଷ୍ଟାଡିଅମରେ ଆଦିବାସୀ କୁଡୁମୀ ସମାଜ ଓ କୁଡୁମୀ ଏକତା ମଞ୍ଚ ତରଫରୁ ରାଜ୍ୟ ସଭାପତି ମନୋଜ କୁମାର ମହାନ୍ତଙ୍କ ସଭାପତିତ୍ୱରେ ନିମ୍ନ ଲିଖିତ ବିଷୟ ଉପରେ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି କ୍ରମେ ଆସନ୍ତା ୨୦ ତାରିଖ ଶନିବାର ରେଳରୋକ ନିଷ୍ପତ୍ତି ନିଆଯାଇଛି। ଦୀର୍ଘ ୭ ୯ ବର୍ଷ ଧରି କୁଡୁମୀଙ୍କ ଏସଟି ଦାବିକୁ କେନ୍ଦ୍ର ଓ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ତେଣୁ ଆସନ୍ତା ୨୦ ତାରିଖ ସକାଳ ୫ଟାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଭଞ୍ଜପୁର ରେଳ ଷ୍ଟେସନଠାରେ ରେଳ ରୋକ କରାଯିବ। ଅନୁଷ୍ଠିତ ସଭାରେ ଆଦିବାସୀ କୁଡୁମୀ ସମାଜର ଜିଲ୍ଲା ସଭାପତି ନିରଞ୍ଜନ ମହାନ୍ତ, ରାଜ୍ୟ ସଂଯୋଜକ ସଂଜୀବ କୁମାର ମହାନ୍ତ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସ୍ନେହାଶିଷ ମହାନ୍ତ, ଲଳିତ ରଞ୍ଜନ ମହାନ୍ତ ଓ ଉପଦେଷ୍ଟା କୃପାସିନ୍ଧୁ ମହାନ୍ତ ଯୋଗ ଦେଇଥିଲେ।

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ; ଯୁବକ କୋର୍ଟ ଚାଲାଣ

ଶୁଳିଆପଦା,୧୮।୯ (ସମିସ): ଶୁଳିଆପଦା ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରି ଗର୍ଭବତୀ କରିଥିବା ଅଭିଯୋଗରେ ଜଣେ ୨୧ ବର୍ଷର ଯୁବକକୁ ଶୁଳିଆପଦା ପୋଲିସ ଆଜି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ଅଭିଯୁକ୍ତ ଯୁବକ ଜଣକ ଉକ୍ତ ନାବାଳିକା ସହିତ ପ୍ରେମ ସମ୍ପର୍କ ଯୋଡି ବିବାହର ପ୍ରଲୋଭନ ଦେଖାଇ ଏକାଧିକବାର ଦୁଷ୍କର୍ମ କରିଥିଲା। ତେବେ ନାବାଳିକା ଜଣକ ଅସୁସ୍ଥ ହେବାରୁ ଡାକ୍ତରୀ ପରୀକ୍ଷା ପରେ ସେ ଗର୍ଭବତୀ ଥିବା ଜଣାପଡିଥିଲା। ଝିଅ ଗର୍ଭବତୀ ଥିବା ଜାଣିବା ପରେ ପରିବାର ଲୋକେ ନ୍ୟାୟ ପାଇଁ ଶୁଳିଆପଦା ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପରେ ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରାୟଣ ବଳ ଉକ୍ତ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା କରିବା ପରେ ଆଜି କୋର୍ଟ ଚାଲାଣ କରିଛନ୍ତି।

## କଂସା ବାସନ ସଫା ଆଳରେ ଲୁଟିନେଲେ ଅଳଙ୍କାର

# ଠକେଇର ଶିକାର ୨୦ରୁ ଊର୍ଦ୍ଧ୍ୱ ମହିଳା



ରାମଚନ୍ଦ୍ରପୁର,୧୮।୯ (ସମିସ)

କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ବେଲସୁନ୍ଦରୀ ଗାଁରୁ ଅଭିନବ ଉପାୟରେ ହୋଇଛି ଠକେଇ। ଠକେଇରେ ଜଣେ ମହିଳା ସଂପୃକ୍ତି ଥିବା ଅଭିଯୋଗ ହୋଇଛି। କଂସା ବାସନ ସଫା ଆଳରେ ଜଣେ ଅଜଣା ମହିଳା ଲକ୍ଷାଧିକ ଟଙ୍କାର ରୁପା, ସୁନା ଅଳଙ୍କାର ସହ କଂସା ବାସନ ନେଇ ଚମ୍ପଟ ମାରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଏବେ ଚହଳ ପକାଇଛି। ସୂଚନାରୁ ଜଣାଯାଏ, ଜଣେ ଅଜଣା ମହିଳା ବେଲସୁନ୍ଦରୀ ଗାଁରେ ପହଞ୍ଚି ବିଶେଷ ଭାବେ ମହିଳଙ୍କୁ ଡାଲ କରି ଘରେ ଥିବା ପୁରୁଣା କଂସା ବାସନକୁ ସଫା କରିଦେବାକୁ କହି ତହିଁ ପରଦିନ ନୂଆ ଭଳି ବାସନ ଫେରାଇ ଦେଉଥିଲା। ମାତ୍ର ଅଳ୍ପ କେତେଟଙ୍କାରେ ପୁରୁଣା ବାସନ ନୂଆଭଳି ହୋଇଯାଉଥିବାରୁ ଅଜଣା ମହିଳା ପ୍ରତି ଲୋକଙ୍କ ବିଶ୍ୱାସ ଦୃଢୀଭୂତ ହୋଇଥିଲା। ଅନେକ ମହିଳା ଉତ୍ସାହ ସହକାରେ ଘରେ ଥିବା ପୁରୁଣା କଂସା ପିତ୍ତଳ ବାସନ ସହ କେତେକ ମହିଳା ସଫା କରିବାକୁ ନିଜର ରୁପା ଏବଂ ସୁନା ଅଳଙ୍କାର ମଧ୍ୟ ଦେଇଥିଲେ। ଅଜଣା ମହିଳା ଜଣକ ଗାଁର ପ୍ରାୟ ୨୦-୨୫ ଜଣ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନା ଏବଂ ରୁପା ଅଳଙ୍କାର ସହ କଂସା ବାସନ ନେଇ ତହିଁ ପରଦିନ ଆସିବ କରି ଚାଲିଯାଇଥିଲା। ହେଲେ ଗଲା ଯେ ଗଲା ,ଆଉ ଫେରି ନଥିଲା। ଘଟଣାକୁ ପାଞ୍ଚଦିନ ବିତିଥିଲେ ମଧ୍ୟ ଅଜଣା ମହିଳାଙ୍କ କୌଣସି ଖୋଜଖବର କିମ୍ବା ପତ୍ତା ମିଳି ନାହିଁ। କେହି ଅଜଣା ମହିଳାଙ୍କ ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ ସୁଦ୍ଧା ତା'ର ପରିଚୟ ମିଳି ପାରିନାହିଁ। ଏଥିନେଇ ଥାନାରେ କୌଣସି ଅଭିଯୋଗ ହୋଇ ନଥିଲେ ସୁଦ୍ଧା ଅଜଣା ମହିଳାଙ୍କ ସମ୍ପର୍କରେ ଯଦି କେହି ସୂଚନା ପାଆନ୍ତି ନିକଟସ୍ଥ ଥାନାରେ ଜଣାଇବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

# ପଣ୍ଡାବିଲା ଆଦିସେବା କେନ୍ଦ୍ର ବୁଲି ଦେଖିଲେ କେନ୍ଦ୍ର ଜନଜାତି କଲ୍ୟାଣ ବିଭାଗର ନିର୍ଦ୍ଦେଶିକା



କରଞ୍ଜିଆ, ୧୮।୯ (ସମିସ): କେନ୍ଦ୍ର ସରକାରଙ୍କ ଆଦି କର୍ମଯୋଗୀ ଅଭିଯାନ କାଯ୍ୟକ୍ରମ ଅନ୍ତର୍ଗତ ଆଦି ସେବା ପର୍ବ ସେପ୍ଟେମ୍ବର ୧୭ରୁ ଆକ୍ଟୋବର ୨ତାରିଖ ପଯ୍ୟନ୍ତ ଧରତୀ ଆବା ଜନଜାତୀୟ ଉତ୍କର୍ଷ ଅଭିଯାନ ଅନ୍ତର୍ଭୁକ୍ତ ସମସ୍ତ ଆଦିବାଦୀ ଗ୍ରାମରେ ଚାଲୁ ହେଉଛି। ଏହିସବୁ ଯୋଜନାକୁ କିପରି କାର୍ଯ୍ୟକାରୀ କରାଯାଉଛି ସେ ନେଇ କେନ୍ଦ୍ର ଜନଜାତି କଲ୍ୟାଣ ବିଭାଗର ନିର୍ଦ୍ଦେଶିକା ଡା. ବର୍ଣାଳୀ ଦେକା ଏକ ଦିନିକିଆ କରଞ୍ଜିଆ ଗସ୍ତରେ ଆସିଥିଲେ। ସେ କରଞ୍ଜିଆ ଆଇଟିଡିଏ. ଅଧୀନ ଶୁକୃଳି ବ୍ଲକର ପଣ୍ଡାବିଲା ଆଦିସେବା କେନ୍ଦ୍ର ବୁଲି ଦେଖି ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହୋଇଛନ୍ତି। ଗତ ୨୦୩୦ଭିଜନ ଯୋଜନାର ଖସଡ଼ା ପ୍ରସ୍ତୁତ କରିବା ନିମନ୍ତେ ଗ୍ରାମୀଣ ଉନ୍ନତି ପାଇଁ ଗ୍ରାମରେ ଗ୍ରାମସଭା ମାଧମରେ ବିଭିନ୍ନ ପ୍ରକଳ୍ପକୁ ଉପସ୍ଥାପନା କରି କାର୍ଯ୍ୟକାରୀ ପାଇଁ ଉପରିସ୍ଥ ଅଧିକାରୀଙ୍କୁ କିପରି ସୁପାରିସ ହେଉଛି ସେ ନେଇ ଅବଗତ ହୋଇଥିଲେ। କାର୍ଯ୍ୟକାରୀ ହେଉଥିବା ଆଦି ସାଥୀ ଓ ଆଦି ସହଯୋଗୀଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ ସେମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ନିର୍ଭୁଲ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବା ଦିଗରେ ଉଚ୍ଚ ଅଧିକାରୀ ସହିତ ଆଲୋଚନା କରିଥିଲେ। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବହୁମୁଖୀ ଜନକଲ୍ୟାଣକାରୀ ଓ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ତାଙ୍କ ସହିତ ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀ, ବିଡିଓ ବ୍ରହ୍ମାନନ୍ଦ ବେହେରା ଉପସ୍ଥିତି ଥିଲେ।

**● ଶୁଳିଆପଦା ପଞ୍ଚାୟତସମିତିସ୍ତରୀୟ ଜନଶୁଣାଣି**

# ୧୦୯ଟି ପରିବାରକୁ ଶହେ ଦିନର କାର୍ଯ୍ୟ ପ୍ରଦାନ

ଶୁଳିଆପଦା, ୧୮।୯ (ସମିସ): ଗୁରୁବାର ଶୁଳିଆପଦା ବ୍ଲକ୍‌ସ୍ତରୀୟ ସାମାଜିକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏପିଓ ଅନୁରାଧା ସାହୁଙ୍କ ସଂଯୋଜନା ରେ ଅନୁଷ୍ଠିତ ଶିବିରରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଏସପିଏଲଏଓ ଲଲାଟେନ୍ଦୁ ସି, ଶୁଳିଆପଦା ବିଡ଼ିଓ ଲକ୍ଷ୍ମୀସାଗର ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ, ବ୍ଲକ୍ ଉପାଧକ୍ଷ ଜ୍ୟୋତିଲାଲ୍ ବାରିକ୍, ଶୁଳିଆପଦା ଥାନା ଏସଆଇ ରୂପଶ୍ରୀ ସ୍ୱାଇଁ, ବ୍ଲକ୍ ସାମାଜିକ ସମୀକ୍ଷକ ହରଧନୁ ମାଝୀ, ଯୋଗାଣ ଅଧିକାରୀ ନିରଞ୍ଜନ ସାହୁ, ଏଇଇ ସୟଦ ଅମଜାଦ୍ ଅଲ୍ଲି ପ୍ରମୁଖ ମଞ୍ଚାସୀନ ଥିଲେ।



ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ୨୦୨୪-୨୫ ଆର୍ଥିକ ବର୍ଷର ଅକ୍ଟୋବର ୨୪ରୁ ୩୧ ମାର୍ଚ୍ଚ ୨୫ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ୨୦୧୩ର ୨୪-୨୫ ପର୍ଯ୍ୟାୟର ସାମାଜିକ ସମୀକ୍ଷା ପ୍ରକ୍ରିୟା ୧୫ ଅପ୍ରେଲ ୨୫ରୁ ଆରମ୍ଭ ହୋଇ ୨ ଅଗଷ୍ଟ ୨୫ ତାରିଖ ବ୍ଲକ୍‌ର ୧୬ଟି ପଞ୍ଚାୟତରେ ସମାପ୍ତ ହୋଇଥିଲା। ଗତ ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ମୋଟ ୧୯ ହଜାର ୬୬୫ଟି ଜବକାର୍ଡ ପ୍ରଦାନ କରାଯାଇଛି। ଏହି ସମୟ ମଧ୍ୟରେ ଅଣକୁଶଳୀ କାର୍ଯ୍ୟ ନିମନ୍ତେ ଆବେଦନ କରିଥିବା ସମସ୍ତ ୧୦ ହଜାର ୬୨୭ଟି ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇ ୩ ଲକ୍ଷ ୯୩ ହଜାର ୫୫ ଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି। ୧୦୯ଟି ପରିବାରକୁ ଶହେ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଥିବା ସୂଚନା ଦିଆଯାଇଥିଲା। ଆର୍ଥିକ ବର୍ଷରେ ଗ୍ରାମୀଣ ଗୃହ, ବ୍ୟକ୍ତିଗତ ପୋଖରୀ, ସାମୂହିକ ପୋଖରୀ, ବୃକ୍ଷ ରୋପଣ, ଖେଳ ପଡିଆ, ଗ୍ରାମ୍ୟ ସଂଯୋଗୀ କରଣ ଆଦି ୬ ହଜାର ୫୬୨ଟି ପ୍ରକଳ୍ପ ହାତକୁ ନିଆଯାଇ ମଜୁରୀ ଓ ଶ୍ରମ ବାବଦକୁ ୧୩୫୬.୩୪ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ବୈଠକରେ ସପ୍ତମ ରେଜିଷ୍ଟ୍ରାରକୁ ସଠିକ ଢଙ୍ଗରେ ପରିଚାଳନା କରିବା ସହିତ ସାମାଜିକ ସମୀକ୍ଷକଙ୍କୁ ସଠିକ ସମୟରେ କାଗଜପତ୍ର ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ମୃତ୍ତିକା ସଂରକ୍ଷଣ, ଉଦ୍ୟାନ କୃଷି ପ୍ରଭୃତି ଲାଇନ୍ ଡିପାର୍ଟମେଣ୍ଟକୁ କାର୍ଯ୍ୟ ଆରମ୍ଭ ପୂର୍ବରୁ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟମାନଙ୍କ ସହଯୋଗରେ କାମ କରିବାକୁ ପରାମର୍ଶ ଦିଆଯାଇଥିଲା। ପୂର୍ବରୁ ବ୍ଲକର ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଅଧିକାରୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ କୁହାଯାଇଛି।

# ବିପୁଳ ପୋଚ ସହ ମଦ ଜବତ

ରାମଚନ୍ଦ୍ରପୁର,୧୮।୯ (ସମିସ): ଘସିପୁରା ବ୍ଲକ ନୁହାମାଳିଆ ଗ୍ରାମରେ ପୁଲିସ ଚଢଉ କରି ୫ଶହ ଲିଟରରୁ ଅଧିକ ମହୁଲ ପୋଚ ନଷ୍ଟ କରିଛି। ରାମଚନ୍ଦ୍ରପୁର ଥାନାଧିକାରୀ ମନୋଜ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଉକ୍ତ ଗ୍ରାମରେ ମହୁଲି ମଦ ଭାଟି ଉପରେ ଚଢଉ କରାଯାଇଥିବା ବେଳେ ଘଟଣାସ୍ଥଳରୁ ମଦ ମାଫିଆ ଫେରାର୍ ହୋଇଯାଇଛନ୍ତି। ପୁଲିସ ହାଣ୍ଡି ଓ ଜାରକୁ ନଷ୍ଟ କରିଛି।

# ଅଙ୍ଗନବାଡ଼ି କେନ୍ଦ୍ରରେ ସହାୟିକା ନିଯୁକ୍ତିକୁ ଗ୍ରାମବାସୀଙ୍କ ବିରୋଧ

ବୈଶିଙ୍ଗା, ୧୮।୯ (ସମିସ): ଭଗବାନପୁର ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ସହାୟିକା ନିଯୁକ୍ତି ନେଇ ଗ୍ରାମବାସୀ ବିରୋଧ କରିଛନ୍ତି। ଗୁରୁବାର ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସୂତାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଯାଇଛନ୍ତି। ସୂଚନା ମୁତାବକ ସାରମଣୀ ହେମ୍ବ୍ରମ ନାମକ ଜନୈକା ଉଚ୍ଚ ଶିକ୍ଷିତା ମହିଳା ସରକାରଙ୍କ



ପକ୍ଷରୁ ପରିଚାଳିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଭଗବାନପୁର ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ସହାୟିକା ଭାବେ ନିଯୁକ୍ତି ପାଇଥିଲେ। ହେଲେ ସେ କାର୍ଯ୍ୟରେ ଯୋଗଦେବାକୁ ଯିବାବେଳେ ଜୁଲାଇ ମାସରେ ଏହି କେନ୍ଦ୍ରର କର୍ମୀ କନକଲତା ସିଂଙ୍କ ସମେତ କିଛି ଗ୍ରାମବାସୀ ସାରମଣୀ ଏହି ଗ୍ରାମର ବାସିନ୍ଦା ହୋଇ ନ ଥିବା ଦର୍ଶାଇ ତାଙ୍କ ନିଯୁକ୍ତିକୁ ବିରୋଧ କରିଥିଲେ। ପରେ କେନ୍ଦ୍ରରେ ଚାବି ପକାଇ ଦେଇଥିଲେ। ତେବେ ସାରମଣି ଓ ତାଙ୍କୁ ସମର୍ଥନ କରୁଥିବା କିଛି ଗ୍ରାମବାସୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ହୋଇ ଘଟଣା ସମ୍ପର୍କରେ ଜଣାଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଶିଶୁ କଲ୍ୟାଣ ପ୍ରକଳ୍ପ ଅଧିକାରୀ, ପୁଲିସ ଉପଖଣ୍ଡ ଅଧିକାରୀ ମିନତୀ ବିଶ୍ୱାଳ, ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଗୁରୁବାର ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଯଦି ନିଯୁକ୍ତି ସମସ୍ୟାକୁ ନେଇ କୌଣସି ଆପତ୍ତି ଅଭିଯୋଗ ଥାଏ ତାହେଲେ ଅଦାଲତ ମାଧ୍ୟମରେ ଏହାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଏହାସହିତ ସାରମଣିଙ୍କ ନିଯୁକ୍ତିକୁ ତତ୍କାଳୀନ ଭିତ୍ତିରେ ଲାଗୁ କରାଯାଇଥିଲା।

# ଦେଉଳିଆ ପଞ୍ଚାୟତରେ ଚାରାରୋପଣ

ବଡସାହି,୧୮।୯ (ସମିସ): ବଡସାହି ବ୍ଲକ୍ ଦେଉଳିଆ ପଞ୍ଚାୟତ ମା' ମଙ୍ଗଳା ବନ ସୁରକ୍ଷା ସମିତି ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବି.ଡିଓ ବନଜା ଦାସ, ତହସିଲଦାର କରୁଣାକର ଧିନ୍ଦା, ସିଡିପିଓ ସୁପ୍ରଭା ନାୟକ, ରେଞ୍ଜ ଅଧିକାରୀ ଶ୍ରୀ ମନ୍ତ୍ରୀ, ଦେଉଳିଆ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଣବ କୁମାର ପ୍ରଧାନ, ଆରଆଇ ସୁନିତା ଦେ ଓ ଫରେଷ୍ଟର ସୁନୀଲ ମହାନ୍ତ ପ୍ରମୁଖ ଯୋଗ ଦେଇ ବର୍ତ୍ତମାନ ସମାଜରେ ଗଛର ଆବଶ୍ୟକତା ଓ ବୃକ୍ଷ ହିଁ ଜୀବନ ବୋଲି ମତବ୍ୟକ୍ତ କରିଥିଲେ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବା ସହିତ ପିଲାର ଯତ୍ନ ନେବା ଭଳି ତାର ରକ୍ଷଣାବେକ୍ଷଣ କଲେ ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଫଳପ୍ରଦ ହେବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଦେଉଳିଆ ଉଚ୍ଚ ବିଦ୍ୟାଳୟର, ବଡସାହିର ଛାତ୍ରୀମାନେ ଗଛ ଲଗାଇଥିଲେ। ଏହି କାର୍ଯ୍ୟକ୍ରମରେ ଶହେ ବିଭିନ୍ନ ପ୍ରକାର ଗଛ ଲଗାଯାଇଛି।

## ରବର ଚାଷ କରି ଚାଷୀ ଲକ୍ଷପତି

# ୧୦୦ ଏକରରେ ବର୍ଷକୁ ରୋଜଗାର ୬୦ ଲକ୍ଷ ଟଙ୍କା

ମୋରଡ଼ା,୧୮।୯ (ଦୀପକ ବେହେରା): ମୟୂରଭଞ୍ଜ ଜିଲ୍ଲା ପ୍ରାକୃତିକ ସମ୍ପଦରେ ଭରପୂର ରହିଛି। ଏହି ପ୍ରାକୃତିକ ପରିବେଶ ଭିତରେ ରବର ଚାଷ ବେଶ ଉପଯୋଗୀ ହୋଇପାରିଛି। ଅଳ୍ପ ଖର୍ଚ୍ଚରେ ଅଧିକ ଲାଭ ମିଳିଥିବାରୁ ରବର ଚାଷର ବେଶ ଚାହିଦା







ମଧ୍ୟ ରହିଛି। ମୋରଡ଼ା ବ୍ଲକ ହଳଦୀପାଳ ପଞ୍ଚାୟତ ଅସ୍ତିଆ ନିକଟରେ ରହିଛି ଏକ ରବର ପ୍ରଡକ୍ସନ ସୋସାଇଟି। ଉକ୍ତ ସୋସାଇଟି ସଭାପତି ମାଥୁରା ସରେନଙ୍କ କହିବା ମୁତାବକ ୨୦୦୫-୦୬ ମସିହାରେ ୪୭ ଜଣ ଚାଷୀଙ୍କୁ ନେଇ ୧୦୦ ଏକର ଜାଗାରେ ୨୦ ହଜାର ଗଛ ଲଗାଯାଇଥିଲା। ବନ୍ୟା ବାତ୍ୟା ଫଳରେ ବର୍ତ୍ତମାନ ପାଞ୍ଚ ହଜାର ଗଛ ମରିଯାଇଛି। ରବର ଗଛ ଏକ ଏଭଳି ଲାଭଦାୟକ ହୋଇଥିବାରୁ ୨୫ ରୁ ୩୦ ବର୍ଷ ପର୍ଯ୍ୟନ୍ତ ଅନବରତ ରୋଜଗାର ଦେଇଥାଏ। ରବର ଗଛକୁ ହାଲୁକା ରାମ୍ପି ଦେବା ପରେ ତା ତଳେ ଏକ ଗିନା ରଖିଦିଆଯାଏ। ରବର ଗଛର କ୍ଷୀର ଆସି ଗିନାରେ ପଡିଥାଏ। ଏହାପରେ ପ୍ରାୟ ୨/୩ ଘଣ୍ଟା ପରେ ଗିନାରେ ଭର୍ତ୍ତି ହୋଇଥିବା କ୍ଷୀରକୁ ଅଫିସକୁ ନିଆଯାଏ କ୍ଷୀର ସଂଗ୍ରହ ପାଇଁ। କ୍ଷୀରକୁ ଟ୍ରେ'ରେ ରଖି ସେଥିରେ କିଛି ପାଣି ଆଉ ୧୦୦ ଗ୍ରାମ ଏସିଡ ମିଶାଇ କିଛି ସମୟ ରଖିଲା ପରେ ରବରଟି ଏକ ସ୍ତରହୋଇ ବସିଯାଏ। ଏହାପରେ ମେସିନ ସାହାଯ୍ୟରେ ଚାପ ଦେଇ ପାଣି ବାହାର କରିଦିଆଯାଏ। ରବରକୁ ଶୁଖାଇବା ପାଇଁ ନିଆଁ ଧୂଆଁ ଦିଆଯାଏ ସମ୍ପୂର୍ଣ୍ଣ ଶୁଖିବାକୁ। ଧୂଆଁରେ ଶୁଖିବା ପରେ ଯାଇ ରବର ବିକ୍ରି ପାଇଁ ଉପଯୋଗୀ ହୋଇଥାଏ। ଏହିସବୁ କାର୍ଯ୍ୟ ପାଇଁ ପ୍ରତିଦିନ ୨୦ ଜଣ ଶ୍ରମିକ ୩୦୦ଟଙ୍କା ମଜୁରୀରେ ସ୍ମକ ହାଉସ, ରବର କଲେକ୍ସନ ଏବଂ ଗଛର ରକ୍ଷଣାବେକ୍ଷଣ ପାଇଁ ନିୟୋଜିତ ରହିଛନ୍ତି। ଅସ୍ତିଆ ରବର ପ୍ଲାଣ୍ଟ ବର୍ଷକୁ ୬୦ଲକ୍ଷ ଟଙ୍କାରୁ ଅଧିକ ରବର ଓରମାସ ବିକ୍ରି କରିଥାନ୍ତି ବୋଲି ମାଥୁରା ପ୍ରକାଶ କରିଛନ୍ତି। ବର୍ତ୍ତମାନ ପ୍ରତିଦିନ ୩ କୁଇଣ୍ଟାଲ ରବର ବାହାରୁଥିବା ବେଳେ ଶୀତ ଦିନରେ ଅଧିକ ବାହାରି ଥାଏ। ବର୍ଷା ଦିନରେ ରବର କ୍ଷୀର ସଂଗ୍ରହ ପାଇଁ ରେନ ଗାଡିଙ୍ଗ କରାଯାଇଥାଏ ସେଥିପାଇଁ ରବର ବୋର୍ଡ ତରଫରୁ ୫୦ପ୍ରତିଶତ ସବ୍ସିଡି ମିଳିଥାଏ। ବର୍ତ୍ତମାନ ଗଛର ବୟସ ବଢ଼ିବା ସହିତ ବହୁ ଗଛ ନଷ୍ଟ ହୋଇଯାଇଥିବାରୁ ଅମଳ କମିଯାଇଛି।

**ପ୍ରତିଦିନ କାମ କରୁଛନ୍ତି ୨୦ ଜଣ ଶ୍ରମିକ**

# କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନ ସଚିବଙ୍କ ସମୀକ୍ଷା



କରଞ୍ଜିଆ, ୧୮।୯ (ସମିସ): କେନ୍ଦ୍ରାଞ୍ଚଳ ଆରଡିସିଙ୍କ ସଚିବ ନିହାର ରଞ୍ଜନ ଦାଶ କରଞ୍ଜିଆ ବ୍ଲକ କାର୍ଯ୍ୟାଳୟ ସମେତ ତହସିଲ, ତାଟୋ ଏସଏସଡି ବାଳିକା ସ୍କୁଲ, ବଳା ଛଉ ମଣ୍ଡପ ଓ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଗସ୍ତ କରି ସମୀକ୍ଷା କରିଛନ୍ତି। ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ସ୍ଥାନୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ତାଟୋ କନ୍ୟାଶ୍ରମର ଅନ୍ତେବାସିନୀଙ୍କ ସହିତ ବାର୍ତ୍ତାଳାପ କରି ବିଭିନ୍ନ ସମସ୍ୟା ସଂପର୍କରେ ପଚାରି ବୁଝିବା ସହିତ ଶିକ୍ଷକ ମାଟ୍ରନଙ୍କ ସହ ଆଲୋଚନା କରିଥିଲେ। ବଳା ଗ୍ରାମରେ ନବନିର୍ମିତ ଛଉ ମଣ୍ଡପର ସାଜସଜ୍ଜା, କୋଠରୀର ପୁରୁଷ ଓ ମହିଳାଙ୍କ ନିମନ୍ତେ ପୃଥକ ପୃଥକ ଶୌଚାଳୟ ନିର୍ମାଣ ପାଇଁ ପରାମର୍ଶ ଦେଇଥିଲେ। ତାଟୋ କନ୍ୟାଶ୍ରମ ର ଛାତ୍ରୀମାନଙ୍କୁ ସାଧାରଣ ଜ୍ଞାନ ସମ୍ପର୍କରେ ଅଧିକ ଜାଣିବା ପାଇଁ ପଞ୍ଜିକରଣ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ସହିତ ଆଇଟିଡିଏ ପିଏ ଚିତ୍ତରଞ୍ଜନ ମହାନ୍ତ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପ୍ରଦ୍ୟୁମ୍ନ ନାୟକ, ତହସିଲଦାର ଦିବାକର ମାଝୀ, ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।


**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୯୧- ୱିଲିୟମ୍ ସେକ୍ସପିଅରଙ୍କ ବିଶ୍ୱ ପ୍ରସିଦ୍ଧ ନାଟକ 'ମର୍ଚାଣ୍ଟ ଅଫ୍ ଭେନିସ୍'କୁ ପ୍ରଥମ ଥର ମାଞ୍ଚେଷ୍ଟର୍‌ରେ ମଞ୍ଚସ୍ଥ କରାଗଲା।
- ୧୮୯୩- ସ୍ୱାମୀ ବିବେକାନନ୍ଦ ଆମେରିକାର ସିକାଗୋରେ ଆୟୋଜିତ ବିଶ୍ୱ ଧର୍ମ ମହାସଭାରେ ଐତିହାସିକ ଭାଷଣ ଦେଇଥିଲେ।
- ୧୯୬୨- ଭାରତର ଉତ୍ତର ସୀମାରେ ଚୀନ୍‌ର ଆକ୍ରମଣ।
- ୨୦୦୦- କର୍ଣ୍ଣମ୍ ମାଲେଶ୍ୱରୀ ଅଲିମ୍ପିକ୍ ଭାରୋତ୍ତୋଳନ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଲେ।

## ପ୍ରଥମ ଥର ୟାମି-ଇମ୍ରାନ୍ ଯୋଡ଼ି



ବଲିଉଡ୍ ଅଭିନେତା ଇମ୍ରାନ୍ ହାସ୍‌ମୀ ଓ ୟାମୀ ଗୌତମ 'ହକ୍' ଫିଲ୍ମରେ ଏକାଠି ନଜର ଆସିବେ। ପ୍ରଥମ ଥର ପାଇଁ ଏହି ଫିଲ୍ମ ମାଧ୍ୟମରେ ୟାମୀ ଓ ଇମ୍ରାନ୍ ବଡ଼ ପରଦାରେ ଏକାଠି ସ୍କ୍ରିନ୍ ସେୟାର୍ କରିବେ। ଫିଲ୍ମର ଅଧିକାଂଶ ସୁଟିଂ ସରି ଯାଇଛି। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ନଭେମ୍ବର ୭ରେ ଏହା ରିଲିଜ୍ ହେବ ବୋଲି କୁହାଯାଉଛି। ଏହାର ଟ୍ରେଲରକୁ ଖୁବ୍‌ଶୀଘ୍ର ରିଲିଜ୍ କରିବା ପାଇଁ ଫିଲ୍ମ ନିର୍ମାତା ଯୋଜନା କରୁଛନ୍ତି। ଏହା ଏକ କୋର୍ଟ ରୁମ୍ ଡ୍ରାମା ହେବ। 'ହକ୍'ର କାହାଣୀ ୧୯୮୫ର ଶାହାବାନୋ ବନାମ ଅହମ୍ମଦ ଖାନ କେସ୍ ଉପରେ ଆଧାରିତ। ଏଥିରେ ୟାମୀ ଶାହାବାନୋ ଭୂମିକାରେ ନଜର ଆସିବେ। ସେହିଭଳି ଇମ୍ରାନ୍ ଅହମ୍ମଦ ଖାନ୍‌ଙ୍କ ଭୂମିକାରେ ଦେଖାଯିବେ। ସୁପର୍ଣ୍ଣ ବର୍ମା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ଇମ୍ରାନ୍ ଓ ୟାମୀଙ୍କ ବ୍ୟତୀତ ଶିବା ଚଡ୍ଢା, ଅସୀମ ହଟଗଣ୍ଡି, ଡ୍ୟାନିଶ ହୁସେନ ଆଦି ନଜର ଆସିବେ।

## ଏମିତି ଏକ ଷ୍ଟେସନ୍
## ବର୍ଷରେ ୧୫ ଦିନ ଅଟକେ ଟ୍ରେନ୍



ଭାରତରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଟ୍ରେନ୍ ଯୋଗେ ବିଭିନ୍ନ ସ୍ଥାନକୁ ଯାତ୍ରା କରିଥାନ୍ତି। ଦେଶର ଛୋଟ ବଡ଼ ସବୁ ଷ୍ଟେସନ୍‌ରେ ପ୍ରତିଦିନ ଗହଳି ଲାଗି ରହେ। ହେଲେ ବିହାରରେ ଏମିତି ଏକ ଷ୍ଟେସନ୍ ଅଛି ଯେଉଁଠି ବର୍ଷକ ୩୬୫ ଦିନରୁ ମାତ୍ର ୧୫ ଦିନ ଏଠାରେ ଟ୍ରେନ୍ ଅଟକିଥାଏ। ବିହାର, ଔରଙ୍ଗାବାଦ୍ ଜିଲ୍ଲାରେ ଅବସ୍ଥିତ ଏହି ରେଳ ଷ୍ଟେସନ୍‌ର ନାଁ ହେଉଛି, ଅନୁଗ୍ରହ ନାରାୟଣ ରୋଡ୍ ଘାଟ ଷ୍ଟେସନ। ସାଧାରଣତଃ ଷ୍ଟେସନରେ ଟିକେଟ୍ କାଉଣ୍ଟର, ରେଳ କର୍ମଚାରୀ, ଯାତ୍ରୀଙ୍କ କୋଳାହଳ ଶୁଭୁଥାଏ। ହେଲେ ଅନୁଗ୍ରହ ନାରାୟଣ ରୋଡ୍ ଘାଟ ଷ୍ଟେସନଟି ପୂରା ଶୂନ୍‌ଶାନ୍ ଓ ଲୋକଶୂନ୍ୟ ଥାଏ। ଏଠାରେ କୌଣସି ସ୍ଥାୟୀ ଟିକଟ କାଉଣ୍ଟର ନାହିଁ କି ରେଳ କର୍ମଚାରୀ ନିୟୋଜିତ ହୋଇ ନ ଥାନ୍ତି। ୩୫୦ ଦିନ ଏହି ଷ୍ଟେସନ ଦେଇ ଟ୍ରେନ୍ ଯାଉଥିଲେ ବି ଏଠାରେ କେବେ ଅଟକେ ନାହିଁ। ତେବେ ୧୫ ଦିନ ଏଠାରେ ଟ୍ରେନ୍ ଅଟକିବା ପଛରେ ଧାର୍ମିକ କାରଣ ରହିଛି। ଅନୁଗ୍ରହ ନାରାୟଣ ରୋଡ୍ ଘାଟ ଷ୍ଟେସନ ନିକଟରେ ଅବସ୍ଥିତ ପୁନପୁନ ନଦୀ ଧାର୍ମିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ। ଧାର୍ମିକ ମାନ୍ୟତା ଅନୁସାରେ, ଗୟାରେ ପିଣ୍ଡଦାନ କରିବା ପୂର୍ବରୁ ପୁନପୁନ ନଦୀରେ ପ୍ରଥମେ ଶ୍ରାଦ୍ଧ କର୍ମ କରାଯାଏ। ଏହି କାରଣରୁ ଇଂରେଜ ଶାସନ ଅମଳରେ ଏଠାରେ ଏହି ଷ୍ଟେସନର ନିର୍ମାଣ କରାଯାଇଥିଲା। ପିତୃପକ୍ଷର ୧୫ ଦିନ ଲାଗି ଏହି ଷ୍ଟେସନରେ ଟ୍ରେନ୍ ଅଟକିଥାଏ। ପିତୃପକ୍ଷ ସରିଗଲେ ଏହି ଷ୍ଟେସନଟି ଜନଶୂନ୍ୟ ହୋଇଯାଏ। ଏଠାରେ କିନ୍ତୁ କୌଣସି ଏକ୍ସପ୍ରେସ୍ ଟ୍ରେନ୍ ଅଟକି ନ ଥାଏ।

## ଅଳିଆ ଉଠାଇବା ଖେଳ ସ୍ପୋଗୋମି



ଏଇ ବର୍ଷ ଅକ୍ଟୋବରରେ ଜାପାନ ଏକ ନୂଆ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଏହାର ନାଁ ହେଉଛି 'ସ୍ପୋଗୋମି ବିଶ୍ୱକପ୍'। ଏହି ଖେଳରେ ଖେଳାଳିମାନଙ୍କୁ ଅଳିଆ ଉଠାଇବାକୁ ହୋଇଥାଏ। ଜାପାନରୁ ଆରମ୍ଭ ହୋଇଥିବା ଏହି ନିଆରା ଖେଳର ମୂଳ ଉଦ୍ଦେଶ୍ୟ ହେଉଛି ସ୍ୱଚ୍ଛତା ଓ ସୁସ୍ଥ ପରିବେଶ ଗଠନ ଦିଗରେ ସଚେତନତା ସୃଷ୍ଟି କରିବା। 'ସ୍ପୋର୍ଟସ୍' ଏବଂ 'ଗୋମି' ଶବ୍ଦରୁ ଏହି ଖେଳର ନାଁ 'ସ୍ପୋଗୋମି' ହୋଇଛି। ଜାପାନୀ ଭାଷାରେ 'ଗୋମି'ର ଅର୍ଥ ହେଉଛି ମଇଳା ବା ଆବର୍ଜନା। ଏହା ଏମିତି ଏକ ଖେଳ, ଯେଉଁଥିରେ ଖେଳାଳିଙ୍କୁ ଖେଳରେ ଖେଳରେ ଅଳିଆ ଉଠାଇବାକୁ ପଡ଼ିଥାଏ। ତେବେ ୨୦୦୮ ମସିହାରେ ଜାପାନର କିଛି ସ୍କୁଲରୁ ଏହାର ଆରମ୍ଭ ହୋଇଥିଲା। ପିଲାଙ୍କୁ ସ୍ୱଚ୍ଛତା ପ୍ରତି ପ୍ରେରିତ କରିବା ଏହାର ଉଦ୍ଦେଶ୍ୟ ଥିଲା। ଏହାର ପ୍ରଥମ ବିଶ୍ୱକପ୍ ୨୦୨୩ ମସିହାରେ ଟୋକିଓରେ ହୋଇଥିଲା। ଏଥିରେ ୨୧ଟି ଦେଶ ସାମିଲ ହୋଇଥିଲେ। ସେହିଥର ବ୍ରିଟେନ ବିଜେତା ହୋଇଥିବାବେଳେ ଭାରତ ଷଷ୍ଠ ସ୍ଥାନରେ ରହିଥିଲା। ଏହି ଖେଳରେ ପ୍ରଥମେ ୩-୫ ଜଣିଆ ଟିମ୍ ହୁଏ। ଏହା ପରେ ନିର୍ଦ୍ଧାରିତ ସମୟରେ ଖେଳାଳିଙ୍କୁ ରାସ୍ତା, ପାର୍କ, ସମୁଦ୍ର କୂଳରୁ ଅଳିଆ ଉଠାଇବାକୁ ହୋଇଥାଏ। ଯେଉଁ ଟିମ୍ ସବୁଠୁ ଅଧିକ ଏବଂ ଠିକ୍ ଉପାୟରେ ଅଳିଆ ଏକତ୍ର କରନ୍ତି, ସେହି ଦଳ ବିଜେତା ହୋଇଥାନ୍ତି। ଅବଶ୍ୟ ଏଥିରେ ପ୍ଲାଷ୍ଟିକ୍, କେନ୍ ବୋତଲ ଆଦି ସଂଗ୍ରହ କରୁଥିବା ଟିମ୍‌କୁ ଅଧିକ ପଏଣ୍ଟ ମିଳିଥାଏ। କାରଣ ଏହା ପରିବେଶ ପାଇଁ ଅଧିକ କ୍ଷତିକାରକ ହୋଇଥାଏ। ସ୍ପୋଗୋମି ଏବେ ଆମ ଦେଶର ଚେନ୍ନାଇ, ହାଇଦ୍ରାବାଦ, କେରଳ ଆଦିରେ ବେଶ୍ ଲୋକପ୍ରିୟ ହୋଇଛି।




## ବିଶ୍ୱ ମାଇଟୋକଣ୍ଡ୍ରିଆଲ ରୋଗ ସପ୍ତାହ



ମାଇଟୋକଣ୍ଡ୍ରିଆ ମନୁଷ୍ୟ କୋଷକଣିକାରେ ମିଳିଥାଏ। ସେମାନଙ୍କ ସଂଖ୍ୟା କୋଷର କାର୍ଯ୍ୟ ଏବଂ ଶକ୍ତି ଆବଶ୍ୟକତା ଉପରେ ନିର୍ଭର କରେ। ତେଣୁ ଏହାକୁ ଶକ୍ତିକେନ୍ଦ୍ର କୁହାଯାଇଥାଏ। ଏହାର ମୁଖ୍ୟ କାମ ହେଉଛି, କୋଷର ମୁଖ୍ୟ ଶକ୍ତି ବହନକାରୀ ଆଡିନୋସିନ୍ ଟ୍ରାଇଫସଫେଟ୍ (ଏଟିପି)ର ନିରବଚ୍ଛିନ୍ନ ଯୋଗାଣ କରିବା। ହେଲେ କୌଣସି କାରଣ ବଶତଃ ମାଇଟ୍ରୋକଣ୍ଡ୍ରିଆଲ ରୋଗ ( ମାଇଟୋ) ସୃଷ୍ଟି ହେଲେ ଏହା କୋଷିକା ଭିତରେ ଶକ୍ତି ଉତ୍ପାଦନକୁ ବାଧାପ୍ରାପ୍ତ କରିଥାଏ। ଏହା ଏକ ବିରଳ ରୋଗ। ସାଧାରଣତଃ ୫୦୦୦ ଜଣଙ୍କ ମଧ୍ୟରୁ ଜଣଙ୍କୁ ଏହି ରୋଗ ହୋଇଥାଏ। ତେଣୁ ଏହି ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା, ପୀଡ଼ିତଙ୍କ ଜୀବନକୁ ସ୍ୱାଭାବିକ ସ୍ଥିତିକୁ ଆଣିବା ତଥା ସେମାନଙ୍କ ପରିବାରକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ମାସ ତୃତୀୟ ସପ୍ତାହକୁ 'ବିଶ୍ୱ ମାଇଟୋକଣ୍ଡ୍ରିଆଲ ରୋଗ ସପ୍ତାହ'' ଭାବେ ପାଳନ କରାଯାଇଆସୁଛି।

ମାଇଟୋକଣ୍ଡ୍ରିଆଲ ରୋଗ ବଂଶାନୁଗତ ରୋଗ। ମାଇଟୋକଣ୍ଡ୍ରିଆ କାର୍ଯ୍ୟକୁ ନିୟନ୍ତ୍ରଣ କରୁଥିବା ଜିନ୍‌ରେ ପରିବର୍ତ୍ତନ ଯୋଗୁଁ ଏହା ହୋଇଥାଏ। ମାଇଟୋକଣ୍ଡ୍ରିଆଲ ରୋଗରେ ଶରୀରର କୋଷିକାକୁ ସଠିକ ଭାବେ ଶକ୍ତି ମିଳେ ନାହିଁ। ଶକ୍ତି ସୃଷ୍ଟି କରିବାକୁ କଠିନ ହୁଏ। ପ୍ରାଥମିକ ପର୍ଯ୍ୟାୟରେ ମାଂସପେଶୀ ଦୁର୍ବଳ, ଦେଖିବା ଓ ଶୁଣିବାରେ ସମସ୍ୟା, ପାକସ୍ଥଳୀ ସମସ୍ୟା ଆଦି ଲକ୍ଷଣ ଦେଖାଯାଏ। ମସ୍ତିଷ୍କ, ମାଂସପେଶୀ ଏବଂ ସ୍ନାୟୁରେ ମଧ୍ୟ କିଛି ଲକ୍ଷଣ ପ୍ରକାଶ ପାଏ। ଏହା ମେଦବହୁଳତା, ହୃଦ୍‌ରୋଗ, ଆଲଜାଇମର୍ ରୋଗର କାରଣ ସାଜିବା ସହ ଅନ୍ୟ ଅଙ୍ଗକୁ ପ୍ରଭାବିତ କରିପାରେ। ତେଣୁ ଉପରୋକ୍ତ ସମସ୍ୟା ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରିବା ଆବଶ୍ୟକ। ପୋଷଣ ବିଶେଷଜ୍ଞଙ୍କ ପରାମର୍ଶରେ ଖାଦ୍ୟରେ ସତର୍କତା ଅବଲମ୍ବନ କରିବା ନିହାତି ଆବଶ୍ୟକ।

## ପରୀକ୍ଷା କହିବ ହୃଦୟ କଥା



**ଅସନ୍ତୁଳିତ ଜୀବନଶୈଳୀ, ଆନୁବଂଶିକ, ଅନିୟନ୍ତ୍ରିତ ଉଚ୍ଚରକ୍ତଚାପ ଓ ରକ୍ତଶର୍କରା, ଧୂମପାନ, ମେଦବହୁଳତା, ଆଦି ହୃଦ୍‌ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଫଳରେ ହୃଦ୍‌ପିଣ୍ଡରେ ରକ୍ତ ସଞ୍ଚାଳନରେ ଅସନ୍ତୁଳନ ଦେଖାଯାଏ। ହୃତ୍‌ପିଣ୍ଡର ଗୋଟିଏ ଅଂଶକୁ ରକ୍ତ ସରବରାହ ବନ୍ଦ ହୋଇଯିବାକୁ ହୃଦ୍‌ଘାତ ବା ହାର୍ଟ ଆଟାକ୍ କୁହାଯାଏ। ଆଗରୁ ବୟସ୍କଙ୍କ କ୍ଷେତ୍ରରେ ହୃଦ୍‌ଘାତ ଦେଖାଯାଉଥିଲା। ଏବେ କିନ୍ତୁ ୱାର୍କଆଉଟ କରିବା ସମୟରେ ୩୦ରୁ ୪୦ ବର୍ଷର ଯୁବପିଢ଼ିଙ୍କଠାରେ ହୃଦ୍‌ଘାତ ସମସ୍ୟା ଅଧିକ ଦେଖାଯାଉଛି। ତେଣୁ ଏହି ଚାରି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ହୃଦ୍‌ପିଣ୍ଡର ସୁସ୍ଥତା ବିଷୟରେ ଜାଣିପାରିବେ।**

**ରକ୍ତଚାପ ପରୀକ୍ଷା:** ଅଚାନକ ଅଧିକ ବ୍ୟାୟାମ କରିବା ଦ୍ୱାରା ରକ୍ତଚାପ ବଢ଼ିପାରେ। ରକ୍ତଚାପ ହେଉଛି ନୀରବ ଘାତକ। ଏହା ହୃଦ୍‌ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ସେହିପରି ଉଚ୍ଚ କୋଲେଷ୍ଟ୍ରଲ, ମେଦବହୁଳତା, ମଧୁମେହ ମଧ୍ୟ ହୃଦରୋଗ ଆଶଙ୍କାକୁ ବଢ଼ାଇଥାଏ। ତେଣୁ ସମୟେ ସମୟେ ରକ୍ତ ଚାପ ପରୀକ୍ଷା କରିବା ନିହାତି ଆବଶ୍ୟକ। ଯଦି ରକ୍ତଚାପ ୧୨୦/୮୦ ଏମ୍‌ଏମ୍‌ଏଚ୍‌ଜିରୁ ଅଧିକ ଥାଏ, ତେବେ ବର୍ଷକୁ ଥରେ ରକ୍ତଚାପ ପରୀକ୍ଷା କରିବା ଜରୁରି। ଉଚ୍ଚ ରକ୍ତଚାପ ଏବଂ ହୃଦ୍‌ରୋଗ ପୀଡ଼ିତ ବ୍ୟକ୍ତି ନିୟମିତ ରୂପେ ରକ୍ତଚାପକୁ ନିରୀକ୍ଷଣ କରିବା ଆବଶ୍ୟକ।

**କୋଲେଷ୍ଟ୍ରଲ ପରୀକ୍ଷା:** କୋଲେଷ୍ଟ୍ରଲ ବଢ଼ିଲେ, ଧମନୀରେ ପ୍ଲେକ ଜମା ହୁଏ। ଏହା ଦ୍ୱାରା ହୃଦ୍‌ଘାତ ଆଶଙ୍କା ବଢ଼ିଯାଏ। ତେଣୁ ସାଧାରଣ ବୟସ୍କ ଲୋକଙ୍କୁ ପ୍ରତି ବର୍ଷରେ ଥରେ ଏହି ପରୀକ୍ଷା କରିବା ଆବଶ୍ୟକ। ଯଦି ଉଚ୍ଚ କୋଲେଷ୍ଟ୍ରଲ, ମଧୁମେହ, ହୃଦ୍‌ରୋଗ ଆଶଙ୍କା ଥାଏ ଡାକ୍ତରଙ୍କ ପରାମର୍ଶ ନେଇ କୋଲେଷ୍ଟ୍ରଲ ପରୀକ୍ଷା କରାଇପାରିବେ।

**ବ୍ଲଡ୍ ଗ୍ଲୁକୋଜ ଟେଷ୍ଟ:** ରକ୍ତ ଶର୍କରା ସ୍ତର ଯାଞ୍ଚରୁ ମଧୁମେହ ଏବଂ ମଧୁମେହ ପୂର୍ବବର୍ତ୍ତୀ ଅବସ୍ଥା ଚିହ୍ନଟ ହୁଏ। ଏହା ହୃଦ୍‌ସ୍ୱାସ୍ଥ୍ୟ ପାଇଁ ଜରୁରି। ଆମେରିକାନ ଡାଏବେଟିକ୍ ଆସୋସିଏସନ ଅନୁସାରେ, ୪୫ ବର୍ଷରୁ ଅଧିକ ଲୋକ ଉପରୋକ୍ତ ଟେଷ୍ଟ କରିବା ନିହାତି ଜରୁରି। ଶର୍କରା ସ୍ତର ସ୍ୱାଭାବିକ ଥିଲେ ପ୍ରତି ବର୍ଷ ବ୍ଲଡ ଗ୍ଲୁକୋଜ ଟେଷ୍ଟ କରିବା ଜରୁରି। ଯେଉଁମାନଙ୍କର ଶର୍କରା ସ୍ତର ଅଧିକ ରହିଛି ସେମାନେ ପ୍ରତିମାସରେ ନିୟମିତ ଭାବେ ରକ୍ତ ଶର୍କରା ପରୀକ୍ଷା କରାଇନେବା ଆବଶ୍ୟକ।

**ବିଏମ୍‌ଆଇ ପରୀକ୍ଷା:** ହୃଦ୍‌ରୋଗର ଆଉ ଏକ ମୁଖ୍ୟ କାରଣ ହେଉଛି ମେଦବହୁଳତା ଓ ମଧୁମେହ। ମେଦବହୁଳତା ବିଭିନ୍ନ ରୋଗକୁ ଆମନ୍ତ୍ରିତ କରିଥାଏ। ତେଣୁ ବଡିମାସ ଇଣ୍ଡେକ୍ସ (ବିଏମ୍‌ଆଇ)ରେ ଓଜନ ଏବଂ ଅଣ୍ଟାର ସାଇଜ ମାପି ହୃଦ୍‌ପିଣ୍ଡ ସୁସ୍ଥତା ବିଷୟରେ ଜାଣିପାରିବେ। ନିୟମିତ ରୂପେ ବିଏମଆଇ ଚେକ୍ କରିପାରିବେ। ଯଦି ଚାହିଁବେ ଡେକ୍ସା ସ୍କାନ ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ଫ୍ୟାଟର ଯାଞ୍ଚ କରିପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସବୁବେଳେ ଡାକ୍ତରଙ୍କ ପରାମର୍ଶରେ ଉପରୋକ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଜରୁରି।

## ଶକ୍ତିର ଗନ୍ତାଘର ଅଶ୍ୱଗନ୍ଧା



**ଅଶ୍ୱଗନ୍ଧାର ବୈଜ୍ଞାନିକ ନାଁ ଉଇଥାନିଆ ସୋମନିଫେରା। ଏଥିରେ ଭିଟାମିନ୍ -ବି, ଡି, ଇ, କ୍ୟାଲସିୟମ, ପଟାସିୟମ, ମ୍ୟାଗ୍ନେସିୟମ, ଜିଙ୍କ ଭଳି ଅନ୍ୟାନ୍ୟ ପୋଷକତତ୍ତ୍ୱ ରହିଛି। ଅଶ୍ୱଗନ୍ଧାର ମୂଳଟି ମାଂସାଳ। ପତ୍ରଗୁଡ଼ିକ ଅଣ୍ଡାକୃତି। ଏହାର ଚେରରେ ବିଭିନ୍ନ ପ୍ରକାର ଆଲକାଲଏଡ୍, ଫ୍ଲାବୋନଏଡ୍ ଆଦି ଥିବାରୁ ଏହା ବହୁ ଔଷଧ ତିଆରିରେ ବ୍ୟବହୃତ ହୁଏ। ଆୟୁର୍ବେଦରେ ଅଶ୍ୱଗନ୍ଧାକୁ ଔଷଧ ଭାବେ ବ୍ୟବହାର କରାଯାଏ।**

- ଏଥିରେ ଥିବା ହେମାଟିନିକ ରକ୍ତରେ ଲୌହ ଅଂଶ ବୃଦ୍ଧି କରାଏ। କୃମିନାଶକ, ବ୍ୟଥା ଉପଶମକାରୀ, ରକ୍ତବିଶୋଧକ, ପୌରୁଷତ୍ୱବର୍ଦ୍ଧକ ପାଇଁ ଏହା ବହୁତ ହିତକର। ରାତିରେ ଶୋଇବା ପୂର୍ବରୁ ନଖ ଉଷୁମ କ୍ଷୀରରେ ଏକ ଚାମଚ ଅଶ୍ୱଗନ୍ଧା ପାଉଡର ପିଇବା ସର୍ବୋତ୍ତମ। ମହୁ ସହିତ ମଧ୍ୟ ସେବନ କରଯାଇପାରେ।
- ଏହାର ମୂଳର ଚୂର୍ଣ୍ଣ କ୍ଷୀର କିମ୍ବା ଘିଅ ସହିତ ସେବନ କଲେ ସ୍ୱାସ୍ଥ୍ୟ ଏବଂ ମେଧା ଉଭୟ ବୃଦ୍ଧି ପାଏ। ଅଶ୍ୱ ଗନ୍ଧାର ପତ୍ରଗୁଡ଼ିକ ଜ୍ୱର, ଆଖିଫୁଲା ଆଦିରେ ବ୍ୟବହାର କରାଯାଏ। ଏହା ଚିନ୍ତା ଓ ଥକ୍କାପଣ ଦୂର କରେ। ଓଜନ ହ୍ରାସ କରେ।
- ତିନି ଗ୍ରାମ୍ ଅଶ୍ୱଗନ୍ଧାକୁ ୫୦ ମିଲି ଗ୍ରାମ୍ ପିପ୍ପଳି, ୫ଗ୍ରାମ୍ ଘିଅ ଓ ୫ଟି ତୁଳସୀ ପତ୍ର ସହିତ ମିଶାଇ ସେବନ କଲେ ଅର୍ଶ ରୋଗରୁ ଉପଶମ ଦିଏ। ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି ପାଏ। ମାନସିକ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ସହ ଶରୀରକୁ ଶକ୍ତି ପ୍ରଦାନ କରେ।
- ମହିଳାଙ୍କ ଋତୁସ୍ରାବ ଅନିୟମିତତାକୁ ଦୂର କରେ। ତେବେ ଅଶ୍ୱଗନ୍ଧା ସେବନ ପୂର୍ବରୁ ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରି। ଗର୍ଭବତୀ ମହିଳା, ରକ୍ତଚାପ କିମ୍ବା ଥାଇରଏଡ ରୋଗୀ ଚିକିତ୍ସକଙ୍କ ବିନା ପରାମର୍ଶରେ ଏହାକୁ ସେବନ କରିବା ଅନୁଚିତ।

## ଆଣ୍ଠୁଗଣ୍ଠି ଯନ୍ତ୍ରଣାକୁ କମ୍ କରିବ ଜେଲ୍

ବୟସ ବଢ଼ିଲେ ଅଧିକାଂଶ ଆଣ୍ଠୁଗଣ୍ଠି ଯନ୍ତ୍ରଣାର ସମ୍ମୁଖୀନ ହୁଅନ୍ତି। ଗଣ୍ଠିରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଏ। କାର୍ଯ୍ୟଚାପ ହେଉ କି ଦୀର୍ଘ ସମୟ ପର୍ଯ୍ୟନ୍ତ ଛିଡା ହୋଇ କାମ କରିବା ଦ୍ୱାରା ଗଣ୍ଠିରେ ଚାପ ପଡ଼ିବା, ଆଣ୍ଠୁରୁ କାର୍ଟିଲେଜ ଘୋରି ହୋଇଗଲେ ମଧ୍ୟ ଏହି ସମସ୍ୟା ଦେଖାଯାଏ। ତେବେ ବର୍ତ୍ତମାନ ବୟସ୍କଙ୍କ ସମେତ ଯୁବକଯୁବତୀ ଏହି ରୋଗରେ ପୀଡ଼ିତ। ପୀଡ଼ିତ ଲୋକମାନେ ନିଜ ନିତିଦିନିଆ କାମ ଠିକ୍ ଭାବେ କରିପାରନ୍ତିନି। ଚଲାବୁଲାରେ ଯନ୍ତ୍ରଣା ହୋଇଥାଏ। ତେଣୁ ଚିକିତ୍ସା ଦୀର୍ଘ ଦିନ ଧରି ଚାଲିଥାଏ। କେତେକ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶରେ ଯନ୍ତ୍ରଣାରୁ ଉପଶମ ପାଇବାକୁ ଡାକ୍ତର ସର୍ଜରୀ କିମ୍ବା ଆଣ୍ଠୁ ପ୍ରତିରୋପଣ କରିଥାନ୍ତି। ଏବେ ଏହି ସମସ୍ୟାକୁ ଦୂର କରିବାକୁ ଜର୍ମାନୀର ବୈଜ୍ଞାନିକମାନେ ଏକ ସ୍ୱତନ୍ତ୍ର ହାଇଡ୍ରୋଜେଲ ବିକଶିତ କରିଛନ୍ତି। ଯାହାକି ବିନା ସର୍ଜରୀରେ ବି ଆଣ୍ଠୁଗଣ୍ଠି ସମସ୍ୟାରୁ ଆରାମ ମିଳିପାରିବ। ଏନେଇ ଏହି ଜେଲ୍‌କୁ ଇଞ୍ଜେକସନ୍‌ରେ ଦେବା ଦ୍ୱାରା ଆଣ୍ଠୁ ଯନ୍ତ୍ରଣାର ଉପଶମ ମିଳିବ। ଏହା ଆଣ୍ଠୁକୁ ଶକ୍ତ ଓ ମଜଭୁତ କରିପାରିବ। ଏହି ଜେଲ୍‌ର ବିଶେଷତ୍ୱ ହେଉଛି, ଏହା ଷ୍ଟେମସେଲ୍‌କୁ ଉପଯୋଗ କରିଥାଏ। ଏହାକୁ ବ୍ୟବହାର କରିବା ଦ୍ୱାରା ଆଣ୍ଠୁରେ ପରସ୍ତ ପରସ୍ତ କରି ନୂଆ କାର୍ଟିଲେଜ ସୃଷ୍ଟି ହୋଇପାରିବ। ତେବେ ଏହି ଜେଲ୍‌ଟି ବହୁତ ଶକ୍ତିଶାଳୀ। ଆଣ୍ଠୁ ପ୍ରତିରୋପଣ କିମ୍ବା କୌଣସି ସର୍ଜରୀ ନ କରାଯାଇ କେବଳ ଇଞ୍ଜେକସନ୍ ଦ୍ୱାରା ଆଣ୍ଠୁଗଣ୍ଠି ସମସ୍ୟାରୁ ଉପଶମ ମିଳିପାରିବ। ଏନେଇ ବୈଜ୍ଞାନିକମାନେ ଏକ କ୍ଲିନିକାଲ ପରୀକ୍ଷଣ କରିଥିଲେ। ଏଥିରେ ମାତ୍ର ୬୦ ଦିନରେ ରୋଗୀଙ୍କଠାରେ ନୂଆ କାର୍ଟିଲେଜ୍ ସୃଷ୍ଟି ହେଉଥିବା ଦେଖାଯାଇଥିଲା। ଏହି ଜେଲ୍‌ଟି କେବଳ ଆଣ୍ଠୁଗଣ୍ଠି ଯନ୍ତ୍ରଣାକୁ କମ୍ କରିବ ତାହା ନୁହେଁ, ବରଂ ଆଣ୍ଠୁ ଫୁଲା ସମସ୍ୟାରୁ ମୁକ୍ତି ଦେବ। ସମ୍ପୂର୍ଣ୍ଣ ଭାବେ ଚିକିତ୍ସା ପରେ ଏହି ଜେଲ୍ ଆପେ ଆପେ ମିଳାଇଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

### ଏସିଆ କପ୍ କ୍ରିକେଟ୍; ଓମାନ ବିପକ୍ଷ ମୁକାବିଲା ଆଜି

## ବିଶ୍ରାମ ନେଇପାରନ୍ତି ଭାରତର ବରିଷ୍ଠ ଖେଳାଳି

ଦୁବାଇ,୧୮।୯ (ଏଜେନ୍ସି):



ଚଳିତ ଏସିଆ କପ୍‌ର ଗ୍ରୁପ୍-ଏ' ମୁକାବିଲାରେ ୟୁଏଇ ଓ ପାକିସ୍ତାନକୁ ସହଜରେ ହରାଇ ସୁପର-୪'ରେ ପ୍ରବେଶ କରିଥିବା ଭାରତ ଆସନ୍ତାକାଲି ତାହାର ଶେଷ ଲିଗ୍ ମ୍ୟାଚରେ ଓମାନକୁ ଭେଟିବ। ଏହି ଦେଶ ସହ ଭାରତ ପ୍ରଥମଥର ଖେଳିବାକୁ ଯାଉଥିବାରୁ ସ୍ପିନରଙ୍କ ବିପକ୍ଷରେ ଭଲ ଖେଳିବାକୁ ଭାରତୀୟ ବ୍ୟାଟରମାନେ ଚେଷ୍ଟା କରିବେ। ବିଶେଷ କରି ୨ ଦିନ ପରେ ଏଠାରେ ପାକିସ୍ତାନ ସହ ସୁପର-୪ ମୁକାବିଲା ଥିବାରୁ ଭାରତ ଓମାନ ବିପକ୍ଷ ମ୍ୟାଚ୍‌ରେ କିଛି ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦେବାକୁ ଚିନ୍ତାକରୁଛି। ବିଶେଷ କରି ପାକିସ୍ତାନ ବିପକ୍ଷ ହାଇଭୋଲଟେଜ୍ ମୁକାବିଲା ପୂର୍ବରୁ ସ୍ପିନରଙ୍କ ବିପକ୍ଷରେ ଥିବା ଦୁର୍ବଳତାକୁ ସଜାଡିନେବାକୁ ଭାରତ ଏହି ମ୍ୟାଚ୍‌କୁ ଗୁରୁତ୍ୱ ଦେଉଛି। ଓମାନର ବାମହାତୀ ସ୍ପିନର ଅମୀର କଲୀମ୍ ଓ ଅଫ୍‌ସ୍ପିନର ମଧ୍ୟପ୍ରଦେଶର ପୂର୍ବତନ ଖେଳାଳି ସମୟ ଶ୍ରୀବାସ୍ତବ ଭାରତୀୟଙ୍କ ଲାଗି ଚ୍ୟାଲେଞ୍ଜ ସୃଷ୍ଟି କରିପାରନ୍ତି।

ଏଠାରେ ପ୍ରବଳ ଗରମ ହେଉଥିବାରୁ ୟୁଏଇ ଓ ପାକିସ୍ତାନ ବିପକ୍ଷରେ ବ୍ୟାଟିଂ କରିବାର ସୁଯୋଗ ପାଇ ନ ଥିବା ହାର୍ଦ୍ଦିକ ପାଣ୍ଡ୍ୟା, ସଞ୍ଜୁ ସାମସନ ଓ ଅକ୍ଷର ପଟେଲ ଦୀର୍ଘ ସମୟ ବ୍ୟାଟିଂ ଅଭ୍ୟାସ କରିଥିଲେ। କିନ୍ତୁ ବରିଷ୍ଠ ଖେଳାଳିମାନେ ଅତ୍ୟଧିକ ଗରମରେ ଅଭ୍ୟାସ ନ କରି ବିଶ୍ରାମ ନେବାକୁ ଉଚିତ ମଣିଥିଲେ। ଆଗକୁ ପାକିସ୍ତାନ ବିପକ୍ଷ ମୁକାବିଲା ଥିବାରୁ ଯଶପ୍ରୀତ୍ ବୁମ୍‌ରା ଆଜି ଆଦୌ ଅଭ୍ୟାସ ଲାଗି ପଡ଼ିଆକୁ ଆସି ନ ଥିଲେ। ତାଙ୍କ ସ୍ଥାନରେ ହର୍ଷିତ ରାଣା କିମ୍ବା ଅର୍ଶଦୀପ ସିଂହଙ୍କୁ ଏହି ମ୍ୟାଚ୍ ଖେଳିବାର ସୁଯୋଗ ମିଳିପାରେ। କିନ୍ତୁ ସ୍ପିନରଙ୍କୁ ପରିବର୍ତ୍ତନ କରିବାର ସମ୍ଭାବନା କମ୍। ବ୍ୟାଟିଂରେ ମଧ୍ୟ ଦଳରେ ପରିବର୍ତ୍ତନ ହେବାର ନ ଥିଲେ ମଧ୍ୟ ଅର୍ଡରରେ ଏପଟ ସେପଟ ହୋଇପାରେ। ବିଶେଷକରି ୟୁଏଇକୁ ୯ ୱିକେଟରେ ଓ ପାକିସ୍ତାନକୁ ୭ ୱିକେଟରେ ଭାରତ ହରାଇଥିଲା। ଏଣୁ ଅନ୍ୟ ବ୍ୟାଟରମାନେ ବିଶେଷ ସୁଯୋଗ ପାଇ ନ ଥିଲେ। ଏଣୁ ଅନ୍ୟ ବ୍ୟାଟରମାନଙ୍କୁ ଏହି ମ୍ୟାଚ୍‌ରେ ସୁଯୋଗ ଦେବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ।

ଏଠାରେ ସ୍ପିନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏଣୁ ସ୍ପିନ୍ ବିପକ୍ଷରେ ଦୁର୍ବଳ ଥିବା ବ୍ୟାଟରଙ୍କୁ କିଛି ଅଧିକ ସୁଯୋଗ ମିଳିବ ବୋଲି ଆଶା। ଉପଅଧିନାୟକ ଶୁବମନ ଗିଲ୍ ଏବେ ବାମହାତୀ ସ୍ପିନରଙ୍କ ବିପକ୍ଷରେ କିଛିଟା ଭଲ ଖେଳୁଛନ୍ତି। ଅନ୍ୟମାନେ କିପରି ସ୍ପିନରଙ୍କୁ ଉଚିତ ମୁକାବିଲା କରିବେ ତାହା ଉପରେ ଦଳ ଗୁରୁତ୍ୱ ଦେଉଛି। ସୁପର-୪'ରେ ପ୍ରବେଶ କରିଥିବା ଦଳରେ ଭଲ ସ୍ପିନର ରହିଛନ୍ତି। ଶ୍ରୀଲଙ୍କା ହେଉ କି ବାଂଲାଦେଶ, ପାକିସ୍ତାନ ହେଉ କି ଆଫଗାନିସ୍ତାନ ସମସ୍ତ ଟିମ୍‌ରେ ଭଲ ସ୍ପିନର ରହିଛନ୍ତି। ଏଣୁ ଭାରତୀୟ ଦଳ କ୍ୱାଲିଟି ସ୍ପିନ୍‌କୁ କିପରି ପ୍ରଭାବ ମୁକାବିଲା କରିବ ତାହା ଉପରେ ଗୁରୁତ୍ୱ ଦେଉଛି।

ଅନ୍ୟପକ୍ଷରେ ଓମାନ ଏଠାରେ ଲଢୁଆ ଖେଳିପାରି ନାହିଁ। ପାକିସ୍ତାନ ବିପକ୍ଷରେ ଏହି ଦଳ ଗତକାଲି ମାତ୍ର ୬୭ ରନ୍‌ରେ ଅଲଆଉଟ ହୋଇଥିଲା। ଦଳର ବ୍ୟାଟିଂ ଅଧିନାୟକ ଜତିନ୍ଦର ସିଂହଙ୍କ ଉପରେ ନିର୍ଭର କରୁଥିଲାବେଳେ ତାଙ୍କର ଫର୍ମ ନାହିଁ। ଅନ୍ୟ ଟପ୍ ଅର୍ଡର ବ୍ୟାଟର ପାକିସ୍ତାନ ହେଉ କି ୟୁଏଇ ବିପକ୍ଷ ମୁକାବିଲାରେ କ୍ଲିକ୍ କରିନାହାନ୍ତି। ଭାରତ ବିପକ୍ଷରେ ଅଧିକ ଦୟନୀୟ ପ୍ରଦର୍ଶନ କରିବ ବୋଲି ଆଶଙ୍କା ରହିଛି। କିନ୍ତୁ ଏଠାରେ ଯେଉଁ ଦଳ ଟସ୍ ଜିତିବ ସେହିଦଳ ପ୍ରଥମେ ବ୍ୟାଟିଂ କରିବ ବୋଲି ଆଶା କରାଯାଉଛି।

ଓମାନ ବିପକ୍ଷରେ ଭାରତୀୟ ଦଳର ଏହା ପ୍ରଥମ ମୁକାବିଲା। ପୂର୍ବରୁ ଗତବର୍ଷ ଓମାନ ସିନିୟର ଟିମ୍ ଭାରତ-ଏ' ସହ ଖେଳିଥିଲା। ଏହି ଦଳରେ ଅଭିଷେକ ଶର୍ମା ଓ ତିଳକ ବର୍ମା ଖେଳୁଥିଲେ। ଭାରତ-ଏ' ଦଳ ୨୮ ଟି ବଲ ବାକିଥାଇ ଏହି ମ୍ୟାଚ୍‌କୁ ୬ ୱିକେଟରେ ଜିତିନେଇଥିଲା। ଆସନ୍ତାକାଲି ମୁକାବିଲାରେ ବିଜୟ ବ୍ୟବଧାନ କିଛି ଅଧିକ ହେବ ବୋଲି ଆଶା କରାଯାଉଛି।

DP WORLD ASIA CUP 2025

| ଆଜିର ମ୍ୟାଚ୍ | |
|---|---|
| | ଭାରତ- ଓମାନ |
| | ଭେନ୍ୟୁ : ଦୁବାଇ |
| | ଖେଳ ଆରମ୍ଭ : ରାତି ୮ଟା |
| | ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ |

## ଶ୍ରୀଲଙ୍କାର ଘାତକ ବୋଲିଂ

ଆବୁଧାବି,୧୮।୯ (ଏଜେନ୍ସି): ଏସିଆ କପ୍‌ର ସୁପର-୪ ସ୍ଥାନ ଲାଗି ଆଫଗାନିସ୍ତାନ ବିପକ୍ଷ ମୁକାବିଲାରେ ଶ୍ରୀଲଙ୍କା ଘାତକ ବୋଲିଂ ପ୍ରଦର୍ଶନ କରିଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଆଫଗାନିସ୍ତାନ ୬ ଓଭର ସୁଦ୍ଧା ୩ ୱିକେଟ ବିନିମୟରେ ୪୫ ରନ୍ କରିନେଇଛି। ଏହି ସମୟରେ ଇବ୍ରାହିମ ଜଦ୍ରାନ ୪ ଓ ଡାରୱି ରସୁଲି ୨ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଦୁଇ ଓପନର ରହମନୁଲ୍ଲା ଗୁରବାଜ ୧୪, ସେଦିକୁଲା ଅଟଲ ୧୮ ଓ ବ୍ୟାଟିଂ ଅର୍ଡରରେ ଉନ୍ନତି ପାଇ ନଂ-୩ରେ ବ୍ୟାଟିଂ କରିଥିବା କରିମ ଜାନତ ମାତ୍ର ୧ ରନ୍‌ରେ ଆଉଟ ହୋଇଛନ୍ତି। ଶ୍ରୀଲଙ୍କା ପକ୍ଷରୁ ଫାଷ୍ଟ ବୋଲର ନୁୱାନ ତୁଷାରା ୩ଟି ଯାକ ୱିକେଟ ଅକ୍ତିଆର କରିଛନ୍ତି।



ଏହା ପୂର୍ବରୁ ଖେଳାଯାଇଥିବା ଗ୍ରୁପ-ବି' ଲିଗ୍‌ରେ ଶ୍ରୀଲଙ୍କା ୨ଟି ମ୍ୟାଚ୍ ଜିତି ପ୍ରଥମ ସ୍ଥାନରେ ରହିଛି। ବାଂଲାଦେଶ ମଧ୍ୟ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି ଓ ଏବେ ସୁଦ୍ଧା ପଏଣ୍ଟ ଟେବଲରେ ଦ୍ୱିତୀୟ ସ୍ଥାନରେ ରହିଛି। ଆଫଗାନିସ୍ତାନ ତୃତୀୟ ସ୍ଥାନରେ ରହିଛି। ଆଫଗାନିସ୍ତାନ ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଗ୍ରୁପ୍-ବି' ପଏଣ୍ଟ ଟେବଲର ପ୍ରଥମ ସ୍ଥାନ ସହ ସୁପର-୪'ରେ ପ୍ରବେଶ କରିବ। ଶ୍ରୀଲଙ୍କା ପରାଜିତ ହେଲେ ୩ଟି ଦଳର ପଏଣ୍ଟ ସଂଖ୍ୟା ସମାନ ହେବ। କିନ୍ତୁ ଏବେ ଆଫଗାନିସ୍ତାନର ନେଟ୍‌ରନ୍‌ରେଟ +୨.୧୫୦ ରହିଛି। ଶ୍ରୀଲଙ୍କାର +୧.୫୪୬ ଓ ବାଂଲାଦେଶର -୦.୨୭୦ ରହିଛି। ୩ ଦଳର ପଏଣ୍ଟ ସଂଖ୍ୟା ସମାନ ହେଲେ ଆଫଗାନିସ୍ତାନ ଓ ଶ୍ରୀଲଙ୍କା ସୁପର-୪ରେ ପ୍ରବେଶ କରିବେ। ଏଠାରେ ଶ୍ରୀଲଙ୍କା ବିଜୟୀ ହେଲେ ବାଂଲାଦେଶ ସହ ସୁପର-୪'କୁ ଯିବ। ପୂର୍ବରୁ ଗ୍ରୁପ୍-ଏ'ରେ ଭାରତ ଓ ପାକିସ୍ତାନ ସୁପର-୪'ରେ ପ୍ରବେଶ କରିସାରିଛନ୍ତି। ଆସନ୍ତାକାଲି ଭାରତ ଓ ଓମାନ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହା ପରେ ସୁପର-୪'ରେ କିଏ କାହା ସହ ଖେଳିବ ତାହା ଏକପ୍ରକାର ସ୍ଥିର ହେବ।



ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍ ଲାଗି ନୂଆଦିଲ୍ଲୀରେ ଗୁରୁବାର ପଦକ ଉନ୍ମୋଚନ ଉତ୍ସବରେ ଉପସ୍ଥିତ କର୍ମକର୍ତ୍ତା ଓ ପାରା ଆଥଲେଟ୍‌ମାନେ

### ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## କ୍ୱାର୍ଟରରେ ସିନ୍ଧୁ, ସାତ୍ତ୍ୱିକ-ଚିରାଗ

ବେଜିଂ, ୧୮।୯ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଏଠାରେ ଚାଲିଥିବା ୧୧ କୋଟି ପୁରସ୍କାର ରାଶିବିଶିଷ୍ଟ ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ ଅନ୍ତିମ-୮ ରେ ସ୍ଥାନ ପକ୍କା କରିଛନ୍ତି। ଶୁକ୍ରବାର ଉଭୟ ଇଭେଣ୍ଟର କ୍ୱାର୍ଟର ଫାଇନାଲ ଖେଳାଯିବ। ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଲଢ଼େଇରେ ସିନ୍ଧୁ ମାତ୍ର ୪୧ ମିନିଟ୍ ମଧ୍ୟରେ ୨୧-୧୫, ୨୧-୧୫ ସିଧାସଳଖ ଗେମରେ ଥାଇଲାଣ୍ଡର ପୋର୍ନପାୱି ଚୋଚୁୱଙ୍ଗ୍‌ଙ୍କୁ ପରାସ୍ତ କରିଥିଲେ। ୩୦ ବର୍ଷୀୟା ସିନ୍ଧୁ କ୍ୱାର୍ଟରରେ ଅଲିମ୍ପିକ ଚାମ୍ପିଅନ ତଥା ବିଶ୍ୱର ଏକ ନମ୍ବର ଖେଳାଳି କୋରିଆର ଆନ ସି ୟଙ୍ଗ୍'ଙ୍କୁ ଭେଟିବେ। ପୂର୍ବରୁ ୟଙ୍ଗ୍'ଙ୍କ ବିପକ୍ଷରେ ଖେଳିଥିବା ୭ଟି ଯାକ ମୁକାବିଲା ସିନ୍ଧୁ ହାରିଛନ୍ତି। ତେଣୁ କ୍ୱାର୍ଟର ଲଢ଼େଇ ପୂର୍ବରୁ ସିନ୍ଧୁ ମାନସିକ ଭାବେ ବ୍ୟାକ୍‌ଫୁଟରେ ରହିଛନ୍ତି। ଅପରପକ୍ଷରେ ପୁରୁଷ ଡବଲ୍ସରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ମଧ୍ୟ ୨୧-୧୩, ୨୧-୧୨ ସିଧାସଳଖ ଗେମରେ ଘରୋଇ ଚାଇନାର ରେନ୍ ଜିଆଙ୍ଗ ଓ ଜି ହାଓନାନ ଯୋଡ଼ିଙ୍କୁ ହରାଇ ଅଗ୍ରଗତି କରିଥିଲେ।

### ଧ୍ରୁବ ଜୁରେଲ, ଦେବଦତ୍ତ ପଡିକାଲଙ୍କ ଦମ୍‌ଦାର ବ୍ୟାଟିଂ

## ଡ୍ର ଅଭିମୁଖେ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ



ଲକ୍ଷ୍ନୌ,୧୮।୯ (ଏଜେନ୍ସି): ୱିକେଟରକ୍ଷକ ଧ୍ରୁବ ଜୁରେଲ ଓ ଟପ୍ ଅର୍ଡର ବ୍ୟାଟର ଦେବଦତ୍ତ ପଡ଼ିକାଲଙ୍କ ଦମ୍‌ଦାର ବ୍ୟାଟିଂ ଫଳରେ ଏଠାରେ ଅଷ୍ଟ୍ରେଲିଆ-ଏ' ସହ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ-ଏ କଡ଼ା ଜବାବ ଦେଇଛି। ଏହି ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ' ୬ ୱିକେଟରେ ୫୩୨ ରନ୍ କରି ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଜବାବରେ ଜୁରେଲଙ୍କ ଅପରାଜିତ ୧୧୩, ପଡ଼ିକାଲଙ୍କ ଅପରାଜିତ ୮୬ ରନ୍ ବଳରେ ତୃତୀୟ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଭାରତ-ଏ' ପ୍ରଥମ ଇନିଂସରେ ୪ ୱିକେଟରେ ହରାଇ ୪୦୩ ରନ୍ କରିଛି। ଅବିଭକ୍ତ ୫ମ ୱିକେଟ ଯୋଡିରେ ପଡ଼ିକାଲ ଓ ଜୁରେଲ ୨୪୭ ବଲ୍‌ର ସାମନା କରି ୧୮୧ ରନ୍ ଉଠାଇଛନ୍ତି। ଜୁରେଲ ୧୩୨ ବଲ୍ ଖେଳି ୧୦ ଚୌକା ଓ ୪ ଛକା ସହାୟତାରେ ୧୧୩ ଓ ପଡ଼ିକାଲ ୧୭୮ ବଲ୍ ଖେଳି ୧୦ ଚୌକା ସହ ୮୬ ରନ୍‌ରେ ଶେଷଯାଏ ଅପରାଜିତ ରହିଥିଲେ। ଅଧିନାୟକ ଶ୍ରେୟସ ଆୟରଙ୍କୁ ବାଦ୍‌ଦେଲେ ଅନ୍ୟ ସମସ୍ତ ବ୍ୟାଟର କ୍ଲିକ୍ କରିଛନ୍ତି। ଆୟର ମାତ୍ର ୮ ରନ୍ କରିଆଉଟ ହୋଇଛନ୍ତି। ଦୁଇ ଓପନର ଅଭିମନ୍ୟୁ ଈଶ୍ୱରନ ୪୪ ଓ ଏନ୍ ଜଗଦୀଶନ ୬୪ ରନ୍ କରିଥିଲେ। ନଂ-୨ ସାଇ ସୁଦର୍ଶନଙ୍କ ବ୍ୟାଟରୁ ୭୩ ରନ୍ ମିଳିଥିଲା। ଏହି ୩ଜଣ ଖେଳାଳି ଭଲ ସ୍କୋର ପାଇଥିଲେ ମଧ୍ୟ ତାଙ୍କୁ ବଡ଼ ସ୍କୋରରେ ପରିଣତ କରିବାରେ ସମର୍ଥ ହୋଇ ନ ଥିଲେ। ଅଷ୍ଟ୍ରେଲିଆ-ଏ' ପକ୍ଷରୁ ଜାମିୟର ବାର୍ଟଲେଟ, କୋରୀ ରୋଚିସିଓଲି, ଲିଆମ ସ୍କଟ୍ ଓ କୁପର କନୋଲି ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଦଳ ପକ୍ଷରୁ ବ୍ୟାଟିଂରେ ୱିକେଟ ରକ୍ଷକ ଜୋଶ ଫିଲିପ୍ ଅପରାଜିତ ୧୨୩ ଓ ସାମ କୋନଷ୍ଟାସ୍ ୧୦୯ ରନ୍‌ର ଶତକୀୟ ପାଳି ଖେଳିଥିଲେ।

### ଫିଫା ର୍‍ୟାଙ୍କିଙ୍ଗ୍

## ୧୨ ବର୍ଷ ପରେ ଶୀର୍ଷକୁ ଫେରିଲା ସ୍ପେନ

ଜୁରିକ, ୧୮।୯ (ଏଜେନ୍ସି): ଦୀର୍ଘ ୧୨ ବର୍ଷର ବ୍ୟବଧାନ ପରେ ସ୍ପେନ ଫୁଟ୍‌ବଲ ଦଳ ଫିଫା ର୍‍ୟାଙ୍କିଙ୍ଗର ଶୀର୍ଷ ସ୍ଥାନକୁ ଫେରିଛି। ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ଗୁରୁବାର ସଦ୍ୟପ୍ରକାଶିତ ର୍‍ୟାଙ୍କିଙ୍ଗରେ ବିଶ୍ୱକପ୍ ଚାମ୍ପିଅନ ଆର୍ଜେଣ୍ଟିନାକୁ ହଟାଇ ସ୍ପେନ ଏକ ନମ୍ବର ସ୍ଥାନ ହାସଲ କରିଛି। ସ୍ପେନ ଦ୍ୱିତୀୟରୁ ଏକ ନମ୍ବରକୁ ଉଠିଛି। ସ୍ପେନ ଦଳ ନିକଟରେ ବୁଲଗେରିଆକୁ ୩-୦ ଓ ତୁର୍କୀକୁ ୬-୦ ଗୋଲ୍ ବ୍ୟବଧାନରେ ହରାଥିଲା। ଏଥିସହ ସ୍ପେନ ଏହାର ଅପରାଜେୟ ଧାରାକୁ ୨୭କୁ ବୃଦ୍ଧି କରିଛି। ଯେଉଁଥି ପାଇଁ ଦଳ ମାନ୍ୟତାରେ ଉପରକୁ ଉଠିଛି। ସେହିଭଳି ପ୍ରକାଶିତ ର୍‍ୟାଙ୍କିଙ୍ଗରେ ଫ୍ରାନ୍ସ ୩ୟରୁ ଦ୍ୱିତୀୟକୁ ଉଠିଥିବାବେଳେ ଆର୍ଜେଣ୍ଟିନା ଦୁଇଟି ସ୍ଥାନ ହରାଇ ତୃତୀୟକୁ ଖସିଯାଇଛି। ଇଂଲଣ୍ଡ, ପର୍ତ୍ତୁଗାଲ, ବ୍ରାଜିଲ, ନେଦରଲାଣ୍ଡସ, ବେଲ୍‌ଜିୟମ, କ୍ରୋଏସିଆ ଓ ଇଟାଲୀ ର୍‍ୟାଙ୍କିଙ୍ଗ୍‌ରେ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନ ମଧ୍ୟରେ ରହିଛନ୍ତି। ଅପରପକ୍ଷରେ ର୍‍ୟାଙ୍କିଙ୍ଗରେ ଭାରତୀୟ ଫୁଟବଲ୍ ଦଳ ଗୋଟିଏ ସ୍ଥାନ ହରାଇଛି। ଭାରତ ଏବେ ୧୩୪ତମ ସ୍ଥାନକୁ ଖସିଯାଇଛି। ଏସୀୟ ଦେଶଗୁଡ଼ିକ ମଧ୍ୟରେ ଭାରତ ୨୪ତମ ସ୍ଥାନରେ ରହିଛି।

## ବିଟିଏ ସଭାପତି ହେବେ ଲିଆଣ୍ଡର

କୋଲକାତା, ୧୮।୯ (ଏଜେନ୍ସି): କିଂବଦନ୍ତୀ ଖେଳାଳି ଲିଆଣ୍ଡର ପେସ ବେଙ୍ଗଲ ଟେନିସ ସଂଘ (ବିଟିଏ)ର ସଭାପତି ହେବା ରାସ୍ତା ପରିଷ୍କାର ହୋଇଯାଇଛି। ବୁଧବାର ତାଙ୍କ ନାମ ସଭାପତି ପଦ ଲାଗି ବିଟିଏର ଉତ୍ସବରେ ପ୍ରସ୍ତାବ ଦିଆଯାଇଥିଲା। ନଭେମ୍ବରରେ ବିଟିଏର ବାର୍ଷିକ ସାଧାରଣ ବୈଠକ ଓ ନିର୍ବାଚନ ହେବ ଓ ଏହା ପରେ ସେ ଆନୁଷ୍ଠାନିକ ଭାବେ ସଭାପତି ନିର୍ବାଚିତ ହେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଡବଲ୍ସ ଓ ମିକ୍ସଡ ଡବଲ୍ସରେ ୧୮ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିବା ଲିଆଣ୍ଡର ଦୀର୍ଘଦିନ ହେବ ବିଟିଏ ଉପସଭାପତି ଭାବେ ରହିଆସିଛନ୍ତି। ଆଜି ବିଟିଏ ସଭାପତି ଥିବା ହିରଣ୍ମୟ ଚାଟାର୍ଜୀଙ୍କୁ ବିଦାୟକାଳୀନ ଅବସର ଦେବା ଲାଗି ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ଶ୍ରୀ ଚାଟାର୍ଜୀ ସଭାପତି ପଦ ଲାଗି ଲିଆଣ୍ଡରଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଏହାକୁ ଉପସ୍ଥିତ ଥିବା ବିଟିଏର ସମସ୍ତ ସଦସ୍ୟମାନେ ସମର୍ଥନ ଦେଇଥିଲେ। ୨୦୨୪ରେ ଇଣ୍ଟରନ୍ୟାସନାଲ ହଲ ଅଫ୍ ଫେମ୍‌ରେ ସାମିଲ ହେବା ପରେ ବେଙ୍ଗଲ ଟେନିସର ଉନ୍ନତି ଲାଗି ଅନେକ କାମ କରିଛନ୍ତି। ତାଙ୍କ ସମ୍ବର୍ଦ୍ଧିତ କରିବା ଅବସରରେ ସେ ଆହୁରି ଅଧିକ କାମ କରିବେ ଓ ଆବଶ୍ୟକ ହେଲେ ବନ୍ଧୁ ସୌରଭ ଗାଙ୍ଗୁଲିଙ୍କଠାରୁ ସାହାଯ୍ୟ ନେବେ ବୋଲି ଲିଆଣ୍ଡର କହିଥିଲେ।

## ହଂକଂ ସିକ୍ସେସରେ ଖେଳିବେ ଅଶ୍ୱିନ

ନୂଆଦିଲ୍ଲୀ, ୧୮।୯ (ଏଜେନ୍ସି): ପୂର୍ବତନ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ସିକ୍ସ-ଏ-ସାଇଡ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ 'ହଂକଂ ସିକ୍ସେ'ର ଆଗାମୀ ସିଜନରେ ଭାରତୀୟ ଦଳ ପକ୍ଷରୁ ଖେଳିବେ। ୩୮ ବର୍ଷୀୟ ଅଶ୍ୱିନ ଘୋଷିତ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଅଶ୍ୱିନଙ୍କ ବ୍ୟତୀତ ୨୦୨୪ ସଂସ୍କରଣ ଖେଳିଥିବା ରବିନ ଉଥପ୍ପା, ମନୋଜ ତିୱାରୀ, ଶାହବାଜ ନଦୀମ ଓ ଷ୍ଟୁଆର୍ଟ ବିନ୍ନି ମଧ୍ୟ ଭାରତୀୟ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ହଂକଂ ସିକ୍ସେ ଟୁର୍ଣ୍ଣାମେଣ୍ଟ ନଭେମ୍ବର ୭ରୁ ୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଛ' ଓଭରବିଶିଷ୍ଟ ଏହି ମ୍ୟାଚରେ ଏଥିରେ ପ୍ରତ୍ୟେକ ଦଳରେ ୬ଜଣ ଖେଳାଳି ରହିବେ। ଆଇସିସି ମାନ୍ୟତା ପାଇଥିବା ଏହି ଟୁର୍ଣ୍ଣାମେଣ୍ଟ ୧୯୯୨ ମସିହାରୁ ଖେଳାଯାଇଆସୁଛି।

### ୱାର୍ଲ୍ଡ ଆଥଲେଟିକ୍ ଚାମ୍ପିଅନସିପ୍

## ନୀରଜ ୮ମ, ନଦୀମ ୧୦ମ

ନୂଆଦିଲ୍ଲୀ, ୧୮।୯ (ଏଜେନ୍ସି): ଭାରତର ଜାଭେଲିନ୍ ଷ୍ଟାର ନୀରଜ ଚୋପ୍ରା ଓ ପାକିସ୍ତାନର ନଦୀମ ଶ୍ରବଣ ଟୋକିଓରେ ଚାଲିଥିବା ୱାର୍ଲ୍ଡ ଆଥଲେଟିକ୍ ଚାମ୍ପିଅନସିପ୍‌ରେ ଯଥାକ୍ରମେ ୮ମ ଓ ୧୦ମ ସ୍ଥାନ ଅଧିକାର କରି ପଦକ ହାସଲ କରିବାରେ ବିଫଳ ହୋଇଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ନଦୀମ ସ୍ୱର୍ଣ୍ଣ ଓ ନୀରଜ ରୌପ୍ୟ ପଦକ ହାସଲ କରିଥିଲେ। ତ୍ରିନିଦାଦ୍ ଟବାଗୋର ପୂର୍ବତନ ଅଲିମ୍ପିକ୍ ଚାମ୍ପିଅନ କେଶରନ ୱାଲକଟ ୮୮.୧୬ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଗ୍ରେନେଡାର ଦୁଇ ଆଥଲେଟ୍ ଆଣ୍ଡରସନ ପିଟରସନ ୮୭.୩୮ ମିଟରକୁ ଜାଭେଲିନ୍ ଫିଙ୍ଗି ଦ୍ୱିତୀୟ ଓ ୮୬.୬୭ ମିଟର ଦୂରତାକୁ ଜାଭେଲିନ୍ ପକାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ନୀରଜ ୮୪.୦୩ ମିଟରକୁ ଜାଭେଲିନ୍ ଫିଙ୍ଗିବା ଫଳରେ ୨୭ଟି ପ୍ରତିଯୋଗିତା ପରେ ପ୍ରଥମଥର କୌଣସି ପଦକ ଜିତିବାରେ ଅସମର୍ଥ ହୋଇଛନ୍ତି। କିନ୍ତୁ ଭାରତର ଆଉଜଣେ ଭାରତୀୟ ପ୍ରତିଯୋଗୀ ସଚିନ ଯାଦବ ଏମାନଙ୍କୁ ପଛରେ ପକାଇଦେଇଛନ୍ତି। ୬ ଫୁଟ ଉଚ୍ଚତାବିଶିଷ୍ଟ ସଚିନ ୮୬.୨୭ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ଚତୁର୍ଥ ସ୍ଥାନରେ ରହିଛନ୍ତି। ନଦୀମ ୮୨.୭୫ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗିଥିଲେ।



ନୀରଜ ଚୋପ୍ରା



ସଚିନ ଯାଦବ

## ସର୍ବେଶ୍ୱରଙ୍କୁ ୫ ୱିକେଟ; ମାଇନର୍ସ ବିଜୟୀ

କଟକ,୧୮।୯ (ସମିସ):

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ କେନ୍ଦୁଝର ମାଇନର୍ସଙ୍କୁ ସହଜ ବିଜୟ ମିଳିଛି। ଗୁରୁବାର ଲିଗ୍‌ର ଦ୍ୱିତୀୟ ଦିବସର ପ୍ରଥମ ମୁକାବିଲାରେ ମାଇନର୍ସ ୪୫ ରନରେ ପୁରୀ ଟାଇଟନ୍ସକୁ ହରାଇ ୨ ପଏଣ୍ଟ ଅର୍ଜନ କରିଛି। ୧୨ ରନରେ ୫ ୱିକେଟ ଦଖଲ କରିଥିବା ବିଜୟୀ ଦଳର ସର୍ବେଶ୍ୱର ମହାନ୍ତି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଇପିଏସ୍ ଡ. ସୁଧାଂଶୁ ଷଡ଼ଙ୍ଗୀ ଅତିଥିଭାବେ ଯୋଗଦେଇ ସର୍ବେଶ୍ୱରଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ।

ଗୁରୁବାର ଅପରାହ୍ଣରେ ଅନୁଷ୍ଠିତ ଏହି ମ୍ୟାଚରେ ମାଇନର୍ସ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୪୫ ରନରେ ଦଳ ୪ ୱିକେଟ ହରାଇଥିଲା। ସୁଜଳ ସିଂହଙ୍କ ୪୮ ଏବଂ ଅନୀଲ ପରିଡାଙ୍କ ୩୭ ରନ ବଳରେ ମାଇନର୍ସ ୮ ୱିକେଟ ବିନିମୟରେ ୧୫୯ ରନ ସଂଗ୍ରହ କରିଥିଲା। ଜବାବରେ ପୁରୀ ଟାଇଟନ୍ସ ୧୧୪ ରନରେ ଅଲଆଉଟ ହୋଇଥିଲା। ଅଧିନାୟକ ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୨୫ ରନ କରିଥିଲେ। ଡାହାଣହାତୀ ମିଡିୟମ ପେସର ସର୍ବେଶ୍ୱର ୨.୧ ଓଭର ବୋଲିଂ କରି ପାଞ୍ଚ ୱିକେଟ ସଫଳତା ପାଇଥିଲେ। ସୟଦ ଟି ଅହମ୍ମଦଙ୍କୁ ୨ଟି ୱିକେଟ ମିଳିଥିଲା। ସମ୍ବଲପୁର ୱାରିୟର୍ସ ଏବଂ ରାଉରକେଲା ଷ୍ଟିଲର୍ସ ମଧ୍ୟରେ ମ୍ୟାଚ୍ ଜାରି ରହିଛି। ଏଥିପୂର୍ବରୁ ଗତକାଲି ଉଦ୍‌ଘାଟନୀ ଦିବସରେ ଅନୁଷ୍ଠିତ ଏକ ରୋମାଞ୍ଚକ ମ୍ୟାଚରେ କଟକ ପାନ୍ଥର୍ସ ଶେଷ ବଲ୍‌ରେ ରୋମାଞ୍ଚକ ଭାବେ ୩ ୱିକେଟ୍‌ରେ ଭୁବନେଶ୍ୱର ଟାଇଗର୍ସଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଶୁକ୍ରବାର ମଧ୍ୟ ଦୁଇଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଅପରାହ୍ଣ ୨ଟାରେ କଟକ ପାନ୍ଥର୍ସ ଓ ପୁରୀ ଟାଇଟନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ। ସେହିଭଳି ଭୁବନେଶ୍ୱର ଟାଇଗର୍ସ ଓ କେନ୍ଦୁଝର ମାଇନର୍ସ ମଧ୍ୟରେ ରାତି ୭ଟାରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ।



ଓଡ଼ିଶା ପ୍ରୋ ଟି-୨୦ ଲିଗ୍
ଆଜିର ମ୍ୟାଚ୍
କଟକ ପାନ୍ଥର୍ସ-ପୁରୀ ଟାଇଟନ୍ସ
ଆରମ୍ଭ: ଅପରାହ୍ଣ ୨ଟା
ଭୁବନେଶ୍ୱର ଟାଇଗର୍ସ-କେନ୍ଦୁଝର ମାଇନର୍ସ
ଆରମ୍ଭ: ରାତି ୭ଟା
ସ୍ଥାନ: ବାରବାଟୀ ଷ୍ଟାଡିୟମ
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS